ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, January 3/2025 | Page 14 | ₹ 7.00 | SAMBALPUR | ମୂଲ୍ୟ ₹୭/-
୫୧ଶ ଭାଗ ୪୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 41

# ନୂଆବର୍ଷରେ ୩ ଆକ୍ରମଣ ଆମେରିକାରେ ଆତଙ୍କ

ନୂଆବର୍ଷର ପ୍ରଥମ ଦିନରେ ଆମେରିକାକୁ ଥରାଇଦେଇଛି ୩ଟି ଆକ୍ରମଣ। ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଦ୍ୱାରା ଅନୁପ୍ରାଣିତ ଆମେରିକୀୟ ସେନାର ଜଣେ ପୂର୍ବତନ ସୈନ୍ୟ ନ୍ୟୁଅର୍ଲିନ୍ସରେ ଲୋକଙ୍କ ଉପରେ ଟ୍ରକ୍ ମଡ଼ାଇ ୧୬ ଜଣଙ୍କୁ ହତ୍ୟା କରିଥିବାବେଳେ ନ୍ୟୁୟର୍କର ଏକ ନାଇଟ୍ କ୍ଲବ୍‌ରେ ନବବର୍ଷ ପାଳନ କରୁଥିବା ଲୋକଙ୍କୁ ଆଖିବୁଜା ଗୁଳିମାଡ଼ କରାଯାଇଛି। ସେହିପରି ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲାସ୍‌ଭେଗାସ୍ ହୋଟେଲ ବାହାରେ ଏକ ଟେସ୍‌ଲା ସାଇବରଟ୍ରକ୍‌କୁ ବିସ୍ଫୋରଣରେ ଉଡ଼ାଇ ଦିଆଯାଇଛି। ମାତ୍ର ୨୪ ଘଣ୍ଟା ଭିତରେ ଘଟିଥିବା ଏହି ୩ ଘଟଣା ଆମେରିକା ପାଇଁ ଆଗକୁ ଆସନ୍ନ ବିପଦର ସୂଚନା ବୋଲି ମନେକରାଯାଉଛି।





ନ୍ୟୁଅର୍ଲିନ୍ସ ଆକ୍ରମଣ ଅଭିଯୁକ୍ତ ଶମ୍‌ସୁଦ୍ଦିନ୍ ଜବ୍ବର

ନ୍ୟୁଅର୍ଲିନ୍ସ/ଲାସ୍‌ଭେଗାସ୍/ୱାଶିଂଟନ୍,୨।୧

୨୦୨୫ ଜାନୁଆରୀ ୧ ସମୟ ଭୋର ୩ଟା ୧୫। ନବବର୍ଷ ପାଳନରେ ଆମେରିକୀୟମାନେ ମସ୍‌ଗୁଲ ଥିବାବେଳେ ନ୍ୟୁଅର୍ଲିନ୍ସର ବରବୋନ୍ ରାସ୍ତା ଉପରେ ଦ୍ରୁତଗତିରେ ମାଡ଼ିଆସିଥିଲା ଏକ ଟ୍ରକ୍। ଚାହୁଁ ଚାହୁଁ ଭିଡ଼ ଉପରେ ଚଢ଼ିଯାଇଥିଲା ସେହି ମୃତ୍ୟୁର ଯାନ। ଫୋର୍ଡ ଏଫ୍-୧୫୦ ଇଲେକ୍ଟ୍ରିକ୍ ପିକ୍‌ଅପ୍ ଚକ ତଳେ ଚାଲିଗଲା ୧୬ ଜଣଙ୍କ ଜୀବନ। ଏହି ଆକ୍ରମଣରେ ଆହତ ହେଲେ ଅନ୍ୟ ୩୫ ଜଣ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ଏହାର ତନାଘନା କରି ଉକ୍ତ ଟ୍ରକ୍‌ରୁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଏକ ପତାକା ପାଇଛି।

ଆମେରିକା ସେନାର ଭେଟେରାନ୍ ଶମ୍‌ସୁଦ୍ଦିନ୍ ଜବ୍ବର ଏହି କାଣ୍ଡ ଭିଆଇବା ପୂର୍ବରୁ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଥିଲେ। ସେଥିରେ ଜବ୍ବର କହିଥିଲେ, ସେ ଆଇଏସ୍ ଦ୍ୱାରା ଅନୁପ୍ରାଣିତ। ସେ ରାଷ୍ଟ୍ରପତିଙ୍କୁ ହତ୍ୟା କରିବାକୁ ଚାହାନ୍ତି। ଅନ୍ୟପକ୍ଷେ ଏହି ଗଣହତ୍ୟା ପରେ ପୋଲିସ ଆକ୍ରମଣକାରୀ ଜବ୍ବରଙ୍କୁ ଗୁଳିକରି ହତ୍ୟା କରିଥିଲା। ତାଙ୍କ ଟ୍ରକ୍‌ରୁ ତଦନ୍ତକାରୀମାନେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ମୁଦ୍ରାସ୍ଫୀତି ଓ ଜଳବାୟୁ ସଙ୍କଟ

# ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ ବଢ଼ିଲା

ଭୁବନେଶ୍ୱର,୨।୧ (ଅନିଲ ଦାସ)

ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କ ପେନ୍‌ସନ ବୃଦ୍ଧି କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ସଦନ ପଡ଼ିଆଠାରେ ଗୁରୁବାର ଅନୁଷ୍ଠିତ ୩୮ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ରାଜ୍ୟରେ ଜେଲ ଯାଇଥିବା (ବନ୍ଦୀ) ସ୍ୱାଧୀନତା ସଂଗ୍ରାମୀମାନଙ୍କ ପେନ୍‌ସନକୁ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହାସହିତ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀମାନେ ପୂର୍ବରୁ ୯ ହଜାର ଟଙ୍କା ପାଉଥିବା ବେଳେ ଏବେ ମାସକୁ ୧୫ ହଜାର ଟଙ୍କା ପାଇବେ। କେନ୍ଦ୍ର ସରକାରଙ୍କ ପେନ୍‌ସନ ପାଉଥିବା ସଂଗ୍ରାମୀମାନଙ୍କୁ (କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ରତା ସୈନିକ ସମ୍ମାନ) ରାଜ୍ୟ ସରକାର ମାସକୁ ଅତିରିକ୍ତ ୮ ହଜାର ଟଙ୍କା ପ୍ରତୀକ ଭତ୍ତା ପ୍ରଦାନ କରୁଥିଲେ। ଏହି ଭତ୍ତାକୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରି ମିସା ଆଇନରେ ଗିରଫ ହୋଇଥିବା ସମସ୍ତ ସଂଗ୍ରାମୀମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**



ମୋହନ ଚରଣ ମାଝୀ









## ସଂକ୍ଷେପରେ

### ୟେମେନ୍ ସହ ଆଲୋଚନା କରିବ ଇରାନ

**କେରଳ ନର୍ସ ମୃତ୍ୟୁଦଣ୍ଡ ପ୍ରସଙ୍ଗ**

ନୂଆଦିଲ୍ଲୀ,୨।୧

ୟେମେନ୍‌ରେ ଏକ ହତ୍ୟା ମାମଲାରେ କେରଳ ନର୍ସ ନିମିଶା ପ୍ରିୟାଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲାବେଳେ ଏହି ପ୍ରସଙ୍ଗରେ ଇରାନ ସରକାର ୟେମେନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଏହି ମାମଲାରେ ଇରାନ ସରକାର ଯଥାସମ୍ଭବ ସହାୟତା କରିବେ ବୋଲି କହିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ହତ୍ୟା ମାମଲାରେ ୨୦୧୭ରୁ ୟେମେନ୍ ଜେଲରେ ଥିବା ପ୍ରିୟାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଗତ ୩୧ ତାରିଖରେ ସେଠାର ରାଷ୍ଟ୍ରପତି ରଶଦ ଅଲ୍-ଆଲିମି ଅନୁମୋଦନ କରିଥିଲେ। ପ୍ରିୟାଙ୍କୁ ମୃତ୍ୟୁଦଣ୍ଡରୁ ମୁକୁଳାଇବାର ଏକମାତ୍ର ବିକଳ୍ପ ହେଲା ମୃତକ ତଲାଲ ଅବଡୋ ମେହଦିଙ୍କ ପରିବାରକୁ କ୍ଷତିପୂରଣ ଦେଇ କ୍ଷମା ପାଇବା। ଏଥିପାଇଁ ସମସ୍ତ ସହଯୋଗ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି।

### ଗାଜାରେ ଇସ୍ରାଏଲୀ ଆକ୍ରମଣ: ୧୮ ମୃତ

ଜେରୁଜେଲମ୍,୨।୧(ପି.ଟି.)

ଇସ୍ରାଏଲୀ ସେନା ଗୁରୁବାର ଗାଜା ଷ୍ଟ୍ରିପ୍ ଉପରେ ଆକ୍ରମଣ କରିବାରୁ ଅନ୍ୟୂନ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଛୋଟ ପିଲା ଏବଂ ହମାସ୍ ନିୟନ୍ତ୍ରିତ ପୋଲିସ ଫୋର୍ସର ୨ ଜଣ ଉଚ୍ଚପଦସ୍ଥ ଅଫିସର ଅଛନ୍ତି। ଇସ୍ରାଏଲ ଦ୍ୱାରା ମାନବୀୟ ଜୋନ୍ ଘୋଷିତ ହୋଇଥିବା ମୁୱାସିରେ ଲକ୍ଷାଧିକ ବିସ୍ଥାପିତ ଆଶ୍ର ନେଇଥିବାବେଳେ ସେମାନଙ୍କର ଏକ ଶିବିର ଉପରେ ପ୍ରଥମ ଆକ୍ରମଣ ହୋଇଥିଲା। ଦ୍ୱିତୀୟ ବୋମାମାଡ଼ କେନ୍ଦ୍ରୀୟ ଗାଜାରେ ହୋଇଛି, ଯେଉଁଥିରେ ୮ ପାଲେଷ୍ଟିନୀୟଙ୍କ ଜୀବନ ଯାଇଛି। ଅଲ୍-ଆକ୍ସା ମାର୍ଟାୟର୍ସ ହସ୍ପିଟାଲର ସୂଚନା ଅନୁଯାୟୀ, ମୃତକମାନେ ସହାୟତା ସାମଗ୍ରୀ ନେଇ ଆସୁଥିବା ଗାଡ଼ିଗୁଡ଼ିକୁ ସୁରକ୍ଷା ଦେବାରେ ସହଯୋଗ କରୁଥିଲେ। ତେବେ ଇସ୍ରଏଲୀ ସେନା ପକ୍ଷରୁ ଆକ୍ରମଣ ସମ୍ପର୍କରେ କୌଣସି ମନ୍ତବ୍ୟ ଦିଆଯାଇ ନାହିଁ। ୨୦୨୩ ଅକ୍ଟୋବର ୭ରୁ ଲାଗି ରହିଥିବା ହମାସ୍-ଇସ୍ରାଏଲ୍ ଯୁଦ୍ଧରେ ଗାଜାର ୪୫ ହଜାରରୁ ଉର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି।

### ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କ ଜାମିନ ଆବେଦନ ଖାରଜ

ଢାକା, ୨।୧

ବାଂଲାଦେଶରେ ହିନ୍ଦୁସନ୍ଥ ଚିନ୍ମୟ କୃଷ୍ଣ ଦାସ୍‌ଙ୍କୁ ଗୁରୁବାର ବଡ଼ ଝଟକା ଲାଗିଛି। ଚଟ୍ଟୋଗ୍ରାମର ମେଟ୍ରୋପଲିଟାନ ଅଦାଲତ ଚିନ୍ମୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ବାଂଲାଦେଶ ସୁପ୍ରିମକୋର୍ଟଙ୍କ ଏକ ୧୧ ଜଣିଆ ଆଇନଜୀବୀ ଦଳ ମେଟ୍ରୋପଲିଟାନ ଜଜ୍ ମହମ୍ମଦ ସୈଫୁଲ ଇସ୍‌ଲାମଙ୍କ ସମ୍ମୁଖରେ ୩୦ ମିନିଟ ଧରି ସେମାନଙ୍କ ପକ୍ଷକୁ ରଖିଥିଲେ। ଏହାପରେ ଅଦାଲତ ଚିନ୍ମୟଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ପ୍ରକାଶ ଯେ, ଦେଶଦ୍ରୋହ ଅଭିଯୋଗରେ ଚିନ୍ମୟଙ୍କୁ ଗତ ନଭେମ୍ବର ୨୫ରେ ଗିରଫ କରାଯାଇଥିଲା।

### ୩ ପିଲାଙ୍କୁ କୂଅରେ ପକାଇ ହତ୍ୟା କରିଥିବା ବାପାଙ୍କୁ ଫାଶୀ ଦଣ୍ଡାଦେଶ

ବେଙ୍ଗାଲୁରୁ, ୨।୧

୩ ପିଲାଙ୍କୁ କୂଅରେ ପକାଇ ହତ୍ୟା କରିଥିବା ଜଣେ ବାପାଙ୍କୁ ଗୁରୁବାର କର୍ନାଟକର ମାଙ୍ଗାଲୁରୁର ଏକ ସ୍ଥାନୀୟ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ହିତେଶ ଶେଟ୍ଟିଗର ନାମକ ଅଭିଯୁକ୍ତଙ୍କୁ ସେସନ୍ କୋର୍ଟ ବିଚାରପତି ସନ୍ଧ୍ୟା ଏସ୍. ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଛନ୍ତି। ୨୦୨୨ରେ ମାଙ୍ଗାଲୁରୁ ଜିଲା ମୁଲ୍କୀ ଥାନା ଥାଲାପଡ଼ି ଗ୍ରାମର ହିତେଶ ନିଜର ୩ ପିଲା ରଶ୍ମିତା(୪), ଉଦୟ(୧୧), ଦକ୍ଷିତ(୪)ଙ୍କୁ ଠେଲି କୂଅରେ ପକାଇଦେଇଥିଲେ। ସେ ସମାନ ଉପାୟରେ ସ୍ତ୍ରୀ ଲକ୍ଷ୍ମୀଙ୍କୁ ମଧ୍ୟ ହତ୍ୟା କରିବା ପାଇଁ ପ୍ରୟାସ କରିଥିଲେ। କରୋନା ସମୟରେ ନିଯୁକ୍ତି ହରାଇଥିବାରୁ ହିତେଶ ତାଙ୍କ ପରିବାରକୁ ଆବଶ୍ୟକ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରିପାରୁ ନ ଥିଲେ। ତେଣୁ ବାଧ୍ୟ ହୋଇ ସେ ଏପରି ଘଟାଇଥିଲେ ବୋଲି ସ୍ୱୀକାର କରିଥିଲେ।

# ଦିଲ୍ଲୀ, ପଶ୍ଚିମବଙ୍ଗରେ 'ଅନୁପ୍ରବେଶ' ରାଜନୀତି

ଅଶାନ୍ତ ପଡ଼ୋଶୀ ବାଂଲାଦେଶରେ ହିଂସା ଉପୁଜିବା ପରେ ସେଠାକାର ନାଗରିକ ଭାରତକୁ ଅନୁପ୍ରବେଶ କରୁଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସମୟରେ ଅଣଭାଜପା ଶାସିତ ୨ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ରାଜନୀତି ସରଗରମ ହୋଇଛି। କେନ୍ଦ୍ର ସରକାରଙ୍କ ଅଧୀନ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ବାଂଲାଦେଶୀଙ୍କୁ ପଶ୍ଚିମବଙ୍ଗରେ ଅନୁପ୍ରବେଶ କରାଇ ଅସ୍ଥିରତା ସୃଷ୍ଟିର ସୁଯୋଗ ଦେଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିବାବେଳେ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଆପ୍ରବାସୀମାନଙ୍କୁ ଜାତୀୟ ରାଜଧାନୀରେ ଥଇଥାନ ନିମନ୍ତେ ଶାସକ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସହଯୋଗ କରିଥିବା ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। ଅନୁପ୍ରବେଶକାରୀମାନେ ଏଣେତେଣେ ଆଶ୍ରୟ ନେଇ ଶୀତରେ ଥରୁଥିବାବେଳେ ଏହି ପ୍ରସଙ୍ଗ ଜାତୀୟ ରାଜନୀତିରେ ଉଷ୍ମତା ଭରିଦେଇଛି।

## ପଶ୍ଚିମବଙ୍ଗରେ ଅସ୍ଥିରତା ପାଇଁ ଅନୁପ୍ରବେଶକାରୀଙ୍କୁ ସୁଯୋଗ ଦେଉଛି ବିଏସ୍‌ଏଫ୍

**ମମତାଙ୍କ ଅଭିଯୋଗ**

ନୂଆଦିଲ୍ଲୀ,୨।୧(ପି.ଟି.)



ମମତା ବାନାର୍ଜୀ

ଅନୁପ୍ରବେଶକାରୀମାନେ ଯେପରି ଭାରତରେ ପ୍ରବେଶ କରି ପଶ୍ଚିମବଙ୍ଗରେ ଅସ୍ଥିରତା ସୃଷ୍ଟି କରିବେ, ସେଥିଲାଗି ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ସେମାନଙ୍କୁ ଅନୁମତି ଦେଉଥିବା ଗୁରୁବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି। ବିଏସ୍‌ଏଫ୍ ଅଧୀନରେ ଥିବା ସୀମାନ୍ତ ଅଞ୍ଚଳ ଇସ୍‌ଲାମପୁର, ସିତାଇ ଏବଂ ଚୋପ୍ରା ଦେଇ ଅନୁପ୍ରବେଶକାରୀମାନଙ୍କୁ ପ୍ରବେଶ ସୁଯୋଗ ଦିଆଯାଉଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିବା ସହ ଏହା ପଛର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରସ୍ତୁତ ନୀଳନକ୍ସାର ଏହା ଏକ ଅଂଶବିଶେଷ ବୋଲି ସେ ସମାଲୋଚନା କରିଛନ୍ତି। ସୀମା ଦେଇ ସେମାନେ ପଶ୍ଚିମବଙ୍ଗ ଭିତରକୁ ଗୁଣ୍ଡା ଓ ହତ୍ୟାକାରୀମାନଙ୍କୁ ପଠାଉଛନ୍ତି। କେନ୍ଦ୍ର ସରକାରଙ୍କ ସମର୍ଥନରେ ବିଏସ୍‌ଏଫ୍‌ର ଏହା ଏକ ଭିତିରି କାର୍ଯ୍ୟ। ବିନା ଯୋଜନାରେ ଏଭଳି କାର୍ଯ୍ୟ ସମ୍ଭବ ହେବ ନାହିଁ। ଏହି ଧାରା ଜାରି ରହିଲେ ବିଏସ୍‌ଏଫ୍ ବିରୋଧରେ ଟିଏମ୍‌ସି ବିକ୍ଷୋଭ କରିବ ବୋଲି ମମତା ଚେତାବନୀ ଦେଇଛନ୍ତି।

ଯଦି କେହି ଭାବୁଥାନ୍ତି, ଅନୁପ୍ରବେଶକାରୀ ପଶ୍ଚିମବଙ୍ଗରେ ପ୍ରବେଶକରି ତୃଣମୂଳ କଂଗ୍ରେସକୁ ବଦନାମ କରିବେ, ତେବେ ସେମାନଙ୍କୁ ସତର୍କ କରାଇଦିଆଯାଉ ଯେ, ଏସବୁ କାର୍ଯ୍ୟ ଟିଏମ୍‌ସି କରୁନାହିଁ। ବିଏସ୍‌ଏଫ୍‌ର ଭୁଲ୍‌କାର୍ଯ୍ୟକୁ ସମର୍ଥନ କରି ଟିଏମ୍‌ସିକୁ ନିନ୍ଦା କରନାହିଁ। ସୀମା ସୁରକ୍ଷା ପ୍ରସଙ୍ଗ ନେଇ ସେ ବାରମ୍ବାର କେନ୍ଦ୍ର ସରକାରଙ୍କୁ ସତର୍କ କରାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଥିବା ମମତା କହିଛନ୍ତି।



ନୂଆଦିଲ୍ଲୀର ଏକ ବସ୍ତିରେ ବାସିନ୍ଦାଙ୍କ ଆବାସିକ ପ୍ରମାଣପତ୍ର ଯାଞ୍ଚ କରାଯାଉଛି।

## ରୋହିଙ୍ଗ୍ୟା ଥଇଥାନ ନେଇ ଆପ୍-ଭାଜପା ମୁହାଁମୁହିଁ

ନୂଆଦିଲ୍ଲୀ,୨।୧



ଅରବିନ୍ଦ କେଜ୍‌ରିୱାଲ

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ରୋହିଙ୍ଗ୍ୟା ଆପ୍ରବାସୀମାନଙ୍କ ଥଇଥାନକୁ ନେଇ ରାଜନୀତି ଜୋର୍ ଧରିଛି। ନିର୍ବାଚନରେ ରୋହିଙ୍ଗ୍ୟା ଏବଂ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରିବାକୁ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସେମାନଙ୍କୁ ଜାତୀୟ ରାଜଧାନୀରେ ଥଇଥାନ ନିମନ୍ତେ ସହଯୋଗ କରିଥିବା ଭାଜପା ଅଭିଯୋଗ ଆଣିଛି। ଇତିମଧ୍ୟରେ ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ନିର୍ଦ୍ଦେଶକ୍ରମେ ଦିଲ୍ଲୀ ପୋଲିସ ବେଆଇନ ଆପ୍ରବାସୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବହିଷ୍କାର କରିବା ନିମନ୍ତେ ଅଭିଯାନ ଆରମ୍ଭ କରିଛି।

ଭୋଟର ତାଲିକାରୁ ନାଁ କାଟି ଯେକୌଣସି ପ୍ରକାରେ ନିର୍ବାଚନ ଜିତିବାକୁ ଭାଜପା ଉଦ୍ୟମ କରୁଥିବା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ବାରମ୍ବାର ଅଭିଯୋଗ କରିବା ପରେ ଶାସକ ଦଳ ଏହାର ଜବାବ ଦେଇଥିଲା। ଭୋଟ ପାଇଁ ଦିଲ୍ଲୀ ସରକାର ଜାତୀୟ ରାଜଧାନୀରେ ରୋହିଙ୍ଗ୍ୟା ଆପ୍ରବାସୀମାନଙ୍କୁ ଥଇଥାନ କରୁଥିବା କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଅଭିଯୋଗ କରିଥିଲେ। ଭୋଟର ତାଲିକାରୁ ସେମାନଙ୍କ ନାଁ କାଟିଦେବା ଗଣତନ୍ତ୍ର ପାଇଁ ଭଲ ହେବ ବୋଲି ସେ କହିଥିଲେ।



ଲଣ୍ଡନର କିଲ୍‌ଗୋର କଲେଜରେ ନବବର୍ଷ ପାଳନ ବେଳେ ଛାତ୍ରୀମାନେ ନୃତ୍ୟ ପରିବେଶଣ କରୁଛନ୍ତି। ଏହି ବାର୍ଷିକ ପରେଡ୍ କାର୍ଯ୍ୟକ୍ରମରେ ବ୍ରିଟେନ୍, ଆମେରିକା ଏବଂ ୟୁରୋପର ୧୦,୦୦୦ ପ୍ରତିଯୋଗୀ ଭାଗ ନେଇଥିବାବେଳେ ପ୍ରାୟ ୫ ଲକ୍ଷ ଲୋକ ଉପଭୋଗ କରିଛନ୍ତି।

### କଙ୍ଗୋରେ ୧୩ ସୈନିକଙ୍କୁ ମୃତ୍ୟୁଦଣ୍ଡ

କିନ୍‌ଶାସା, ୨।୧

ସୈନ୍ୟ ଅନୁଶାସନ ଲାଗୁ କରିବା ପାଇଁ ଡେମୋକ୍ରାଟିକ୍ ରିପବ୍ଲିକ ଅଫ୍ କଙ୍ଗୋରେ ୧୩ଜଣ ସୈନିକଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଇଛି। ଦେଶର ଉତ୍ତର-ପୂର୍ବାଞ୍ଚଳ ଲୁବେରୋ ସହରର ଏକ ସାମରିକ ଟ୍ରିବ୍ୟୁନାଲ ହତ୍ୟା, ଲୁଟ୍ ଏବଂ ସାଥୀ ସୈନ୍ୟମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଉଥିବା ଅଭିଯୋଗରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସୈନିକମାନେ ବାରମ୍ବାର ପଳାୟନ କରୁଥିବାର କଙ୍ଗୋକୁ କ୍ଷତି ସହିବାକୁ ପଡ଼ୁଛି। ତେଣୁ ସେନା ଅନୁଶାସନକୁ ସୁଦୃଢ଼ କରିବା ପଦକ୍ଷେପ ସଦୃଶ ଏହି ଦଣ୍ଡାଦେଶ ଦିଆଯାଇଛି।

## ରିସର୍ଟ ମ୍ୟାନେଜରଙ୍କୁ ହତ୍ୟା କଲା ପୋଲିସ

ନୂଆଦିଲ୍ଲୀ,୨।୧

ହିମାଚଳପ୍ରଦେଶର ଡାଲ୍‌ହାଉସି ନିକଟ ବାନିଖେତ୍‌ର ଏକ ଘରୋଇ ରିସର୍ଟରେ ନୂଆବର୍ଷ ଉତ୍ସବ ପାଳନ ବେଳେ ଖାଦ୍ୟ ଓ ମଦ ପରିବେଷଣ କରିବାକୁ ନେଇ ପୋଲିସ କର୍ମଚାରୀଙ୍କ ଆକ୍ରମଣରେ ରିସର୍ଟ ମ୍ୟାନେଜରଙ୍କ ମୃତ୍ୟୁ ଘଟିବା ସହ ରିସେପ୍‌ଶନିଷ୍ଟ ଆହତ ହୋଇଛନ୍ତି। ଏହି ଘଟଣାରେ ୨ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି।

ରିସର୍ଟ ମାଲିକଙ୍କ କହିବା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ୩ ପୋଲିସ କର୍ମଚାରୀ ରିସର୍ଟରେ ପହଞ୍ଚି ଖାଦ୍ୟ ଓ ମଦ ଦାବିକରିଥିଲେ। ବିଳମ୍ବ ରାତିସହ ରିସର୍ଟରେ କର୍ମଚାରୀ ନ ଥିବାରୁ ରିସେପ୍‌ଶନିଷ୍ଟ ସଚିନ ସେମାନଙ୍କ ନିବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ଏହାକୁ ନେଇ ପୋଲିସ ଏବଂ ସଚିନଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତ୍ୟକ୍ତ ପୋଲିସ ଅଧିକାରୀ ସଚିନଙ୍କୁ ବାଡ଼େଇଥିଲେ। ବୁଝାଶୁଝା କରିବାକୁ ରିସର୍ଟ ଜେନେରାଲ ମ୍ୟାନେଜର ରାଜିନ୍ଦର ସେଠାରେ ପହଞ୍ଚିଥିଲେ ମଧ୍ୟ ସେ ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଧସ୍ତାଧସ୍ତି ବେଳେ ପଡ଼ିଯାଇଥିବା ରାଜିନ୍ଦରଙ୍କୁ ମୃତ ଘୋଷଣା କରାଯାଇଛି।

ଏହି ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ଚାମ୍ବା-ପଠାନକୋଟ୍ ଜାତୀୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ତୁରନ୍ତ ୨ କନ୍‌ଷ୍ଟେବଲ ଅନୁପ ଏବଂ ଅମିତ୍‌ଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଛି। ସେମାନେ ନିଶାଗ୍ରସ୍ତ ଥିଲେ ବୋଲି ସ୍ଥାନୀୟ ଅଧିକାରୀ ବିଶ୍ୱାସ କରୁଛନ୍ତି। ଚାମ୍ବା ଏସ୍‌ପି ସମ୍ପୃକ୍ତ ପୋଲିସ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଡାଲେୱାଲଙ୍କ ଅନଶନ ଭାଙ୍ଗିବା ନେଇ କୃଷକ ନେତା ଭୁଲ ଧାରଣା ସୃଷ୍ଟି କରୁଛନ୍ତି

**ପଞ୍ଜାବ ଅଧିକାରୀଙ୍କୁ ଦାୟୀ କଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୨।୧(ପି.ଟି.)

କୃଷକ ନେତା ଜଗଜିତ ସିଂ ଡାଲେୱାଲଙ୍କ ଅନଶନ ଭାଙ୍ଗିବା ପାଇଁ ଉଦ୍ୟମ ହେଉଛି ବୋଲି ପଞ୍ଜାବର କେତେଜଣ ଅଫିସର ଓ ଚାଷୀ ନେତାମାନେ ଭୁଲ୍ ଧାରଣା ସୃଷ୍ଟି କରୁଛନ୍ତି। ସୁପ୍ରିମକୋର୍ଟ ଗୁରୁବାର ଏହା କହିବା ସହ ପଞ୍ଜାବ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଅଦାଲତ ଡାଲେୱାଲଙ୍କ ଅନଶନ ଭାଙ୍ଗିବାକୁ କଦାପି କହିନାହାନ୍ତି। କୋର୍ଟ କେବଳ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଡାକ୍ତରୀ ସହାୟତା ଯୋଗାଇଦେବାକୁ ଚାହିଁଥିଲେ ବୋଲି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ପଞ୍ଜାବ ସରକାରଙ୍କ ଅଧିକାରୀ ଏବଂ କେତେଜଣ ଚାଷୀ ନେତା ଗଣମାଧ୍ୟମକୁ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ସ୍ଥିତିକୁ ଅଧିକ ଜଟିଳ କରିବାକୁ ଉଦ୍ୟମ କରୁଥିବା ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି। ତେବେ ଏଭଳି କୌଣସି ଉଦ୍ୟମ ହୋଇ ନ ଥିବା ପଞ୍ଜାବ ସରକାରଙ୍କ ଆଡଭୋକେଟ ଜେନେରାଲ ଖଣ୍ଡପୀଠଙ୍କୁ କହିବା ସହ ଡାଲେୱାଲଙ୍କ ଅନଶନ ନ ଭାଙ୍ଗି ତାଙ୍କୁ ଡାକ୍ତରୀ ସହାୟତା ଯୋଗାଇଦେବା ନିମନ୍ତେ ବୁଝାଶୁଝା କରାଯାଉଥିବା କହିଛନ୍ତି। ଡାଲେୱାଲଙ୍କୁ ନିକଟବର୍ତ୍ତୀ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ସର୍ବୋଚ୍ଚ ଅଦାଲତ ଡିସେମ୍ବର ୨୦ରେ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାହାର ଅନୁପାଳନ ହୋଇଛି କି ନାହିଁ, ସତ୍ୟପାଠ ଜରିଆରେ ଜଣାଇବା ପାଇଁ ଖଣ୍ଡପୀଠ ରାଜ୍ୟ ମୁଖ୍ୟ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ପଡ଼ୋଶୀଙ୍କ କଟାମୁଣ୍ଡ ଧରି ଥାନାକୁ ଗଲେ ବାପପୁଅ

ନାସିକ,୨।୧

ମହାରାଷ୍ଟ୍ରର ନାସିକ ଜିଲାରେ ନୂଆବର୍ଷରେ ବୀଭତ୍ସ କାଣ୍ଡ ଭିଆଇଛନ୍ତି ବାପପୁଅ। ଡିଣ୍ଡୋରିସ୍ଥିତ ନାନାଶି ଗ୍ରାମରେ ବୁଧବାର ସକାଳେ ସେମାନେ ନିଜ ପଡ଼ୋଶୀଙ୍କୁ ହତ୍ୟା କରିବା ପରେ ତାଙ୍କ କଟାମୁଣ୍ଡ ଧରି ଥାନାକୁ ଆତ୍ମସମର୍ପଣ କରିବାକୁ ଯାଇଛନ୍ତି। ପୋଲିସ ଅଭିଯୁକ୍ତ ସୁରେଶ ବୋକେ(୪୦)ଙ୍କୁ ଗିରଫ କରିଥିବାବେଳେ ପୁଅଙ୍କ ବୟସ ସ୍ପଷ୍ଟ ହୋଇ ନ ଥିବାରୁ ତାଙ୍କୁ ଅଟକ ରଖିଛି।

ନାସିକସ୍ଥିତ ନାନାଶି ଗ୍ରାମର ଗୁଲାବ ରାମଚନ୍ଦ୍ର ୱାଘମରେ(୩୫) ଓ ସୁରେଶଙ୍କ ପାରିବାରିକ ବିବାଦ ଲାଗିରହିଥିଲା। ଉଭୟେ ଡିସେମ୍ବର ୩୧ରେ ଥାନାରେ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ଏହାର ଦିନକ ପରେ ସୁରେଶ ତାଙ୍କ ଝିଅଙ୍କୁ ରାମଚନ୍ଦ୍ର ଧରି ଫେରାର ହେବାକୁ ଉଦ୍ୟମ କରୁଥିବା ସନ୍ଦେହକରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ। ଯୋଜନା ମୁତାବକ ସୁରେଶ ଏବଂ ତାଙ୍କ ପୁଅ କୁରାଢ଼ି ଓ ଦାଆରେ ରାମଚନ୍ଦ୍ରଙ୍କୁ ହାଣି ହତ୍ୟା କଲେ। ଏତିକି ନୁହେଁ, ଉଭୟେ ତାଙ୍କ ମୁଣ୍ଡକୁ କାଟିବା ପରେ ତାକୁ ଧରି ଆତ୍ମସମର୍ପଣ ପାଇଁ ସ୍ଥାନୀୟ ଫାଣ୍ଡିକୁ ଗଲେ। ଇତିମଧ୍ୟରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତଙ୍କ ଘରେ ନିଆଁ ଲଗାଇଦେଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ସ୍ଥାନୀୟ ପୋଲିସ ଓ ରାଜ୍ୟ ରିଜର୍ଭ ପୋଲିସ ବଳ (ଏସ୍‌ଆର୍‌ପିଏଫ୍)କୁ ସେଠାରେ ମୁତୟନ କରାଯାଇଛି। ମୃତ ରାମଚନ୍ଦ୍ରଙ୍କ ସ୍ତ୍ରୀ ମୀନାବାଇ(୩୪)ଙ୍କ ଏତଲାକ୍ରମେ ପେଠ ଥାନା ପୋଲିସ ବୁଧବାର ରାତିରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୁରକ୍ଷା କାରଣରୁ ୨ ଅଭିଯୁକ୍ତଙ୍କୁ ଡିଣ୍ଡୋରି ଥାନରେ ରଖାଯାଇଥିଲା। ଗୁରୁବାର ଦୁହିଁଙ୍କୁ ଏକ କୋର୍ଟରେ ହାଜର କରାଯାଇଛି।

## ସ୍ପିଡ୍‌ବ୍ରେକର ଯୋଗୁ ହୃଦ୍‌ଘାତ ମୃତକଙ୍କ ଜୀବନ ଫେରିଲା

ନୂଆଦିଲ୍ଲୀ,୨।୧



ମହାରାଷ୍ଟ୍ର କୋହ୍ଲାପୁର ଅଞ୍ଚଳର ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କୁ ହୃଦ୍‌ଘାତ ହେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶେଷକୃତ୍ୟ ପାଇଁ ପଣ୍ଡୁରଙ୍ଗ ଉଲ୍‌ପେ ନାମକ ଉକ୍ତ ବ୍ୟକ୍ତିଙ୍କ ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଘରକୁ ନିଆଯାଉଥିଲାବେଳେ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳିଥିଲା। ସ୍ପିଡ୍ ବ୍ରେକର ଅତିକ୍ରମ ବେଳେ ଜର୍କି ଯୋଗୁ ଆମ୍ବୁଲାନ୍ସରେ ସୃଷ୍ଟି ହୋଇଥିବା କମ୍ପନ ଉଲ୍‌ପେଙ୍କୁ ବଞ୍ଚାଇ ଦେଇଛି। ଅଚଳ ଶରୀରରେ ହଲଚଲ ହେବା ଦେଖି ପରିବାର ସଦସ୍ୟ ତୁରନ୍ତ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ନେଇଥିଲେ। ଗତ ୧୬ ତାରିଖରେ ଏହି ଘଟଣା ଘଟିଥିଲା। ଦ୍ୱିତୀୟ ହସ୍ପିଟାଲରେ ଉଲ୍‌ପେଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଭର୍ତ୍ତି କରାଯାଇ ଆଞ୍ଜିଓପ୍ଲାଷ୍ଟି କରାଯାଇଥିଲା। ୧୫ ଦିନ ହସ୍ପିଟାଲରେ ରହିବା ପରେ ଉଲ୍‌ପେ ଘରକୁ ଫେରିଛନ୍ତି।

ଉଲ୍‌ପେ କହିଛନ୍ତି, ସେ ଚଲାବୁଲା କରି ଘରକୁ ଫେରିବା ପରେ ବସି ଚା' ପିଇଥିଲେ। ଏହା ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ଅଶନିଃଶ୍ୱାସୀ ଲାଗିଥିଲା। ସେ ବାଥ୍‌ରୁମ୍‌କୁ ଯାଇ ବାନ୍ତି କରିଥିଲେ। ଏହା ପରେ କ'ଣ ଘଟିଲା ଏବଂ କେଉଁମାନେ ତାଙ୍କୁ ହସ୍ପିଟାଲ ନେଲେ, ସେ ଜାଣନ୍ତି ନାହିଁ ବୋଲି କହିଛନ୍ତି। ପ୍ରଥମେ ତାଙ୍କୁ ମୃତ ଘୋଷଣା କରିଥିବା ହସ୍ପିଟାଲ ଘଟଣା ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇନାହିଁ।

**ଫୁର୍‌ସତ**

## ବିବାହ କଲେ ଅର୍‌ମାନ



**ମୁମ୍ବାଇ:** ନୂଆବର୍ଷର ଦ୍ୱିତୀୟ ଦିନରେ ବଲିଉଡ୍‌ର ଲୋକପ୍ରିୟ ଗାୟକ ଅର୍‌ମାନ ମଲିକ ତାଙ୍କ ପ୍ରଶଂସକଙ୍କୁ ଖୁସି ଖବର ଦେଇଛନ୍ତି। ସେ ତାଙ୍କ ଦୀର୍ଘଦିନର ବାନ୍ଧବୀ ତଥା ଫେଶନ ବ୍ଲଗର ଆଶନା ଶ୍ରଫଙ୍କୁ ବିବାହ କରିଛନ୍ତି। ଏନେଇ ଉଭୟ ଅରମାନ ଏବଂ ଆଶନା ଇନ୍‌ଷ୍ଟାଗ୍ରାମରେ ମିଳିତ ଭାବେ ପୋଷ୍ଟ କରି ସେମାନଙ୍କ ବିବାହର ଅନେକ ଫଟୋ ଶେୟାର କରିଛନ୍ତି। ଦିନ ସମୟରେ ଏକ ଖୋଲା ପରିବେଶରେ ଉଭୟଙ୍କ ବିବାହ ସମାରୋହ ଅନୁଷ୍ଠିତ ହୋଇଥିଲା। ଉଭୟେ ମାଇକ ଧରି ପରସ୍ପରକୁ ସ୍ୱାମୀ ଏବଂ ସ୍ତ୍ରୀ ଭାବେ ସହଯୋଗ କରିବେ ବୋଲି ଶପଥ ନେଉଥିବା ନଜରକୁ ଆସିଛନ୍ତି। ଏହି ଅବସରରେ ଉଭୟ କମଳା ରଙ୍ଗର ପୋଷାକ ପିନ୍ଧିଥିଲେ। ଆଶନା ଏକ ଗାଢ଼ କମଳା ରଙ୍ଗର ଲେହେଙ୍ଗା ପିନ୍ଧିଥିବାବେଳେ ଅରମାନ ହାଲୁକା କମଳା ରଙ୍ଗର ଶେରୱାନି ପିନ୍ଧି ଚମତ୍କାର ଦେଖା ଯାଉଥିଲେ। ଦୁହେଁ ପରିବାର ଏବଂ ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ବିବାହ କରିଥିଲେ। ଏହି ପୋଷ୍ଟରେ ବଲିଉଡ୍‌ର ବହୁ ତାରକା ଏବଂ ଅରମାନଙ୍କ ପ୍ରଶଂସକମାନେ କମେଣ୍ଟ ମାଧ୍ୟମରେ ନବ ବିବାହିତ ଦମ୍ପତିଙ୍କୁ ଶୁଭକାମନା ଜଣାଇଛନ୍ତି। ୨୦୨୩ ଅଗଷ୍ଟରେ ଅରମାନ ଆଶନାଙ୍କୁ ପ୍ରପୋଜ କରିଥିଲେ। ଏହାପରେ ସେ ଆଶନାଙ୍କ ପାଇଁ 'କସମ ସେ-ଦି ପ୍ରପୋଜାଲ' ନାମକ ଏକ ମ୍ୟୁଜିକ୍ ଭିଡିଓ ରିଲିଜ୍ କରିଥିଲେ। ପ୍ରାୟ ୨ ମାସ ପରେ ଏହି ଦମ୍ପତି ଆନୁଷ୍ଠାନିକ ଭାବେ ପରସ୍ପର ସହ ନିର୍ବନ୍ଧ କରିଥିଲେ। ସେବେଠାରୁ ଦୁହେଁ ଲିଭ୍ ଇନ୍ ରିଲେଶନ୍‌ଶିପରେ ଥିଲେ। ଉଭୟଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳୁଥିଲା। ପ୍ରକାଶ ଯେ, ଅର୍‌ମାନ ହେଉଛନ୍ତି ପ୍ରସିଦ୍ଧ ଗାୟକ ଅନୁ ମଲିକଙ୍କ ପୁତ୍ରୁରା।

## ଗର୍ଲଫ୍ରେଣ୍ଡଙ୍କ ସହ ୟୁଟ୍ୟୁବର ମିଷ୍ଟର ବିଷ୍ଟଙ୍କ ନିର୍ବନ୍ଧ



**ୱାଶିଂଟନ:** ବିଶ୍ୱର ସର୍ବାଧିକ ସବ୍‌ସ୍କ୍ରାଇବର ଥିବା ଲୋକପ୍ରିୟ ୟୁଟ୍ୟୁବର ମିଷ୍ଟର ବିଷ୍ଟ(ଜିମି ଡୋନାଲ୍ଡସନ୍) ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ସେ ତାଙ୍କ ଗର୍ଲଫ୍ରେଣ୍ଡ ତଥା ଚର୍ଚ୍ଚିତ ଦକ୍ଷିଣ ଆଫ୍ରିକୀୟ ଗେମର ଥିଆ ବୋୟସେନ୍‌ଙ୍କ ସହ ନିର୍ବନ୍ଧ ହୋଇଥିବା ନେଇ ଗୁରୁବାର ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରି ମିଷ୍ଟର ବିଷ୍ଟ ଏହି ନିର୍ବନ୍ଧ ସମାରୋହର କିଛି ଫଟୋ ଶେୟାର କରିଛନ୍ତି। କ୍ୟାପ୍‌ଶନରେ ମିଷ୍ଟର ବିଷ୍ଟ ଲେଖିଛନ୍ତି, କିଛି କରି ଦେଖାଇବାକୁ ସମର୍ଥ ହେଲି। ଆପଣମାନଙ୍କ ଆଶୀର୍ବାଦ ଓ ଶୁଭକାମନା ଦରକାର କରୁଛି। କେତେକ ଗଣମାଧ୍ୟମରେ ରିପୋର୍ଟ ଅନୁଯାୟୀ, ଉଭୟେ ଗତ କ୍ରିସ୍‌ମସ୍‌ରେ ଆମେରିକାର ନର୍ଥ କାରୋଲିନା ରାଜ୍ୟ ଗ୍ରିଣ୍ଟରଭିଲସ୍ଥିତ ମିଷ୍ଟର ବିଷ୍ଟଙ୍କ ଘରେ ପରିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଏହି ନିର୍ବନ୍ଧ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଥିଆ କହିଛନ୍ତି, କ୍ରିସ୍‌ମସ୍ ପାଳିବା ସହ ଏହି ନିର୍ବନ୍ଧ ପାଇଁ ସେ ଓ ତାଙ୍କ ପରିବାର ଗ୍ରିଣ୍ଟରଭିଲ ଆସିଥିଲେ। ଏହି ଅବସରରେ ଉଭୟଙ୍କ ପରିବାର ଓ ବନ୍ଧୁ ବାନ୍ଧବଙ୍କ ସମ୍ମୁଖରେ ମିଷ୍ଟର ବିଷ୍ଟ ଥିଆଙ୍କୁ ରିଙ୍ଗ୍ ପିନ୍ଧାଇବା ସହ ବିବାହ ପାଇଁ ପ୍ରପୋଜ୍ କରିଥିଲେ। ଉକ୍ତ ପ୍ରପୋଜକୁ ଥିଆ ସ୍ୱୀକାର କରିଥିଲେ। ଏହି ମୁହୂର୍ତ୍ତ ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା ବୋଲି ମିଷ୍ଟର ବିଷ୍ଟ କହିଛନ୍ତି। ଥିଆ କହିଛନ୍ତି, ତାଙ୍କର ବିବାହ ମିଷ୍ଟର ବିଷ୍ଟଙ୍କ ସହ ଖୁବ୍‌ଶୀଘ୍ର ହେବାକୁ ଯାଉଛି। ତେବେ ସେମାନେ ନିଜ ବିବାହକୁ ବିଶେଷ ଜାକଜମକରେ ନ କରିବାକୁ ସ୍ଥିର କରିଛନ୍ତି। ପରିବାର ସଦସ୍ୟ, ନିକଟ ସମ୍ପର୍କୀୟ ଏବଂ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ କୌଣସି ଏକ ଦ୍ୱୀପରେ ନିରାଡ଼ମ୍ବର ଭାବେ ବିବାହ କରିବାକୁ ସେମାନେ ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଥିଆ କହିଛନ୍ତି। ପ୍ରକାଶ ଯେ, ୨୦୨୨ରେ ନିଜ ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ମିଷ୍ଟର ବିଷ୍ଟ ପ୍ରଥମ ଥର ପାଇଁ ଥିଆଙ୍କୁ ଭେଟିଥିଲେ।




# ଓଡ଼ିଶାର ୧୫ ଜିଲା ଭୂତଳଜଳରେ ବିପଜ୍ଜନକ ନାଇଟ୍ରେଟ୍

## ଶିଶୁ, ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ

ନୂଆଦିଲ୍ଲୀ,୨।୧

ଦେଶବ୍ୟାପୀ ୪୪୦ ଜିଲାର ଭୂତଳଜଳରେ ନାଇଟ୍ରେଟ୍ ମାତ୍ରା ଅଧିକ ରହିଛି। ତନ୍ମଧ୍ୟରେ ଓଡ଼ିଶାର ୧୫ ଜିଲା ରହିଛି। ଏହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବଲାଙ୍ଗୀର, ବରଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ସଂଗୃହୀତ ନମୁନାଗୁଡ଼ିକ ମଧ୍ୟରୁ ୨୦ ପ୍ରତିଶତରେ ଅନୁମତିଯୋଗ୍ୟ ନାଇଟ୍ରେଟ୍ ସାନ୍ଦ୍ରତାଠାରୁ ଅଧିକ ଉପାଦାନ ରହିଛି, ଯାହାକି ଜନସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ବିଶେଷକରି ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଇଁ ଏହା ହାନିକାରକ ବୋଲି ସେଣ୍ଟ୍ରାଲ ଗ୍ରାଉଣ୍ଡୱାଟର ବୋର୍ଡ (ସିଜିଡବ୍ଲ୍ୟୁବି) ପକ୍ଷରୁ ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ଭୂତଳଜଳରେ ନାଇଟ୍ରେଟ୍‌ଜନିତ ପ୍ରଦୂଷଣ କେବଳ ମାନବ ସମାଜ ପାଇଁ ନୁହେଁ, ପରିବେଶ ଲାଗି ମଧ୍ୟ କ୍ଷତିକାରକ। ବିଶେଷକରି ନାଇଟ୍ରୋଜେନ୍‌ଯୁକ୍ତ ସାର ବ୍ୟବହାର ଓ ପ୍ରାଣୀଙ୍କ ବର୍ଜ୍ୟ ବ୍ୟବହୃତ କୃଷିପ୍ରଧାନ ଅଞ୍ଚଳରେ ନାଇଟ୍ରେଟ୍‌ର ମାତ୍ରା ବେଶି ରହିଲେ ବିପଦ ଆଶଙ୍କା ମଧ୍ୟ ଅଧିକ ରହିଥାଏ। ଏହି ବିଷୟ ଆନୁଆଲ



ଗ୍ରାଉଣ୍ଡ୍‌ୱାଟର କ୍ୱାଲିଟି ରିପୋର୍ଟ-୨୦୨୪ରେ ପ୍ରଘଟ ହୋଇଛି। ଏହି ବାର୍ଷିକ ରିପୋର୍ଟରେ ଆହୁରି କୁହାଯାଇଛି, ୯.୦୪% ନମୁନାରେ ଫ୍ଲୋରାଇଡ୍ ସ୍ତର ନିରାପତ୍ତା ସୀମାଠାରୁ ଅଧିକ ରହିଛି। ଅନୁମତିଯୋଗ୍ୟ ମାତ୍ରାଠାରୁ ଅଧିକ ଫ୍ଲୋରାଇଡ୍ ଉପାଦାନ ମିଳିଥିବା ଓଡ଼ିଶାର ୧୦ ଜିଲା ହେଲା, ଅନୁଗୋଳ, ବଲାଙ୍ଗୀର ବରଗଡ଼, ଝାରସୁଗୁଡ଼ା, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ସେହିପରି ୩.୫୫% ସାମ୍ପୁଲରେ ଆର୍ସେନିକ୍ ମାତ୍ରା ଅଧିକ ରହିଥିବା ଜଣାପଡ଼ିଛି।

୨୦୨୩ ମେ'ରେ ସାରା ଦେଶର ୧୫,୨୫୯ ସ୍ଥାନକୁ ଭୂତଳଜଳ ଅନୁଧ୍ୟାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଚୟନ କରାଯାଇଥିଲା। ସେଗୁଡ଼ିକ ମଧ୍ୟରୁ ୨୫% କୂଅ (ବିଆଇଏସ୍ ୧୦୫୦୦ ଅନୁସାରେ ଅଧିକାଂଶ ବିପଦପୂର୍ଣ୍ଣ) ରହିଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ୪,୯୮୨ ଟ୍ରେଣ୍ଡ୍ ଷ୍ଟେଶନ୍‌ରେ ଭୂତଳଜଳକୁ ମୌସୁମୀ ପୂର୍ବରୁ ଓ ପରେ ଏହାର ପ୍ରଭାବ ସମ୍ପର୍କିତ ପରୀକ୍ଷା କରାଯାଇଥିଲା। ରିପୋର୍ଟରୁ ଜଣାପଡ଼ିଛି ଯେ, ଜଳର ୨୦% ନମୁନାରେ ନାଇଟ୍ରେଟ୍ ସୀମା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ୍ସ (ବିଆଇଏସ୍) ଦ୍ୱାରା ପାନୀୟ ଜଳ ସକାଶେ ନିର୍ଦ୍ଧାରିତ ଲିଟର ପିଛା (ଏମ୍‌ଜି/ଏଲ୍) ୪୫ ମିଲିଗ୍ରାମଠାରୁ ଅଧିକ ରହିଛି।

# ଦିଲ୍ଲୀ କର୍ତ୍ତବ୍ୟପଥରେ ଗଡ଼ିବନି ଓଡ଼ିଶା ପ୍ରଜ୍ଞାପନ ମେଢ଼

## ଓଡ଼ିଶା ପଠାଇଥିବା ମଡେଲକୁ ପ୍ରତ୍ୟାଖ୍ୟାନ କଲା ପ୍ରତିରକ୍ଷା ମନ୍ତ୍ରଣାଳୟ

ଭୁବନେଶ୍ୱର,୨।୧ (ଅନୁରାଧା ମହାରଣା)

ଚଳିତବର୍ଷ ଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ପରେଡରେ ଗଡ଼ିବନି ଓଡ଼ିଶାର ପ୍ରଜ୍ଞାପନ ମେଢ଼। ରାଜ୍ୟ ସରକାର ପଠାଇଥିବା ପ୍ରଜ୍ଞାପନ ମେଢ଼ ମଡେଲକୁ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରତ୍ୟାଖ୍ୟାନ କରିଥିବା ସୂଚନା ମିଳିଛି। ଗତବର୍ଷ କର୍ତ୍ତବ୍ୟପଥରେ ଐତିହ୍ୟଗ୍ରାମ ରଘୁରାଜପୁର ହସ୍ତକଳାକୁ ନେଇ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ପଟଚିତ୍ର ସହିତ ହସ୍ତଶିଳ୍ପ ଏବଂ କୁଟୀର ଶିଳ୍ପକୁ ପ୍ରଜ୍ଞାପନ ମେଢରେ ଦର୍ଶାଯାଇଥିଲା। ଓଡ଼ିଶାର ଏହି ପ୍ରଜ୍ଞାପନ ମେଢ଼ ପ୍ରଥମ ପୁରସ୍କାର ହାସଲ କରିବାରେ ସଫଳ ହୋଇଥିଲା। ମାତ୍ର ୨୦୨୫ ସାଧାରଣତନ୍ତ୍ର ଦିବସ ପାଇଁ ଓଡିଶା ପକ୍ଷରୁ ମାଣିଆବନ୍ଧ ଶାଢ଼ି, ହସ୍ତଶିଳ୍ପ ଓ ମନ୍ଦିରମାଳିନୀ ଭୁବନେଶ୍ୱର ମଡେଲ ପ୍ରଦାନ କରାଯାଇଥିଲା। ତେବେ କେଉଁ କାରଣରୁ ଏହା ଗ୍ରହଣୀୟ ହେଲା ନାହିଁ ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନାନୁଯାୟୀ, ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ 'ଭାରତ ପର୍ବ' ଗଣତନ୍ତ୍ର ଦିବସ ପାଳନ କରିବାର ଏକ ଅଂଶ ହୋଇଥିବାବେଳେ ଜାନୁଆରୀ ୨୬ରୁ ୩୧ ପର୍ଯ୍ୟନ୍ତ ଦିଲ୍ଲୀର ଲାଲକିଲ୍ଲା ନିକଟରେ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବ। ଚଳିତବର୍ଷ ୧୫ଟି ରାଜ୍ୟର ପ୍ରଜ୍ଞାପନ ମେଢ଼କୁ କର୍ତ୍ତବ୍ୟପଥରେ ପ୍ରଦର୍ଶନ କରିବା ପାଇଁ ଅନୁମତି ମିଳିଛି। ଏହାସହ ୧୧ଟି ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟର ମଡେଲ ମଧ୍ୟ ପରେଡରେ ସାମିଲ ହେବ ବୋଲି ସୂଚନା ଦିଆଯାଇଛି।

# ଆଜି ଉଦ୍‌ଘାଟନ ହେବ କୃଷି ଓଡ଼ିଶା-୨୦୨୫

ଭୁବନେଶ୍ୱର,୨।୧ (ସୁନିତ୍ ମିଶ୍ର)

ରାଜ୍ୟ କୃଷି ବିଭାଗ ଦ୍ୱାରା ଶୁକ୍ରବାରଠାରୁ ୩ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ କୃଷି ଓଡ଼ିଶା-୨୦୨୫ର ଆୟୋଜନ ହେବ। ଏହାକୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦ୍‌ବୋଧନ ଦେବେ। କୃଷି ଓଡ଼ିଶା-୨୦୨୫ର ବିଷୟବସ୍ତୁ ରହିଛି ଚିରନ୍ତନ ଖାଦ୍ୟ ପ୍ରଣାଳୀ ପାଇଁ ଏକ ପ୍ରୟାସ। ପ୍ରଥମ ଦିନର ବିଷୟବସ୍ତୁ ଜଳବାୟୁ ଉପଯୋଗୀ ଖାଦ୍ୟ ପଦ୍ଧତି ଓ ଜଳବାୟୁ ତ୍ୱରିତ ଉଦ୍ୟାନକୃଷି ରହିବ। ୨ୟ ଦିବସ ମୃତ୍ତିକା ସ୍ୱାସ୍ଥ୍ୟ, ପ୍ରାକୃତିକ କୃଷି ଓ ଏହାର ମୂଲ୍ୟଶୃଙ୍ଖଳା ଏବଂ ୩ୟ ଦିନରେ ପାଣି ପଞ୍ଚାୟତ ପକ୍ଷ ପାଳନ ସହ ଧାରାବାହିକ ଜଳ ଶାସନ ନୀତି ବିଷୟ ରହିବ।

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨।୧ (ଅନିଲ ଦାସ)

- **ଏନ.ବି.ଏସ୍. ରାଜପୁତ୍‌ଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ଅତିରିକ୍ତ ଦାୟିତ୍ୱ**
- **ବଦଳିଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଗୁରୁବାର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୯ ବ୍ୟାଚ୍‌ଆଇଏଏସ୍ ଅଫିସର ତଥା ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଥିବା ଏନ.ବି.ଏସ୍. ରାଜପୁତ୍‌ଙ୍କୁ ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସାଧାରଣ ଉଦ୍ୟୋଗ ବିଭାଗ ପ୍ରମୁଖ ସଚିବ ଥିବା ଟି. ଆଓଙ୍କୁ ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଇପିକଲ୍ ଏମ୍‌ଡି, ଇଡ୍‌କୋ ଏମ୍‌ଡି ଏବଂ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଥିବା ଭୂପେନ୍ଦ୍ର ସିଂ ପୁନିଆଁଙ୍କୁ ଦକ୍ଷତା ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ୨୦୧୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ଓଡ଼ିଶା କୃଷି ନିଗମ ନିର୍ଦ୍ଦେଶକ ସହ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅରିନ୍ଦମ ଡାକୁଆଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଅରିନ୍ଦମ ଡାକୁଆଙ୍କୁ ୨୦୨୪ ଜୁଲାଇରେ ନିଯୁକ୍ତି ମିଳିଥିଲା। ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ପାରିନାହିଁ।

# ପ୍ରେମ ପାଇଁ ପାକିସ୍ତାନ ଯାଇ ଜେଲରେ ଯୁବକ

ପ୍ରଥମେ ଫେସ୍‌ବୁକରେ ଫ୍ରେଣ୍ଡଶିପ୍। କିଛି ଦିନର ଚାର୍ଟିଂ ପରେ ପ୍ରେମ। ପାକିସ୍ତାନୀ ଯୁବତୀଙ୍କ ସହ ନିବିଡ଼ତା ବଢ଼ିବାରୁ ସେଠାକାର ପଞ୍ଜାବ ପ୍ରଦେଶର ମଣ୍ଡି ବହାଉଦ୍ଦିନ ଜିଲାକୁ ଯାଇ ଫସିଯାଇଛନ୍ତି ଉତ୍ତର ପ୍ରଦେଶ ଆଲିଗଡ଼ର ଜଣେ ଯୁବକ। ଯୁବତୀ ଜଣକ ତାଙ୍କୁ ବିବାହ କରିବାକୁ ଚାହୁଁ ନ ଥିବା କହିବା ପରେ ପଞ୍ଜାବ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଜେଲରେ ରଖିଛି। ଏହି ଘଟଣା କୌଣସି ହିନ୍ଦୀ ସିନେମାର କାହାଣୀ ଭଳି ନୂଆବର୍ଷରେ ଲୋକଲୋଚନକୁ ଆସିଛି।

ଲାହୋର, ୨।୧ (ପି.ଟି.)

ପାକିସ୍ତାନର ପଞ୍ଜାବ ପ୍ରଦେଶ ମଣ୍ଡି ବହାଉଦ୍ଦିନ ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଜଣେ ଭାରତୀୟ ଯୁବକ ନିଜ ଫେସ୍‌ବୁକ ପ୍ରେମିକାଙ୍କୁ ବିବାହ ନିବେଦନ କରିବା ପାଇଁ ବିନା ଭିଜାରେ ପାକିସ୍ତାନ ଯାଇ ଫସି ଯାଇଛନ୍ତି। ବେଆଇନ ଭାବେ ପାକିସ୍ତାନରେ ପ୍ରବେଶ କରିଥିବାରୁ ତାଙ୍କୁ ଗିରଫ କରାଯାଇଛି।

ଉତ୍ତର ପ୍ରଦେଶ ଆଲିଗଡ଼ ଜିଲା ନଗଲା ଖଟ୍‌କରୀ ଗ୍ରାମର ବାଦଲ ବାବୁ(୩୦) ପେସ୍‌ବୁକରେ ପାକିସ୍ତାନୀ ଯୁବତୀ ସାନା ରାନୀ(୨୧)ଙ୍କୁ ପ୍ରେମ କରୁଥିଲେ। ସାନାଙ୍କୁ ଭେଟି ତାଙ୍କୁ ବିବାହ ନିବେଦନ କରିବା ପାଇଁ ସେ ଗତ ସପ୍ତାହରେ ସୀମାପାର୍ କରି ପାକିସ୍ତାନର ପଞ୍ଜାବ ପ୍ରଦେଶ ମଣ୍ଡି ବହାଉଦ୍ଦିନ ଜିଲାରେ ସାନାଙ୍କ ଗ୍ରାମ ମୌଙ୍ଗରେ ପହଞ୍ଚିଥିଲେ। ତେବେ ବେଆଇନ ଭାବେ ପାକିସ୍ତାନରେ ପ୍ରବେଶ କରିଥିବାରୁ ସେଠାରୁ ବାଦଲଙ୍କୁ ସ୍ଥାନୀୟ ପୋଲିସ


ବାଦଲ ବାବୁ

ଗିରଫ କରିଥିଲା। ଗିରଫ ପରେ ବାଦଲ ସାନାଙ୍କ ସହ ନିଜ ପ୍ରେମ କାହାଣୀକୁ ପଞ୍ଜାବ ପୋଲିସକୁ ଜଣାଇଛନ୍ତି। ଜେରା ବେଳେ ବାଦଲ କହିଛନ୍ତି, ଫେସ୍‌ବୁକରେ ସାନା ଓ ସେ ପରସ୍ପରକୁ ପ୍ରେମ କରୁଥିଲେ। ସେମାନଙ୍କର ଦୀର୍ଘ ଦିନର ଫେସ୍‌ବୁକ ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା। ସେ ଓ ସାନା ସେମାନଙ୍କ ସମ୍ପର୍କକୁ ଆଗକୁ ବଢ଼ାଇବାକୁ ଚାହୁଁଥିଲେ। ତେଣୁ ସେ ପାକିସ୍ତାନ ଆସି ସାନାଙ୍କୁ ଭେଟି ତାଙ୍କୁ ସରପ୍ରାଇଜ ଦେବାକୁ ଚାହୁଁଥିଲେ। ଏହାସହ ସେ ସାନା ଓ ତାଙ୍କ ପରିବାର ନିକଟରେ ବିବାହ ପାଇଁ ପ୍ରସ୍ତାବ ପକାଇବାକୁ ମଧ୍ୟ ଠିକ୍ କରିଥିଲେ ବୋଲି ବାଦଲ କହିଛନ୍ତି। ବାଦଲଙ୍କ ବୟାନ ଆଧାରରେ ପଞ୍ଜାବ ପୋଲିସ ସାନାଙ୍କର ବୟାନ ରେକର୍ଡ କରିଛି। ସାନା ତାଙ୍କ ବୟାନରେ କହିଛନ୍ତି, ଗତ ଅଢ଼େଇ ବର୍ଷ ଧରି ସେ ଏବଂ ବାଦଲ ଫେସ୍‌ବୁକ ବନ୍ଧୁ ଭାବେ ବହୁ ଚାର୍ଟିଂ କରିଛନ୍ତି। ତେବେ ବାଦଲଙ୍କୁ ବିବାହ କରିବାକୁ ସେ କେବେ ଚାହିଁନାହାନ୍ତି ବୋଲି ସାନା କହିଛନ୍ତି। ତେବେ ପାକିସ୍ତାନରେ ପ୍ରବେଶ କରିବା ପରେ ବାଦଲ ସାନାଙ୍କୁ ଭେଟିଛନ୍ତି କି ନାହିଁ ସେନେଇ ପଞ୍ଜାବ ପୋଲିସ ସ୍ପଷ୍ଟ କରିନାହିଁ। ବିଭିନ୍ନ ସୂତ୍ର ଅନୁଯାୟୀ, ଏକ ପାକିସ୍ତାନୀ ଗୋଇନ୍ଦା ଏଜେନ୍ସି ବାଦଲଙ୍କ ସହ ସମ୍ପର୍କକୁ ନେଇ ସାନା ଓ ତାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି।

ଜେରା ସମୟରେ ବାଦଲ ପାକିସ୍ତାନ ପୋଲିସକୁ ଭିଜା କିମ୍ବା କୌଣସି ଦସ୍ତାବିଜ୍ ଦେଖାଇବାରେ ବିଫଳ ହୋଇଥିଲେ। ତେଣୁ ପାକିସ୍ତାନୀ ବିଦେଶୀ ଅଧିନିୟମ, ୧୯୪୬ର ଧାରା ୧୩ ଏବଂ ୧୪ ଅନୁଯାୟୀ ପଞ୍ଜାବ ପୋଲିସ ବାଦଲଙ୍କୁ ଗିରଫ କରିଥିଲା। ମଣ୍ଡି ବହାଉଦ୍ଦିନ ଜିଲା ଅଦାଲତ ବାଦଲଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି। ଆସନ୍ତା ୧୦ରେ ତାଙ୍କୁ ପୁଣି ଅଦାଲତରେ ହାଜର କରାଯିବ ବୋଲି ପଞ୍ଜାବ ପୋଲିସ ମୁଖପାତ୍ର ଅଜମଲ ୱହିଦ କହିଛନ୍ତି।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଜ୍ଞାନ ଓ ବିଜ୍ଞାନ ସମ୍ବଳିତ ପଞ୍ଚଦିବସୀୟ ଗୀତା କଥା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ଓଡ଼ିଶା ୨୦୨୫ ଉଦ୍‌ଘାଟନ, ସ୍ଥାନ: ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜୟ ଭାରତୀ ସମ୍ମିଳନୀ କକ୍ଷ, ବାୟାବାବା ମଠ ଲେନ୍, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା ୩୦।
- କଳିଙ୍ଗ ଭାରତୀ ଫାଉଣ୍ଡେଶନ ପକ୍ଷରୁ କଳା ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ୟୁନିଟ୍-୮, ସମୟ: ଅପରାହ୍ନ ୫ଟା।

## କଟକ
- ଚିନ୍ମୟ ମିଶନ କଟକ ଓ ଜଗତପୁର ମିଳିତ ଆନୁକୂଲ୍ୟରେ ଗୀତା ଜ୍ଞାନ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କଟକ କଳାବିକାଶ କେନ୍ଦ୍ର, ସମୟ: ସକାଳ ୭ଟା ୩୦।
- ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ପୂର୍ବତନ ବିଧାୟକ ବିଶ୍ୱନାଥ ପଣ୍ଡିତଙ୍କର ୧୦୬ତମ ଜୟନ୍ତୀ, ସ୍ଥାନ: ପଣ୍ଡିତଜୀଙ୍କ ବାସଭବନ, ଚାନ୍ଦିନୀଚୌକ, ସମୟ: ସକାଳ ୯ଟା।
- ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୬ତମ କଟକ ମହୋତ୍ସବର ଉଦ୍‌ଘାଟନ, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ନବମ ଜିଲା ପରିଷଦ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ନ ୧୧ଟା।

## ପୁରୀ
- ନିମାପଡ଼ା କଳାକାର ମହାସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସମାରୋହ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ନିମାପଡ଼ା, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ୩୫ତମ ଚନ୍ଦ୍ରଭାଗା ଉତ୍ସବର ସପ୍ତମ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ, ରୂପସା, ସମୟ: ଅପରାହ୍ନ ୨ଟା ୩୦।
- ଜାମୁନିଆ ଆଞ୍ଚଳିକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜାମୁନିଆ ଖେଳ ପଡ଼ିଆ, ରୂପସା, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି ଶିବଦୁର୍ଗା ହାଇସ୍କୁଲ, ସମୟ: ସକାଳ ୯ଟା ୩୦।
- ହସନାବାଦ ପଞ୍ଚାୟତସ୍ତରୀୟ ବନ୍ଧୁମିଳନ, ସ୍ଥାନ: ହସନାବାଦ ପାର୍କ, ସମୟ: ପୂର୍ବାହ୍ନ ୧୧ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଆଗରପଡ଼ା ଯୁବ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ରାଙ୍କିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସର, କେନ୍ଦୁଝର ସଦର, ସମୟ: ପୂର୍ବାହ୍ନ ୧୦ଟା।
- ସୁନାମୁଖୀ ଠାକୁରାଣୀ ଓଷା, ସ୍ଥାନ: ସ୍ୱାମ ନାଏକ ସାହି, ପାଟଣା, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ୩୪ତମ ବାର୍ଷିକୋତ୍ସବ,ସ୍ଥାନ: ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ,କୁଆମରା,ସମୟ: ପୂର୍ବାହ୍ନ ୧୧ଟା।
- କପ୍ତିପଦା ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ:ଉଦଳା ଏନ୍‌ଏସି ସନ୍ଧାନୀ ସଭାଗୃହ, ସମୟ:ଅପରାହ୍ନ ୩ଟା ୩୦।
- ୟଙ୍ଗ ମାସ୍ ଆସୋସିଏସନର ୪ର୍ଥ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ମୟୂର କେମିକାଲ କ୍ୟାମ୍ପସ, ବେତନଟୀ, ସମୟ: ସନ୍ଧ୍ୟା ୬ଟା।
- ବୈଶିଙ୍ଗା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ବୈଶିଙ୍ଗା ମହୁରୀ ପଡ଼ିଆ,ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ଅଲ୍ ଓଡ଼ିଶା ପୋଲିସ ହ୍ୟାଣ୍ଡବଲ୍ ଓ କବାଡ଼ି ପ୍ରତିଯୋଗିତା ଉଦଘାଟନ, ସ୍ଥାନ: ଢେଙ୍କାନାଳ ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା ୪୫।
- ଭାରୋତ୍ତୋଳନକାରୀ ପ୍ରୀତିସ୍ମିତାଙ୍କୁ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଢେଙ୍କାନାଳ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତସିଂହପୁର
- ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ ଉପଲକ୍ଷେ ମାରାଥନ, ସ୍ଥାନ: ହନୁମାନ ମନ୍ଦିର ପାଖ ବେଳାଭୂମି ରାସ୍ତା, ପାରାଦୀପ, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା
- ବିପ୍ଳବୀ କବି ଆନନ୍ଦଚନ୍ଦ୍ର କ୍ରିକେଟ୍ କପ ଟୁର୍ଣ୍ଣାମେଣ୍ଟ, କନିକା କ୍ରିକେଟ୍ କ୍ଳବ, ରାଜକନିକା ସହ ମା' ଖରାଖାଇ କ୍ରିକେଟ୍ କ୍ଳବ, ଆଳି ମଧ୍ୟରେ ଖେଳ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା।

## ଯାଜପୁର
- କୁଆଖିଆ ମହୋତ୍ସବର ୧୧ତମ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ସାରଙ୍ଗପୁର ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଧର୍ମଶାଳା ମହୋତ୍ସବରେ ବଲିଉଡ ଗାୟିକା ଅନ୍ୟନ୍ୟା ଚକ୍ରବର୍ତ୍ତୀ ନାଇଟ୍, ସ୍ଥାନ: ଧର୍ମଶାଳା ବ୍ଳକ ଅଧୀନ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ସଡ଼କ ସୁରକ୍ଷା ଉପରେ ମିନି ମାରାଥନ, ସ୍ଥାନ: ନୟାଗଡ଼ ସହର ପରିକ୍ରମା ପରେ ନୟାଗଡ଼ ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନରେ ସମାବେଶ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କର ପେଣ୍ଟିଂ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମରୁ ,ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ଲୋଗାନ ମାଧ୍ୟମରେ ସଡ଼କ ସୁରକ୍ଷା ପ୍ରତିଯୋଗିତା, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଭଣ୍ଡାର ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଓଡ଼ଗାଁ ବ୍ଳକ ଶରଣକୁଳ ଲଡୁବାବା ଯାତ୍ରା ପଡ଼ିଆ, ସମୟ:ଅପରାହ୍ନ ୫ଟା।
- ଯାନବାହାନ ଚାଳକଙ୍କର ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ନୟାଗଡ଼ ନୂଆ ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

## ନବରଙ୍ଗପୁର
- ପ୍ରଶାସନ ପକ୍ଷରୁ ଶିଶୁଗୃହ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୬ଟା।
- ମହାନଗର ନିଗମ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ସକାଳ ୮ଟା।
- ଦାନିପାଲି ଶ୍ରୀଲଡ୍ଡୁ ଗୋପାଳ ସେବା ସମିତି ପକ୍ଷରୁ ନବକୁଣ୍ଡିୟ ଶତଚଣ୍ଡୀ ମହାଯଜ୍ଞ, ସ୍ଥାନ: ମନ୍ଦଲିଆ ପଡିଆ, ସମୟ: ସକାଳ ୯ଟା।
- କେନ୍ଦୁପତ୍ର ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: କୁଚିଣ୍ଡା ଶ୍ରମିକ ଭବନ,ସମୟ: ପୂର୍ବାହ୍ନ ୧୧ଟା।
- ଲୋକ ମହୋତ୍ସବ ଆୟୋଜନ କମିଟିର ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ: ଅପରାହ୍ନ ୩ଟା ୩୦।
- ଶ୍ରୀମଦ ଭାଗବତ କଥା, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁରୀ ଧନୁଯାତ୍ରାର କଳାକାର ବୈଠକ, ସ୍ଥାନ:ପୁରୁଣା ମ୍ୟୁନିସିପାଲିଟି ଅଫିସ ପରିସର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ସାୟର୍ ଅବଦୁଲ ଜମାଲ ଖାନ୍‌ଙ୍କ ସାୟରୀ ସଙ୍କଳନ ଉନ୍ମୋଚନହ୍, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୬ଟା।

## ସୁବର୍ଣ୍ଣପୁର
- ସଡ଼କ ସୁରକ୍ଷା ମାସ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଡୁଙ୍ଗୁରିପାଲି ବ୍ଳକ ଜୀବନଦାଦର ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜୀବନ ନିର୍ମାଣ ଯୋଗାଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଳକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସୋନପୁର ପୁରୁଣା ଟାଉନ ହଲ, ସମୟ:ଅପରାହ୍ନ ୫ଟା।
- ୩ୟ ଧନୁଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମହୁଲପାଲି ପଞ୍ଚାୟତ କାର୍ଯ୍ୟାଳୟ, ବରପାଲି: ସମୟ: ସକାଳ ୯ଟା।
- ଧନୁଯାତ୍ରା ସ୍ୱାଗତ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ହାଟପଦା ରାଜଦରବାର ମଞ୍ଚ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- କଲଚରାଲ୍ ଏକାଡେମୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା ୩୦।
- କସ୍ତୁରବା ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ରର ୨ୟ ଦିବସ, ସ୍ଥାନ: ସେକ୍ଟର-୬ ମହିମା ବସ୍ତି, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଶ୍ମଶାନ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ରାତି ୯ଟା।

## ନୂଆପଡ଼ା
- ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ଖଡିଆଲ, ସମୟ: ସକାଳ ୯ଟା।
- ମା' ସୁନାଦେଈ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ-ଶହୀଦ ଭଗତ ସିଂ ଖେଳ ପଡିଆ ସୁନାବେଡା, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ ଉପଲକ୍ଷେ କୃଷ୍ଣ ବାଲଲୀଳା, ଦହି ଚୋରି, ଗିରିରାଜ ପୂଜନ ଉତ୍ସବ, ସ୍ଥାନ: ନୂଆପଡା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ସକାଳ ୯ଟା।
- ଜାତୀୟ ସଡକ ସୁରକ୍ଷା ମାସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଡୁମେରପାଣି ଗାଁ, ସମୟ: ଅପରାହ୍ନ ୧ଟା।

## ବୌଦ୍ଧ
- ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ , ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବର ଦ୍ୱିତୀୟ ଦିନ ସ୍ଥାନ: ମସିଣାଗୋରା, କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।
- ବୌଦ୍ଧ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଦ୍ୱିତୀୟ ଦିନ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ : ସନ୍ଧ୍ୟା ୭ଟା।
- ଚକରାପଥର ଯାତ୍ରା ଅବସରରେ ଧନୁଯାତ୍ରା ମହୋତ୍ସବର ତୃତୀୟ ଦିନ, ସ୍ଥାନ: ମାର୍ଡୋଲ(ବେହେରାପଡା) କନ୍ଧମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଉନ୍ନତ ଚିନ୍ତା ଓ କାର୍ଯ୍ୟଦକ୍ଷତାକୁ ଉପରିସ୍ଥଙ୍କ ଅନୁକମ୍ପା ସହକର୍ମୀଙ୍କୁ ସୁହାଇ ନ ପାରେ। ବିଦେଶସ୍ଥ ଆତ୍ମୀୟଙ୍କ ସମସ୍ୟା ବିଷୟରେ ଦୁଶ୍ଚିନ୍ତା ପାରିବାରିକ ଅଶାନ୍ତିର କାରଣ ହେବ। ବକେୟା ଅର୍ଥଲାଭ, ବ୍ୟବସାୟିକ ସଫଳତା, ପରିବହନରେ ଉନ୍ନତି ଓ ଆନୁଷ୍ଠାନିକ କାମରେ ନିୟୋଜିତ ରହିପାରନ୍ତି। ଆକସ୍ମିକ ଭ୍ରମଣ ସୁଯୋଗ ଜୁଟିପାରେ।

**ବୃଷ** ବନ୍ଧୁଙ୍କ ସହ ଆଲୋଚନା କ୍ରମେ ନୂତନ ଯୋଜନାର ପରିକଳ୍ପନା କରିପାରନ୍ତି। ବହୁତ ଦିନରୁ ଅଟକିଥିବା କାମଟିକୁ ପୁନଃ ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ବ୍ୟବସାୟ, ନିର୍ମାଣ, ଶିଳ୍ପ, ଏଜେନ୍ସି, ବୀମା, ଶେୟାର ବଜାର ଦିଗରୁ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତାର କୁପରିଣାମ ସ୍ୱରୂପ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ସମସ୍ୟା ସମାଧାନ କଷ୍ଟକର ହେବ। ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହକର୍ମୀ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇବେ। ରାଜନୀତି, ସଙ୍ଗଠନ, ଭ୍ରମଣ ଏବଂ ସଭା ସମିତି କ୍ଷେତ୍ରରେ ଉନ୍ନତ ଫଳ ପାଇବେ। ମାଲିମକଦ୍ଦମା ହେତୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ।

**କର୍କଟ** ଅତ୍ୟଧିକ ଭାବପ୍ରବଣତାଜନିତ ସମସ୍ୟାର ସମ୍ମୁଖୀନ ହେବେ। ଉଚ୍ଚଶିକ୍ଷା, ଇଣ୍ଟରଭ୍ୟୁ, ସନ୍ତାନଙ୍କ ସମସ୍ୟା ସମାଧାନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ। ବାକ୍ ଅସଂଯମତା ଯୋଗୁ ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ହେବ। ଆତ୍ମୀୟଙ୍କ ପରଶ୍ରୀକାତରତା ମନୋଭାବ ଓ ଈର୍ଷାପରାୟଣତା ମାନସିକ ଅଶାନ୍ତିର କାରଣ ହେବ।

**ସିଂହ** ଶୁକ୍ରଙ୍କ ପ୍ରଭାବରେ ବନ୍ଧୁମାନଙ୍କ ସହ ମନୋରଞ୍ଜନ ପ୍ରତି ଆଗ୍ରହୀ ହେବେ। ମୂଲ୍ୟବାନ୍ ଦ୍ରବ୍ୟ କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ପାଇଁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ଅକାରଣ ଅଭିଯୋଗ ସକାଶେ ଅନ୍ତରଙ୍ଗ ବନ୍ଧୁଟି ଉପରେ ସନ୍ଦେହ ଘନୀଭୂତ ହୋଇପାରେ। ବ୍ୟବସାୟ, ପରିବହନ, ବାଣିଜ୍ୟ, ନିର୍ମାଣାଦି କାମରେ ଉନ୍ନତି ହେବ।

**କନ୍ୟା** ଶନିଙ୍କ କୁପ୍ରଭାବରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ କାମଟି ଅଟକି ରହିଯିବ। ପ୍ରତୀକ୍ଷା କରିଥିବା କୌଣସି ଖବର ସରକାରୀ ସ୍ତରରୁ ପାଇ ବିସ୍ମୟ ପ୍ରକାଶ କରିବେ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା, କାରିଗରି କ୍ଷେତ୍ରରୁ ପ୍ରଶଂସିତ ହେବେ। ଆର୍ଥିକ ସ୍ଥିତି ଖରାପ ରହିଥିବା କାରଣରୁ ମନ ସ୍ଥିର ରହିବ ନାହିଁ।

**ତୁଳା** ଶନି କ୍ଷେତ୍ରସ୍ଥ ରାଶ୍ୟାଧିପତି ଯୋଗୁ ଥଣ୍ଡା ଜ୍ୱରରେ ପଡ଼ିପାରନ୍ତି। ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ଓ ସଭାସମିତିରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ସମୟରେ ଅସୁବିଧା ଭୋଗିବେ। ବିଶିଷ୍ଟ ବ୍ୟକ୍ତିଙ୍କ ବିରୋଧ କାରଣରୁ କେତେକ କାମ ଝୁଲନ୍ତା ଅବସ୍ଥାରେ ରହିଯାଇପାରେ।

**ବିଛା** ଗ୍ରହସ୍ଥିତିର ଅନୁକୂଳତା କାରଣରୁ ଆଜିର ଦିନଟି ସବୁ ଦିଗରୁ ଶୁଭଫଳ ପ୍ରଦାନ କରିବ। ଯାହା ଇଚ୍ଛା କରିବେ ତାହା ପାଇବେ ଏବଂ ନିଜ ପରିବେଶରେ ନିଜର ପ୍ରାଧାନ୍ୟ ବୃଦ୍ଧି ପାଇବ। ସ୍ୱାଧୀନ ମନୋବୃତ୍ତି ବାଧାପ୍ରାପ୍ତ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ସାମାଜିକ କ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** ବନ୍ଧୁମିଳନ ଅବକାଶରେ ଦୂର ସମ୍ପର୍କୀୟଙ୍କ ଦର୍ଶନରେ ମନ ଖୁସି ରହିବ। ଦେଖେଇ ଶିଖେଇ କହୁଥିବା ସମ୍ପର୍କୀୟଙ୍କ ପ୍ରତାରଣାପୂର୍ଣ୍ଣ କଥାକୁ ବିଶ୍ୱାସ କଲେ ଅସୁବିଧା ଭୋଗିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସଫଳତା ହାସଲ କରିବେ। ସଭାସମିତି, ଅଧ୍ୟୟନ ଓ ଅଧ୍ୟାପନା, କର୍ମାରମ୍ଭ, ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ।

**ମକର** ବିଭିନ୍ନ ଘରୋଇ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଆଳସ୍ୟ ଓ ଅବହେଳା ଯୋଗୁ ପରିବାରରେ ମନାନ୍ତର ସୃଷ୍ଟି ହେବ। ଅର୍ଥ ସାହାଯ୍ୟ ପାଇବେ ଓ ନୂତନ ଭାବେ ଆରମ୍ଭ କରିବାକୁ ମନସ୍ଥ କରିଥିବା କାମଟି ଆଦୌ ଅଟକିବ ନାହିଁ। ସଭା ସମିତି, ନିର୍ମାଣ ଓ ପରିବହନ ସକାଶେ ଦିନଟି ଅନୁକୂଳ ରହିବ।

**କୁମ୍ଭ** ଯେକୌଣସି ପରିସ୍ଥିତିର ସାମ୍ନା କଲେ ମଧ କେବଳ ମିଠା କଥାରେ ଅନ୍ୟମାନଙ୍କୁ ବୁଝାଇବାରେ ସମର୍ଥ ହେବେ। ପ୍ରତିଯୋଗିତା, ମାଲିମକଦ୍ଦମା ପ୍ରଭୃତି ସପକ୍ଷରେ ଯିବାର ପୂର୍ଣ୍ଣ ଅନୁକୂଳ ସ୍ଥିତି ରହିଛି। ଦୈହିକ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ବିଚଳିତ କରିପାରେ। ଋଣ ପରିଶୋଧ ସକାଶେ କରଜଦାତାଙ୍କ ଚାପ ବୃଦ୍ଧି ପାଇପାରେ।

**ମୀନ** ମିଠା କଥା କହୁଥିବା ବ୍ୟକ୍ତିଙ୍କ ଅଭିସନ୍ଧିମୂଳକ କାର୍ଯ୍ୟକଳାପ ପ୍ରତି ସଜାଗ ରୁହନ୍ତୁ। ରପ୍ତାନି ବାଣିଜ୍ୟ, ଫ୍ଲାଟିଂ କାରବାର, ଧାତୁ ଅଳଙ୍କାର, କୁଟିରଶିଳ୍ପ ବ୍ୟବସାୟୀଙ୍କ ପାଇଁ ଦିନଟି ଅନୁକୂଳ। ଅନାବଶ୍ୟକ ଖର୍ଚ୍ଚଭାର ଯୋଗୁ ମାନସିକ ଅସ୍ଥିରତା ଅନୁଭବ କରିପାରନ୍ତି। ରାଜନୀତି, ସଂଗଠନ, କଳା, ସାହିତ୍ୟ, ଚଳଚ୍ଚିତ୍ର ପ୍ରଭୃତିରେ ଉଚ୍ଚମାନର ଫଳ ପାଇବେ।

ଆଜି ଜାନୁଆରୀ ୩ ତାରିଖ, ପୌଷ ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଅଦ୍ୟ ବରଗଡ଼ରେ ୧୧ ଦିନ ବ୍ୟାପୀ ପ୍ରସିଦ୍ଧ ଧନୁଯାତ୍ରା ଆରମ୍ଭ, ରାଶିନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ.୧୦.୪୭ ଗତେ କୁମ୍ଭ ଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୫ ଗତେ ଘ.୦୭.୦୯ ମଧ୍ୟେ, ଘ.୦୭.୫୨ ଗତେ ଘ.୦୯.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୨୯ ଗତେ ଘ.୧୧.୫୧ ମଧ୍ୟେ ରାହୁ କାଳ।

# ୪୨୨୨.୨୪ କୋଟି ଟଙ୍କାର ୨୫ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୨।୧(ଅନିଲ ଦାସ)**

## ୧୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବ

ରାଜ୍ୟ ସରକାର ୪୨୨୨.୨୪ କୋଟି ଟଙ୍କାର ୨୫ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିରେ ୧୪ ହଜାର ୪୯୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବୁଧବାର ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି(ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଶିଳ୍ପ ବିକାଶ ଗତିକୁ ତ୍ୱରାନ୍ୱିତ କରିବ। ସବୁଜ ଶକ୍ତି, ଫାର୍ମାସ୍ୟୁଟିକାଲ, ବୟନଶିଳ୍ପ, ପ୍ଲାଷ୍ଟିକ୍, ଷ୍ଟିଲ୍, ପ୍ୟାକେଜିଂ, ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ ଆଦି ୧୬ଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ହେବ। ଏହିସବୁ ପ୍ରକଳ୍ପ ଅନୁଗୋଳ, ଗଞ୍ଜାମ, ଖୋର୍ଦ୍ଧା, ନବରଙ୍ଗପୁର, କଟକ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ପୁରୀ, କନ୍ଧମାଳ ଆଦି ୧୧ଟି ଜିଲାରେ ସ୍ଥାପନ ହେବ।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଶୋଭା ସୋଲାର ଲିମିଟେଡ୍ ଅନୁଗୋଳ ଜିଲାରେ ୩୮୦ କୋଟି ଟଙ୍କା ପୁଞ୍ଜି ନିବେଶକରି ଜିଡବ୍ଲ୍ୟୁ ସୋଲାର ସେଲ୍ ୟୁନିଟ୍ ସ୍ଥାପନ କରିବ, ଏଥିରେ ୮୫୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି ହେଟ୍ରୋଲାବ୍ସ ଗଞ୍ଜାମ ଜିଲାରେ ୭୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରି ଫାର୍ମାସ୍ୟୁଟିକାଲ କମ୍ପାନୀ ସ୍ଥାପନ କରିବ। ଏଥିରେ ୨୬୦୦ ଜଣଙ୍କୁ ନିଯୁକ୍ତି ମିଳିବାକୁ ଥିବାବେଳେ ଆଦିତ୍ୟମ୍ ଭେଞ୍ଚର ଖୋର୍ଦ୍ଧା ଜିଲାରେ ୧୩୯ କୋଟି ପୁଞ୍ଜି ନିବେଶକରି ପୋଷାକ ତିଆରି କାରଖାନା ସ୍ଥାପନ କରିବ। ଏଥିରେ ୨୪୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଗଞ୍ଜାମ ଜିଲାରେ ଗଣେଶ ଇକୋପେଟ୍ ୫୨୦ କୋଟି ଟଙ୍କା ବିନିଯୋଗ କରି ୪୫ ହଜାର ମେଟ୍ରିକ୍ ଟନ୍‌ର ପ୍ଲାଷ୍ଟିକ୍ ତିଆରି କାରଖାନା ସ୍ଥାପନ କରିବ। ଏଥିରେ ୫୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବାବେଳେ ନବରଙ୍ଗପୁର ଜିଲାରେ ରାରେନ ଫ୍ଲୁଇଡ୍ ୧୬୭.୫୯ କୋଟି ଟଙ୍କାର ପୁଞ୍ଜି ନିବେଶ କରିବ। ଏହି ଅର୍ଥରେ ପିଭିସି, ସିପିସିଭି, ଓପିଭିସି ଏବଂ ଫିଟିଙ୍ଗ ତିଆରି କାରଖାନା ସ୍ଥାପନ କରିବ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୧୧୫୩ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ସେହିପରି ଟେକ୍ନୋପ୍ଲାଟ ପ୍ୟାକେଜିଂ ଲିମିଟେଡ୍ ୧୧୫ କୋଟି ଟଙ୍କା ବ୍ୟୟରେ ଗଞ୍ଜାମ ଜିଲାରେ ପ୍ଲାଷ୍ଟିକ୍ ମାନୁଫ୍ୟାକ୍ଚରିଂ ୟୁନିଟ୍ ସ୍ଥାପନ କରିବ। ଏଥିରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଅନ୍ୟ ଜିଲାଗୁଡ଼ିକରେ ମଧ ଅନୁମୋଦିତ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ।

# ଶିମିଳିପାଳ ଏନ୍‌କ୍ଳୋଜରରେ ସୁସ୍ଥ ଅଛି ଜିନ୍ନତ: ମନ୍ତ୍ରୀ

**ଭୁବନେଶ୍ୱର,୨।୧(ବନ୍ଦନା ସେଠୀ)**

## ଖୁବ୍‌ଶୀଘ୍ର ଓଡ଼ିଶା ଆସିବେ ଆଉ ୩ ମହାବଳ ବାଘ

ପଶ୍ଚିମବଙ୍ଗରେ ଟ୍ରାଙ୍କୁଲାଇଜ୍ କରି ଧରିବା ପରେ ବାଘୁଣୀ 'ଜିନ୍ନତ'କୁ ଶିମିଳିପାଳ ଅଣାଯାଇ ଏନ୍‌କ୍ଳୋଜରରେ ରଖାଯାଇଛି। ସେ ବର୍ତ୍ତମାନ ସୁସ୍ଥ ଅଛି। ଜଳକ୍ରୀଡ଼ା କରିବା ସହ ସ୍ୱାଭାବିକ ଭାବେ ଖାଦ୍ୟ ଖାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୂଚନା ଦେଇଛନ୍ତି। ଜିନ୍ନତ ଏବେ ଚହଲା ଏନ୍‌କ୍ଳୋଜରରେ ଅଛି। ତାକୁ ଶିମିଳିପାଳର ଦକ୍ଷିଣ କିମ୍ବା ଉତ୍ତର ଭାଗରେ ଛଡାଯିବ। ଯମୁନା ଦକ୍ଷିଣ ଭାଗରେ ରହିଛି। ସେଠାକାର ପରିବେଶ ବେଶ୍ ଭଲ ରହିଛି। ସେହି ଦୃଷ୍ଟିରୁ ଜିନ୍ନତକୁ ମଧ ସେଠାରେ ଛଡାଯିବ ବୋଲି ଚିନ୍ତା କରାଯାଉଛି। ମାତ୍ର ଏନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଅଣାଯିବା ସହିତ ପିସିସିଏଫ୍‌ଙ୍କ ସ୍ତରରେ ନିଷ୍ପତ୍ତି ନିଆଯିବ। ସେହିପରି ଓଡ଼ିଶା ଆସିବାକୁ ଥିବା ୫ ମହାବଳ ବାଘ ଭିତରୁ ଯମୁନା ଓ ଜିନ୍ନତ ଆସି ସାରିଛନ୍ତି। ଖୁବ୍‌ଶୀଘ୍ର ଆଉ ୩ ମହାବଳ ବାଘ ଓଡ଼ିଶା ଆସିବେ। ଏନେଇ ଆଲୋଚନା ଜାରି ରହିଛି। ସେମାନଙ୍କୁ ଦେବ୍ରିଗଡ଼ ଅଭୟାରଣ୍ୟରେ ଛଡ଼ାଯିବ। ଯମୁନା ଓ ଜିନ୍ନତ ପରିବେଶ ସହିତ ସମ୍ପୂର୍ଣ୍ଣ ଭାବେ ଖାପ ଖୁଆଇବା ପରେ ପରବର୍ତ୍ତୀ ସମୟରେ ଆଉ ୩ ମହାବଳ ବାଘ ଆଣିବାକୁ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଶୀତ ଲହରି ଜାରି: ରାଉରକେଲା ୭ ଡିଗ୍ରୀ

**ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)**

ବର୍ଷ ଆରମ୍ଭରୁ ରାଜ୍ୟରେ ଶୀତର ପ୍ରଭାବ ବଢ଼ିଛି। ଗୁରୁବାର ରାଜ୍ୟର ଏକାଧିକ ସ୍ଥାନରେ ୧୦ ଡିଗ୍ରୀ ସେଲସିୟସ୍ କିମ୍ବା ଏହାଠାରୁ କମ୍ ତାପମାତ୍ରା ରେକର୍ଡ ହୋଇଛି। ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭ଡିଗ୍ରୀ ରହିଥିଲାବେଳେ ଝାରସୁଗୁଡାରେ ୮ ଡିଗ୍ରୀ, କେନ୍ଦୁଝରରେ ୯.୫ ଡିଗ୍ରୀ, ଫୁଲବାଣୀରେ ୯.୫ ଡିଗ୍ରୀ, ଦାରିଙ୍ଗବାଡିରେ ୯.୫ ଡିଗ୍ରୀ, ସୁନ୍ଦରଗଡରେ ୯.୭ ଡିଗ୍ରୀ ଓ ସୋନପୁରରେ ୧୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ୨ଦିନରେ ତାପମାତ୍ରା ୪.୮ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇଛି। ଡିସେମ୍ବର ୩୦ରେ ଏଠାରେ ତାପମାତ୍ରା ୧୯.୪ ଡିଗ୍ରୀ ରହିଥିବା ବେଳେ ଗୁରୁବାର ୧୪.୬ ଡିଗ୍ରୀ ସେଲସିୟସ୍‌କୁ ଖସି ଆସିଥିଲା। ତେବେ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୧.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ ଢେଙ୍କାନାଳ ଓ କନ୍ଧମାଳରେ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସେହିପରି କଳାହାଣ୍ଡି, କୋରାପୁଟ ଓ ଗଞ୍ଜାମରେ ମଧ ହାଲୁକା କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାତି ତାମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଅନୁଗୋଳ, କନ୍ଧମାଳ ଓ ଢେଙ୍କାନାଳରେ ଘନ କୁହୁଡ଼ି ପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

# ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ସାଢ଼େ ୭ ଲକ୍ଷକୁ ବୃଦ୍ଧି

**ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଶିକ୍ଷକ, ଅଣଶିକ୍ଷକ କର୍ମଚାରୀଙ୍କ ମୃତ୍ୟୁ ଓ ଅବସରକାଳୀନ ଗ୍ରାଚ୍ୟୁଇଟି (ଡିସିଆର୍‌ଜି) ୫ ଲକ୍ଷରୁ ସାଢ଼େ ୭ ଲକ୍ଷ ଟଙ୍କାକୁ ବଢ଼ିଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏଥିପାଇଁ ବିଭିନ୍ନ ଶିକ୍ଷକ ସଂଘଗୁଡ଼ିକ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ।

# ଆମେରିକାରେ ଆତଙ୍କ...

ପ୍ରଥମ ପୃଷ୍ଠାରୁ...

ବନ୍ଧୁକ ଓ ବିସ୍ଫୋରକ ଉପକରଣ ସହ ଆଇଏସ୍ ପତାକା ପାଇବା ପରେ ଆତଙ୍କବାଦୀ ଲିଙ୍କ୍ ନେଇ ସ୍ପଷ୍ଟ କରିଛନ୍ତି। ଏନେଇ ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ସୋସିଆଲ ମିଡିଆରେ ଟ୍ରକ୍ ଡ୍ରାଇଭର ପୋଷ୍ଟ କରିଥିବା ଭିଡିଓ ଏଫ୍‌ବିଆଇର ହସ୍ତଗତ ହୋଇଛି। ଏହି ଆକ୍ରମଣ ଏକ 'ଜଘନ୍ୟ ଓ ବବରକାଣ୍ଡ'। ନ୍ୟୁଅର୍ଲିନ୍ସ ପୋଲିସ ଅଧୀକ୍ଷକ ଆନ୍ନେ କିର୍କପାଟ୍ରିକ୍ କହିଛନ୍ତି, କେବଳ ଏକ ଆତଙ୍କବାଦୀ ଆକ୍ରମଣ ନୁହେଁ, ଏହା ଏକ ପାପ। ଆମେରିକା ମାଟିରେ ଆତଙ୍କବାଦୀଙ୍କ ଦ୍ୱାରା ଯାନବାହନକୁ ଗଣହତ୍ୟା ପାଇଁ ବ୍ୟବହାର କରାଯିବାର ସଦ୍ୟ ଦୃଷ୍ଟାନ୍ତ ହେଉଛି ଏହି ଆକ୍ରମଣ। ଡ୍ରାଇଭର ଜଣକ ତମାମ ସୁରକ୍ଷା ବନ୍ଦୋବସ୍ତକୁ ଫାଙ୍କି ଯେଉଁଳି ଭାବେ ପଥଚାରୀଙ୍କ ଉପରେ ଟ୍ରକ୍ ମଡ଼ାଇଚାଲିଥିଲେ ତାହା ଅନେକ ପ୍ରଶ୍ନ ଛିଡ଼ା କରାଇଛି ବୋଲି ସେ କହିଛନ୍ତି।

୪୨ ବର୍ଷୀୟ ଶାମସୁଦ୍ଦିନ ଜଣେ ଆମେରିକା ନାଗରିକ। ସେ ଟେକ୍ସାସ୍‌ରେ ରହୁଥିଲେ। ଆମେରିକା ସେନାରେ ସେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଜଣେ ମାନବ ସମ୍ବଳ ବିଶେଷଜ୍ଞ ଏବଂ ଆଇଟି ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଜଙ୍ଗର ୨୦୦୯ରୁ ୨୦୧୦ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ମୁତୟନ ଥିବା ପେଣ୍ଟାଗନ ସୂତ୍ରରୁ ପ୍ରକାଶ। ଆଇଏସ୍ କିମ୍ବା ଅନ୍ୟ କୌଣସି ଆତଙ୍କବାଦୀ ସଙ୍ଗଠନ ସହ ତାଙ୍କ ସମ୍ପୃକ୍ତିକୁ ନେଇ ଏଫ୍‌ବିଆଇ ତଦନ୍ତ ଚଳାଇଛି। ସେ ଏକୁଟିଆ ଏହି ଆକ୍ରମଣ ଘଟାଇଛନ୍ତି, ନା ଏଥିରେ ଆଉ କିଏ ସମ୍ପୃକ୍ତ ତାହା ମଧ ଜାଣିବା ପାଇଁ ତଦନ୍ତ ଚାଲିଥିବା ଏଫ୍‌ବିଆଇର ଜଣେ ଆସିଷ୍ଟାଣ୍ଟ ସ୍ପେଶାଲ ଏଜେଣ୍ଟ ସୂଚନା ଦେଇଛନ୍ତି।

ସେହିପରି ରାତି ୧୧ଟା ୨୦ରେ ନ୍ୟୁୟର୍କର କୁଇନ୍ସସ୍ଥିତ ଏକ ନାଇଟ୍ କ୍ଲବ୍‌ରେ ଗୁଳିକାଣ୍ଡ ଘଟିଛି। ଆମାଜୁରା ନାଇଟ୍‌କ୍ଲବ୍ ବାହାରେ ନବବର୍ଷ ପାଳନ ପାଇଁ ଗହଳି ଲାଗିରହିଥିବାବେଳେ ଆଖିବୁଜା ଗୁଳିମାଡ଼ରେ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଲଙ୍ଗ୍ ଆଇଲାଣ୍ଡ ଜେୱିଶ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଡିଜେ ଏବଂ ଲାଇଭ୍ ପର୍ଫମାନ୍ସ ପାଇଁ ଜଣାଶୁଣା ଆମାଜୁରା କ୍ଲବ୍ ଗତବର୍ଷ ପ୍ରାଣ ହରାଇଥିବା ଏହାର ଜଣେ ସଦସ୍ୟଙ୍କ ଉଦ୍ଦେଶ୍ୟରେ ବୁଧବାର ଏହି ପାର୍ଟିର ଆୟୋଜନ କରିଥିଲା। ଏଥିରେ ପ୍ରାୟ ୮୦ ଜଣ ସାମିଲ ହୋଇଥିଲେ।

ନ୍ୟୁଅର୍ଲିନ୍ସ ଗଣହତ୍ୟାର କିଛି ଘଣ୍ଟା ପରେ ଅର୍ଥାତ୍ ରାତି ୮ଟା ୪୦ରେ ଲାସ୍‌ଭେଗାସ୍ଥିତ ଟ୍ରମ୍ପ ଇଣ୍ଟରନ୍ୟାଶନାଲ ହୋଟେଲ ବାହାରେ ଛିଡ଼ା ହୋଇଥିବା ଏକ ଟେସ୍‌ଲା ସାଇବରଟ୍ରକ୍‌ରେ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ଉକ୍ତ ଟ୍ରକ୍‌ରେ ବାଣ, ଗ୍ୟାସ୍ ଟ୍ୟାଙ୍କ ଓ କ୍ୟାମ୍ପିଂ ଫୁଏଲ୍ ଥିବାରୁ ଏହାକୁ ଜାଣିଶୁଣି ଟାର୍ଗେଟ କରାଯାଇଥିବା କୁହାଯାଉଛି। ୩୭ ବର୍ଷୀୟ ଡ୍ରାଇଭର ମାଥ୍ୟୁ ଲିଭେଲ୍ସବର୍ଗର କୋଲରାଡୋ ସ୍ପ୍ରିଙ୍ଗ୍‌ସର ବାସିନ୍ଦା ଥିଲେ। ସେ ଏହା ପୂର୍ବରୁ ଆମେରିକା ସେନାରେ କାର୍ଯ୍ୟରତ ଥିଲେ। ବିସ୍ଫୋରଣରେ ଘଟିଥିବା ଟେସ୍‌ଲା ଟ୍ରକ୍ ଓ ନ୍ୟୁଅର୍ଲିନ୍ସ ଆକ୍ରମଣରେ ବ୍ୟବହୃତ ଟ୍ରକ୍‌କୁ ସମାନ କାର୍ ଶେୟାରିଂ ଆପ୍ ଜରିଆରେ ରେଣ୍ଟରେ ନିଆଯାଇଥିଲା। ତେଣୁ ଏହି ଘଟଣା ସହ ନ୍ୟୁଅର୍ଲିନ୍ସ ଆକ୍ରମଣର ସମ୍ପର୍କ ଓ ଆତଙ୍କବାଦୀ ଲିଙ୍କ୍ ରହିଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଚଳାଇଛି। ଇତିମଧ୍ୟରେ ଏକ ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ଆସନ୍ତା ୨୦ରେ ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଥିବା ଡୋନାଲ୍ଡ ଟ୍ରମ୍ପଙ୍କ ହୋଟେଲ ବାହାରେ ଥିବା ଉକ୍ତ ଟ୍ରକ୍‌ରୁ ମାତ୍ର ୧୫ ଫୁଟ୍ ଦୂରରେ ନିଜ ଲଗେଜ୍ ଧରି ଛିଡ଼ା ହୋଇଥିବାବେଳେ କିଛି ସେକେଣ୍ଡ ଭିତରେ ବିସ୍ଫୋରଣ ଘଟିଥିବା ଭିଡିଓ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଇତିମଧ୍ୟରେ ଟେସ୍‌ଲା ସିଇଓ ତଥା ବିଲିୟନେୟାର ଏଲନ୍ ମସ୍କ ନିଜ ସୋସିଆଲ ମିଡିଆ ସାଇଟ୍ ଏକ୍ସ'ରେ କହିଛନ୍ତି, ଟ୍ରମ୍ପ ହୋଟେଲ ବାହାରେ ଘଟିଥିବା ବିସ୍ଫୋରଣ ଏକ ଆତଙ୍କବାଦୀ କାର୍ଯ୍ୟ। ଇଲେକ୍ଟ୍ରିକ୍ ଭେହିକିଲ୍‌ର ଡିଜାଇନ୍ ଯୋଗୁ ବ୍ଲାଷ୍ଟଜନିତ କ୍ଷତି ଅଧିକ ହୋଇନାହିଁ। ନିକଟସ୍ଥ ହୋଟେଲ ସମ୍ଭାବ୍ୟ ବିସ୍ଫୋରଣରୁ ବର୍ତ୍ତିଯାଇଛି। ଆତଙ୍କବାଦୀମାନେ ଏକ ଭୁଲ୍ ଯାନକୁ ଟାର୍ଗେଟ କରିଛନ୍ତି।

ନବବର୍ଷରେ ଲଗାତର ୩ଟି ଆକ୍ରମଣକୁ ନେଇ ଆମେରିକାବାସୀ ଆତଙ୍କିତ ହୋଇଯାଇଥିବାବେଳେ ସାରା ଦେଶରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ପୋଲିସ କଡ଼ା ନଜର ରଖିଛି।

**୬ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି**

ଭୁବନେଶ୍ୱର, (ଅନିଲ ଦାସ): ଆସନ୍ତା ଜାନୁଆରୀ ୬ ତାରିଖ(ସୋମବାର)ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଜାନୁଆରୀ ୬ ତାରିଖରେ ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ନେଇ ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



# ୪ କ୍ରୀଡ଼ାବିତ୍‌ଙ୍କୁ ଖେଳରତ୍ନ


ମନୁ ଭାକର


ଡି. ଗୁକେଶ


ହରମନପ୍ରୀତ ସିଂ


ପ୍ରବୀଣ କୁମାର

**ନୂଆଦିଲ୍ଲୀ, ୨।୧ (ପି.ଟି.)**

ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ପୁରସ୍କାର ଏଥର ୪ କ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରାଯିବ। ସେମାନେ ହେଲେ ତାରକା ଶୁଟର ମନୁ ଭାକର, ଚେସ୍ ବିଶ୍ୱ ଚାମ୍ପିୟନ ଡି. ଗୁକେଶ, ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂ ଓ ପାରା-ଆଥ୍‌ଲେଟ୍ ପ୍ରବୀଣ କୁମାର। ୨୨ ବର୍ଷୀୟା ଭାକର ସ୍ୱାଧୀନ ଭାରତର ପ୍ରଥମ ଆଥ୍‌ଲେଟ୍ ଭାବେ ଗୋଟିଏ ଅଲିମ୍ପିକ୍ସରେ ୨ଟି ପଦକ ଅର୍ଜନ କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସରେ ସେ ୧୦ ମିଟର ଏୟାର ପିସ୍ତଲ ବ୍ୟକ୍ତିଗତ ଏବଂ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଏହି ସଫଳତା ପାଇଥିଲେ। ସେହିପରି କ୍ରମାଗତ ଦ୍ୱିତୀୟ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ପୁରୁଷ ହକି ଦଳର ନେତୃତ୍ୱ ନେଇଥିଲେ ହରମନପ୍ରୀତ। ଅନ୍ୟପକ୍ଷରେ ୧୮ ବର୍ଷୀୟ ଗୁକେଶ ସର୍ବକନିଷ୍ଠ ଚେସ୍ ବିଶ୍ୱ ଚାମ୍ପିୟନ ହୋଇ ଇତିହାସ ରଚିଥିଲେ। ଏହାଛଡ଼ା ସେ ଗତବର୍ଷ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପାରା ହାଇଜମ୍ପର ପ୍ରବୀଣ ପ୍ୟାରିସ୍ ପାରାଲିମ୍ପିକ୍ସର ଟି୬୪ ବର୍ଗରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଯେଉଁ ଆଥ୍‌ଲେଟ୍‌ଙ୍କର ଆଣ୍ଠୁ ତଳକୁ ୨ଟି ଯାକ ପାଦ ନ ଥାଏ ଏବଂ ସେମାନେ ଦୌଡ଼ିବା ପାଇଁ କୃତ୍ରିମ ଅଙ୍ଗ ବ୍ୟବହାର କରିଥାନ୍ତି ସେମାନଙ୍କୁ ଟି୬୪ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଥାଏ। ପ୍ରକାଶଯୋଗ୍ୟ , କିଛିଦିନ ପୂର୍ବରୁ ସୁପାରିସ ହୋଇଥିବା ତାଲିକାରେ ଭାକରଙ୍କ ନାମ ନ ଥିଲା। ଆବେଦନପତ୍ର ପାଇ ନ ଥିବାରୁ ଚୟନ କମିଟି ତାଙ୍କ ନାମ ସୁପାରିସ କରି ନ ଥିଲା। ଭାକର ଏହାକୁ ସ୍ୱୀକାର କରିଥିଲେ। ପରେ ଔପଚାରିକତା ପୂରଣ ପରେ ନିର୍ବିବାଦରେ ତାଙ୍କ ନାମ ପୁରସ୍କାର ତାଲିକାରେ ସାମିଲ କରାଯାଇଥିଲା। ଖେଳରତ୍ନ ବ୍ୟତୀତ ଏଥର ରେକର୍ଡ ୧୭ ପାରା-ଆଥ୍‌ଲେଟ୍‌ଙ୍କ ସମେତ ମୋଟ ୩୨ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯିବ। ଚଳିତ ମାସ ୧୭ ତାରିଖରେ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଖେଳରତ୍ନ ପୁରସ୍କାର ପାଇଁ କ୍ରୀଡ଼ାବିତ୍‌ଙ୍କୁ ୨୫ ଲକ୍ଷ ଟଙ୍କା ସହ ଏକ ପ୍ରଶଂସାପତ୍ର ଓ ବଡ଼ ପଦକ ପ୍ରଦାନ କରାଯାଇଥାଏ।

## ସ୍ୱାସ୍ଥ୍ୟ କାର୍ଡ 'ଆଭା'ରେ ରହିବ ରୋଗୀଙ୍କ ସମସ୍ତ ତଥ୍ୟ

**ଭୁବନେଶ୍ୱର, ୨।୧ (ଅନିଲ ଦାସ)**

ଆୟୁଷ୍ମାନ ଭାରତ ହେଲ୍‌ଥ ଆକଉଣ୍ଟ ବା 'ଆଭା' କାର୍ଡ ପାଇଁ ସମସ୍ତେ ରେଜିଷ୍ଟ୍ରେଶନ କରିପାରିବେ। କ୍ୟୁଆର୍ କୋଡ୍ ସ୍କାନ କଲେ ପୂର୍ବ ରୋଗ ସମ୍ବନ୍ଧୀୟ ସମସ୍ତ ଡାଟା ଉପଲବ୍ଧ ହେବ। ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନ ଅନୁଯାୟୀ ରୋଗୀ ଏହି କାର୍ଡ ପାଇପାରିବେ। ଏଥିନିମନ୍ତେ ଅନ୍‌ଲାଇନରେ ଆବେଦନ କରିବାକୁ ହେବ। ଆୟୁଷ୍ମାନ ଭାରତ କାର୍ଡ ସହ ଏହି କାର୍ଡ ବଣ୍ଟନ କରାଯିବ। ଫେବୃଆରୀ ପୂର୍ବରୁ କାର୍ଡ ବାଣ୍ଟିବା ନେଇ ସରକାର ଯୋଜନା କରୁଛନ୍ତି। ଆଭା କାର୍ଡ ହେଉଛି ଏଟିଏମ ଓ ପାନ୍ ଭଳି ୧୪ ଡିଜିଟ୍ ଥିବା କାର୍ଡ। ଏହି କାର୍ଡରେ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ତଥ୍ୟ ରହିବ। ନୂଆ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ପ୍ରେସ୍‌କ୍ରିପସନରୁ ମୁକ୍ତି ପାଇଁ ନୂଆ କାର୍ଡ ପ୍ରଚଳନ କରାଯିବ। କାର୍ଡରେ ସମ୍ପୃକ୍ତ କାର୍ଡଧାରକଙ୍କର ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ରହିବ। ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନକୁ ଓଡ଼ିଶା ସରକାର ଲାଗୁ କରିବେ ନୂଆ ସ୍ୱାସ୍ଥ୍ୟ କାର୍ଡ ନାଶନାଲ ହେଲ୍‌ଥ ଅଥରିଟି ଅଧୀନରେ ରହିବ। ଏହାର ନାମ ଆୟୁଷ୍ମାନ ଭାରତ ହେଲ୍‌ଥ ଆକାଉଣ୍ଟ କାର୍ଡ ରହିବ । ରାଜ୍ୟର ୩.୫ କୋଟି ଲୋକଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। କାର୍ଡର ଲୋଗୋ ମଧ୍ୟ ପରିବର୍ତ୍ତନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଗୁରୁବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। କ୍ୟୁଆର୍ କୋର୍ଡ ସ୍କାନ କରିବା ଦ୍ୱାରା ଧାରକଙ୍କ ପୂର୍ବ ରୋଗ ସମ୍ପର୍କରେ ସମସ୍ତ ପ୍ରକାର ତଥ୍ୟ ମିଳିପାରିବ। ଫଳରେ ଡାକ୍ତରଙ୍କୁ ରୋଗୀଙ୍କ ସ୍ୱାସ୍ଥ୍ୟ ବିଷୟରେ ସହଜରେ ତଥ୍ୟ ମିଳିପାରିବ। ଏହାଦ୍ୱାରା ସ୍ୱାସ୍ଥ୍ୟସେବା ସହଜ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ କେଉଁ ତାରିଖ ମଧ୍ୟରେ ଏହି ନୂଆ କାର୍ଡ ମିଳିବ ସେନେଇ କୌଣସି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇନାହିଁ।

## ଆଜିଠୁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା


ହାଟପଦାରେ ନିର୍ମିତ ରାଜ ଦରବାର।

**ବରଗଡ଼, ୨।୧ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାରଠାରୁ ଆରମ୍ଭ ହେବ। ପରମ୍ପରା ଦୃଷ୍ଟିରୁ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସନ୍ଧ୍ୟା ୭ଟାରେ ହାଟପଦାସ୍ଥିତ ରାଜ ଦରବାରରେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜାନୁଆରୀ ୧୩ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏହି ୧୧ଦିନ ଅବଧି ମଧ୍ୟରେ ବରଗଡ଼ରେ କଂସ ରାଜୁତି ଚାଲିବ। ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିବ। ଉଭୟ ସ୍ଥାନ ମଧ୍ୟ ଦେଇ ପ୍ରବାହିତ ଜିରା ନଦୀ ଯମୁନା ହେବ। ବିଗତ ବର୍ଷ ଭଳି ଏଥର ମଧ୍ୟ ମହୋତ୍ସବର ପ୍ରଥମ ୭ଦିନ ହାଟପଦା ମଞ୍ଚ ଏବଂ ଶେଷ ୪ଦିନ ଲୋକ ମଣ୍ଡପ ପଡ଼ିଆ ମଞ୍ଚ ରାଜଦରବାର ହେବ। ଅନ୍ୟପଟେ ପ୍ରଥମ ୭ଦିନ ଲୋକ ମଣ୍ଡପ ପଡ଼ିଆ ଏବଂ ଶେଷ ୪ଦିନ ହାଟପଦାରେ ନିର୍ମିତ ମଞ୍ଚରେ ରଙ୍ଗ ମହଲ ଦୃଶ୍ୟାଭିନୟ ଅଭିନୀତ ହେବ।

ଧନୁଯାତ୍ରା ମହୋତ୍ସବକୁ ଅନ୍ୟ ବର୍ଷ ଅପେକ୍ଷା ଏଥର ଅଧିକ ଆକର୍ଷଣୀୟ କରିବାକୁ ପ୍ରୟାସ କରାଯାଇଛି। ହାଟପଦାରେ ରାଜ ଦରବାର ଏବଂ ନିଶାମଣି ସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆରେ ସୁଦୃଶ୍ୟ ରଙ୍ଗ ମହଲ ନିର୍ମିତ ହୋଇଛି। ସହରର ପ୍ରମୁଖ ପ୍ରବେଶ ଦ୍ୱାରରେ ସ୍ୱାଗତ ତୋରଣ ମଧ୍ୟ ନିର୍ମାଣ କରାଯାଇଛି। ଧନୁଯାତ୍ରା ମହୋତ୍ସବକୁ ସ୍ୱାଗତ କରିବା ପାଇଁ ଶୁକ୍ରବାର ଅପରାହ୍ନ ୨ଟାରୁ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ଗ୍ରାମ୍ୟଦେବୀ ସମଲେଶ୍ୱରୀଙ୍କ ମନ୍ଦିର ଅଭିମୁଖେ ଯିବ। ସେଠାରେ ପୂଜାର୍ଚ୍ଚନା ପରେ ଉକ୍ତ ଶୋଭାଯାତ୍ରା ହାଟପଦାସ୍ଥିତ ରାଜଦରବାରରେ ପହଞ୍ଚିବ । ଶୋଭାଯାତ୍ରା ପହଞ୍ଚିବା ପରେ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଗତବର୍ଷ ଭଳି ଏଥର ମଧ୍ୟ ସ୍ଥାନୀୟ ଲମ୍ବା ବିଲ୍ଡିଂ ପାର୍ଶ୍ୱସ୍ଥ ଜି. ଡ଼ି ଗୋୟଲ ଧର୍ମଶାଳା ରାଜମହଲ ହେବ ବୋଲି ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ତଥା ସମ୍ପାଦକ ସୁରେଶ୍ୱର ଶତପଥୀ କହିଛନ୍ତି। ଏହାସହିତ ଧନୁଯାତ୍ରା ପାଇଁ ଉତ୍ତର ପ୍ରଦେଶରୁ ଗୋଟିଏ ହାତୀ, ୬ ଘୋଡ଼ା ଗାଡ଼ି ଏବଂ ୬ ଓଟ ବରଗଡ଼ରେ ପହଞ୍ଚି ସାରିଥିବା ସେ ସୂଚନା ଦେଇଛନ୍ତି। ଧନୁଯାତ୍ରା ମହୋତ୍ସବକୁ ସୁରକ୍ଷିତ ଏବଂ ନିରାପଦ ଭାବେ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଥିବା ଏସ୍‌ପି ପି. ଏସ୍ ମୀନା କହିଛନ୍ତି। ସବୁ ଜାଗାରେ ପୋଲିସ ମୁତୟନ ରହିବେ। ଏଠାକୁ ଆସୁଥିବା ଲୋକେ ଯେଭଳି ଭଲ ଭାବେ ଧନୁଯାତ୍ରା ମହୋତ୍ସବକୁ ଉପଭୋଗ କରିପାରିବେ, ସେଥିପାଇଁ ଟ୍ରାଫିକ, ପାର୍କିଂ, ରୁଟ୍ ଲାଇନ୍ ସୁବ୍ୟବସ୍ଥିତ କରାଯାଇଛି। ସିସିଟିଭି ସ୍ଥାପନ କରାଯାଇଛି। ସବୁ ଦିଗ ପ୍ରତି ନଜର ରଖାଯିବ। ସୁରକ୍ଷିତ ଏବଂ ନିରାପଦ ଭାବେ ଚଳିତ ଧନୁଯାତ୍ରା ମହୋତ୍ସବ ସରିବ ବୋଲି ଏସ୍‌ପି ମୀନା ସୂଚନା ଦେଇଛନ୍ତି।

# ଆଜି ଶପଥ ନେବେ ନୂଆ ରାଜ୍ୟପାଳ

**ଭୁବନେଶ୍ୱର, ୨।୧ (ସୁନିତ୍ ମିଶ୍ର)**

ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତି ଗୁରୁବାର ଓଡ଼ିଶାରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ନୂଆ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଛନ୍ତି। ରାଜଭବନ ପକ୍ଷରୁ ବିମାନବନ୍ଦରଠାରେ ରାଜ୍ୟପାଳଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଶୁକ୍ରବାର ରାଜଭବନଠାରେ ନୂଆ ରାଜ୍ୟପାଳଙ୍କ ଶପଥ ଗ୍ରହଣ ଉତ୍ସବ କାର୍ଯ୍ୟକ୍ରମ ରହିଛି। ହାଇକୋର୍ଟର ମୁଖ୍ୟ ବିଚାରପତି ତାଙ୍କୁ ଶପଥ ପାଠ କରାଇବେ।

ହରିବାବୁ ବିମାନବନ୍ଦରରୁ ବାହାରି ପୁରୀ ଗସ୍ତ କରିଛନ୍ତି। ଏହି ଅବସରରେ ସେ ଶ୍ରୀଜୀଉଙ୍କ ଦର୍ଶନ ସାରି ପୁରୀ ରାଜଭବନଠାରେ ରାତ୍ରିଯାପନ କରିଛନ୍ତି। ଶୁକ୍ରବାର ଭୁବନେଶ୍ୱର ଆସି ରାଜଭବନରେ ଶପଥ ନେବେ। ମିଳିଥିବା ସୂଚନା ମୁତାବକ, ନୂଆ ରାଜ୍ୟପାଳଙ୍କୁ ଆସନ୍ତା ୬ରେ ଭାଜପାର ବିଧାୟକ ଏବଂ ମନ୍ତ୍ରୀମାନେ ରାଜ୍ୟପାଳଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

ଗତ ଡିସେମ୍ବର ୨୪ରେ ଓଡ଼ିଶାର ରାଜ୍ୟପାଳ ଭାବେ ହରିବାବୁ କମ୍ଭମପତି ନିଯୁକ୍ତ ହୋଇଥିଲେ। ପୂର୍ବରୁ ସେ ମିଜୋରାମର ରାଜ୍ୟପାଳ ଥିଲେ। ଛାତ୍ର ରାଜନୀତିରୁ କ୍ୟାରିୟର ଆରମ୍ଭ କରିଥିବା କମ୍ଭମପତି ୧୯୭୪-୭୫ ମସିହାରେ ଜୟପ୍ରକାଶ ନାରାୟଣ ଆନ୍ଦୋଳନ ବେଳେ ଗିରଫ ହୋଇ ୬ ମାସ ଜେଲ ଯାଇଥିଲେ। ୧୯୯୯ରେ ପ୍ରଥମ ଥର ପାଇଁ ବିଶାଖାପାଟଣାର ବିଧାୟକ ଭାବେ ଆନ୍ଧ୍ରପ୍ରଦେଶ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୧୪ରେ ବିଶାଖାପାଟଣା ଲୋକ ସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ ।


ଓଡ଼ିଶାର ନୂଆ ରାଜ୍ୟପାଳ ହରିବାବୁ କମ୍ଭମପତିଙ୍କୁ ଗୁରୁବାର ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଜଣାଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝୁଲା ମାଳି ଧରି କାହାକୁ ଜପୁଛୁ**
**କାଟୁଛୁ ଅଙ୍ଗରେ ଚିତା,**
**ବୟସ ଦିନରେ ନ କରୁ ଚେତା**
**ବୁଢ଼ୀ ଦିନେ ହେଲା ଚିନ୍ତା ।**

ମନୁଷ୍ୟର ସ୍ୱଭାବ ଏହି ଯେ, ସେ ଯୌବନରେ ରଙ୍ଗିନ ସ୍ୱପ୍ନ ଦେଖି ଜୀବନର ବାସ୍ତବତାକୁ ଭୁଲିଯାଏ। ବୟସ ନଇଁ ଆସିଲେ ସେ ଆଧ୍ୟାତ୍ମିକବାଦ ଆଡ଼କୁ କ୍ରମେ ଅଗ୍ରସର ହେବା ସହ ବାସ୍ତବତା କ'ଣ ତାହା ଜାଣିବାକୁ ପାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଝୁରି ମରୁଥିଲା ଜହ୍ନି**
**ଅକାଳେ ସକାଳେ ଉଇଁ ଆସୁଥିଲା**
**କାକୁଡ଼ି ପୁଞ୍ଜାଏ ଘେନି ।**

ଜହ୍ନି ଯେଉଁ ବର୍ଷା ଋତୁରେ ଫଳିଥାଏ, କାକୁଡ଼ି ମଧ୍ୟ ସେଇ ଋତୁରେ ଫଳିଥାଏ। ଏକା ଋତୁରେ ଫଳୁଥିବା ହେତୁ ସେ ଦୁହେଁ ଖୋଲା ମନରେ ବର୍ଷାଋତୁର ଭୂମିକାକୁ ନିଜ ନିଜର ଅନ୍ତରଙ୍ଗ ବୋଲି ପ୍ରଶଂସା କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

## ଓଡ଼ିଶାରେ ପହଞ୍ଚିଲା ଡବଲ ଡେକର ବସ୍

**ଆଉ ୪ଟି ଆସୁଛି**

**ଭୁବନେଶ୍ୱର, ୨।୧ (ବନ୍ଦନା ସେଠୀ)**

ଓଡ଼ିଶାରେ ପହଞ୍ଚିଲା ଇଲେକ୍ଟ୍ରିକ୍ ଡବଲ ଡେକର ବସ୍। ବସ୍‌ଟି ଗୁରୁବାର ଆନ୍ଧ୍ରପ୍ରଦେଶ ବର୍ଡର ଅତିକ୍ରମ କରି ବ୍ରହ୍ମପୁରରେ ପହଞ୍ଚିବା ପରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା। ପ୍ରବାସୀ ଭାରତୀୟ ଦିବସ ପାଇଁ ମହାରାଷ୍ଟ୍ରରୁ ୫ଟି ଇଲେକ୍ଟ୍ରିକ ଡବଲ ଡେକର ବସ୍ ଅଣାଯାଉଛି। ଡିସେମ୍ବର ୨୮ରେ ୨ଟି ବସ୍ ବାହାରିଥିବାବେଳେ ସେଥିରୁ ଗୋଟିଏ ବସ୍ ପହଞ୍ଚିସାରିଛି। ସେହିପରି ଡିସେମ୍ବର ୩୧ରେ ଗୋଟିଏ ଏବଂ ଜାନୁଆରୀ ୧ରେ ଆଉ ୨ଟି ବସ୍ ଓଡ଼ିଶା ଅଭିମୁଖେ ବାହାରିଛି। ବସ୍‌ଗୁଡିକରେ ଓଡ଼ିଶାର କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳିଛି। ଥରେ ବିଦ୍ୟୁତ୍ ସଂଯୋଗ କଲେ ଏହା ପ୍ରାୟ ୨୫୦ରୁ ୩ଶହ କି.ମି. ପର୍ଯ୍ୟନ୍ତ ଚାଲିପାରିବ। ବସ୍‌ଟି ୫୫ ସିଟ୍ ବିଶିଷ୍ଟ ହୋଇଥିବାବେଳେ ଏହାର ବେଗ ୪୫ କି.ମି. ରହିଛି। ସେହିପରି ବସ୍‌ଟି ଶୀତତାପ ନିୟନ୍ତ୍ରିତ ହୋଇଥିବାବେଳେ ତାହା ସବୁବେଳେ ସିସିଟିଭି ନଜରରେ ରହିବ। ବସ୍‌ରେ ପ୍ରଥମେ ପ୍ରବାସୀ ଭାରତୀୟମାନେ ବୁଲିବା ପରେ ଭୁବନେଶ୍ୱର, ପୁରୀ ଏବଂ କଟକରେ ଏହା ଚଳାଚଳ କରିବ। ବସ୍‌ର ସାମ୍ନା ପଟରେ କୋଣାର୍କ ଚକ୍ର ଚିହ୍ନ ରହିଥିବାବେଳେ ଶ୍ରୀମନ୍ଦିର, ଧଉଳି ଶାନ୍ତିସ୍ତୂପ ଓ କଟକ ବାଲିଯାତ୍ରାର ଚିତ୍ର ସ୍ଥାନ ପାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଡବଲ ଡେକର ବସ୍ ଚାଲିବାକୁ ଥିବାରୁ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଛି।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗର ମୂଲ୍ୟ ଦେଇ ହେବ ନାହିଁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୧ (ଅନିଲ ଦାସ)**

ସ୍ୱାଧୀନତା ସଂଗ୍ରାମୀମାନେ ଅମୂଲ୍ୟ ରତ୍ନ। ସେମାନେ ଯେଉଁ ତ୍ୟାଗ କରିଛନ୍ତି ତା'ର ମୂଲ୍ୟ କେହି ଦେଇ ପାରିବେ ନାହିଁ। ଆମେ କେବଳ ତାଙ୍କୁ ସମ୍ମାନ ଦେଇପାରିବା ଏବଂ ସେମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିପାରିବା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହା କହିଛନ୍ତି। ଜରୁରିକାଳୀନ ପରିସ୍ଥିତିକୁ ଗଣତନ୍ତ୍ରର ଏକ କଳା ଦାଗ ବୋଲି ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧ ଦିବସକୁ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବ ଭାବେ ପାଳନ କରାଯାଉଛି। ମହତାବଙ୍କ କୃତୀ ଓ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଏବଂ ତାଙ୍କ ଅବଦାନର ସମ୍ମାନାର୍ଥେ ଚଳିତ ବର୍ଷ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀକୁ ରାଜ୍ୟ ତଥା ରାଷ୍ଟ୍ରସ୍ତରରେ ୧ ବର୍ଷବ୍ୟାପୀ ପାଳନ କରାଯାଉଛି। ଏଥିସହ ତାଙ୍କ ଜୀବନୀ ଉପରେ ବାୟୋପିକ୍ ନିର୍ମାଣ କରାଯିବ। ତାଙ୍କ ରଚିତ ପୁସ୍ତକ ଓ ଆଲେଖ୍ୟଗୁଡ଼ିକର ବିଭିନ୍ନ ଭାଷାରେ ପୁନଃ ପ୍ରକାଶନ, ତାଙ୍କ ଜନ୍ମସ୍ଥାନ ଆଗରପଡ଼ାରେ ମେମୋରିଆଲ ପ୍ରତିଷ୍ଠା, ତାଙ୍କ ଜୀବନୀ ଉପରେ ଗବେଷଣା ଆଦି ଅନେକ କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ କରାଯିବ। ଭାରତର ସ୍ୱାଧୀନତା ସଂଗ୍ରାମ ସ୍ୱତନ୍ତ୍ର ଓ ଅନନ୍ୟ। ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମର ମୁଖ୍ୟଧାରା ବିଷୟରେ ଆମେ ସମସ୍ତେ ଜାଣିଛେ। ଏହାସହିତ ଭାରତ ବର୍ଷରେ ଆହୁରି ଅନେକ ମହାନ୍ ବ୍ୟକ୍ତି ନିଜ ନିଜ ବିଚାରଧାରାରେ ଆନ୍ଦୋଳନ କରୁଥିଲେ। ଆମେ ସେମାନଙ୍କ କଥା ଜାଣିନାହୁଁ। ଇତିହାସରେ ସେମାନେ ଠିକ୍ ଭାବେ ସ୍ଥାନୀତ ହୋଇ ନାହାନ୍ତି। ଇତିହାସର ଏହି ଭୁଲ୍‌କୁ ସୁଧାରିବା ପାଇଁ ୨୦୧୪ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍ୟମ ଆରମ୍ଭ ହୋଇଛି। ସାରା ଭାରତବର୍ଷରେ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଜାଣିପାରୁଛୁ। ନିକଟରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତି ଗୌରବ ଦିବସ ରୂପେ ନାମିତ କରିଛନ୍ତି। ଆମ ରାଜ୍ୟରେ ବରଗଡ଼ ଜିଲାର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂହଙ୍କ ତ୍ୟାଗ ଓ ବଳିଦାନର ସମ୍ମାନାର୍ଥେ ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଆମେ ଆରମ୍ଭ କରିବାକୁ ଯାଉଛୁ। ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା ସମସ୍ତ ବରପୁତ୍ରଙ୍କୁ ସମ୍ମାନ ଦେବାରେ ଆମ ସରକାର କେବେହେଲେ ଅବହେଳା କରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ମହୋତ୍ସବରେ ଦେଶର ୧୦ଟି ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ ଯୋଗଦେଇଥିଲେ। ସେମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହି ମହୋତ୍ସବ ଅବସରରେ ସ୍ୱାଧୀନତା ସଂଗ୍ରାମୀ ସଦନ ପରିସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ତଥା ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପୃଥ୍ୱୀରାଜ ହରିଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହୋତ୍ସବର ସଭାପତି ବିଦ୍ୟାଧର ମୁଦୁଲି, ଏମ୍‌ପି ଭର୍ତ୍ତୃହରି ମହତାବ, ବିରୋଧୀ ଦଳ ଉପ-ନେତା ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂହ, ସାରଦା ପ୍ରଧାନ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।


ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଗୁରୁବାର ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥି ଗଣ।

ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। -ଶ୍ରୀମା



# ମୁଦ୍ରାସ୍ଫୀତି ଓ ଜଳବାୟୁ ସଙ୍କଟ




ମୋନିକା ଆର୍ଯ୍ୟ
ନିର୍ଦ୍ଦେଶକ, ଗଭର୍ନିଂ ବୋର୍ଡ ଅଫ୍ ଦ୍ୟାବୁସାଲ ରିସୋର୍ସ ଗଭର୍ନାନ୍ସ ଇନ୍ଷ୍ଟିଚ୍ୟୁଟ

ସଲିମ ଫକିର
ପ୍ରତିଷ୍ଠାତା ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆଫ୍ରିକାନ୍ କ୍ଲାଇମେଟ୍ ଫାଉଣ୍ଡେସନ

ବର୍ଷେ ପୂର୍ବ ବର୍ଷ ହେଲା ବୈଶ୍ୱିକ ମୁଦ୍ରାସ୍ଫୀତି ଯୋଗୁ ଖାଦ୍ୟ, ଶକ୍ତି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷଗୁଡିକର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଛି। ଫଳରେ ସାରା ବିଶ୍ୱରେ ବିକ୍ଷୋଭକରି ଜି-୨୦ ଦେଶଗୁଡିକରେ ଆମେରିକାରେ ମୂଲ୍ୟବୃଦ୍ଧି ରାଜନୈତିକ ଆଲୋଚନାର ପ୍ରମୁଖ ବିଷୟ ହୋଇଛି। ଉଦାହରଣ ସ୍ୱରୂପ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ୪୧ ପ୍ରତିଶତ ଆମେରିକାବାସୀ ମୁଦ୍ରାସ୍ଫୀତିକୁ ସବୁଠୁ ବଡ଼ ଆର୍ଥିକ ସମସ୍ୟା ବୋଲି ଦର୍ଶାଇଥିଲେ। ଉଚ୍ଚ ମୁଦ୍ରାସ୍ଫୀତି ମଧ୍ୟ ବିସ୍ଥାପନ ସଙ୍କଟର ଗୁରୁତ୍ୱକୁ କମାଇ ଦେଇଛି। କିନ୍ତୁ ମୂଲ୍ୟ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି। ଚରମ ପାଣିପାଗ ଫସଲକୁ କ୍ଷତି କରିବା ସହ ଅମଳ ନଷ୍ଟ କରେ, ଖାଦ୍ୟର ମୂଲ୍ୟ ବୃଦ୍ଧି ଘଟାଏ। ଏହାର ପ୍ରଭାବରୁ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ମରୁଡ଼ି ଏବଂ ବନ୍ୟା ପରିସ୍ଥିତି ଲଗାତର ତୀବ୍ର ହେବାରେ ଲାଗିଛି। ଏହିସବୁ ଘଟଣା ଯୋଗାଣ ଶୃଙ୍ଖଳା ଏବଂ ଶକ୍ତି ଉତ୍ପାଦନରେ ବାଧା ଉପୁଜାଇ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରିଥାଏ। ଆଫ୍ରିକା ଏବଂ ଲାଟିନ ଆମେରିକାରେ ଘରୋଇ ବ୍ୟୟର ଖାଦ୍ୟ ଏକ ପ୍ରମୁଖ ଭାଗ ହୋଇଥିବାବେଳେ ସେଠାରେ ଜଳବାୟୁ ଦ୍ୱାରା ସୃଷ୍ଟି ହୋଇଥିବା ମୁଦ୍ରାସ୍ଫୀତିଜନିତ ଚାପ ଅତ୍ୟଧିକ ହୋଇଛି। ଉଦାହରଣ ସ୍ୱରୂପ, ଏଲ୍‌ନିନୋ ଯୋଗୁ ସୃଷ୍ଟି ମରୁଡ଼ି ମାଲାୱି, ମୋଜାମ୍ବିକ୍, ଜାମ୍ବିଆ ଏବଂ ଜିମ୍ବାୱେରେ ମୁଖ୍ୟ ଖାଦ୍ୟ ଶସ୍ୟଗୁଡ଼ିକର ମୂଲ୍ୟ ବୃଦ୍ଧି କରି କ୍ଷୁଧା ସଙ୍କଟ ସୃଷ୍ଟି କରୁଛି। ଅପରପକ୍ଷେ, ଧନୀ ଦେଶଗୁଡ଼ିକରେ ପରିବାରଗୁଡ଼ିକ ସେମାନଙ୍କ ଆୟର ଏକ କ୍ଷୁଦ୍ର ଅଂଶକୁ ଖାଦ୍ୟରେ ଖର୍ଚ୍ଚ କରିଥାନ୍ତି ଏବଂ ଭଲରେ ଚଳିଥାନ୍ତି।

ଅନେକ ସମୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ଆଲୋଚନାଗୁଡ଼ିକରେ ଅସୁରକ୍ଷିତ ଜନସଂଖ୍ୟା ଉପରେ ଏହାର ଅର୍ଥନୈତିକ କ୍ଷତି ଏବଂ ବୃଦ୍ଧି ପାଉଥିବା ଅସମାନତାକୁ ଅଣଦେଖା କରାଯାଏ। ଅନ୍ୟପଟେ ସବୁଜ ଅଭିବୃଦ୍ଧି ଏବଂ ନିର୍ଗମନ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଏ। ମୁଦ୍ରାସ୍ଫୀତି ଆର୍ଥିକ ସ୍ଥିରତାରେ ବାଧା ଦେଉଥିବାରୁ, ଏହି କ୍ଷେତ୍ରକୁ କୌଣସି ପରିସ୍ଥିତିରେ ଅଣଦେଖା କରାଯାଇ ପାରିବ ନାହିଁ। ପାଣିପାଗ ଧାରାରେ ପରିବର୍ତ୍ତନ ଯୋଗୁ ବ୍ରାଜିଲରେ କମଳା, ପଶ୍ଚିମ ଆଫ୍ରିକାରେ କୋକୋ ଏବଂ ଭିଏତନାମରେ କଫିର ମୂଲ୍ୟ ବୃଦ୍ଧି ହୋଇଛି। ପୋଟ୍‌ସଡାମ ଇନ୍‌ଷ୍ଟିଚ୍ୟୁଟ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ଏବଂ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାପଡ଼ିଛି ଯେ, ତାପମାତ୍ରା ବଢ଼ିବା ଦ୍ୱାରା ଖାଦ୍ୟ ମୂଲ୍ୟ ବୃଦ୍ଧି ପ୍ରତିବର୍ଷ ୩.୨ ପ୍ରତିଶତ ପଏଣ୍ଟ ବୃଦ୍ଧି ପାଇପାରେ ଏବଂ ୨୦୩୫ ସୁଦ୍ଧା ସାମଗ୍ରିକ ମୁଦ୍ରାସ୍ଫୀତି ବାର୍ଷିକ ୧.୧୮ ପ୍ରତିଶତ ପଏଣ୍ଟ ବୃଦ୍ଧି ଘଟିପାରେ।

ଜଳବାୟୁ ପରିବର୍ତ୍ତନକୁ କେବଳ ଏକ ପରିବେଶଗତ ପ୍ରସଙ୍ଗ ଭାବରେ ଦେଖାଯାଉଛି। କିନ୍ତୁ ଏହା ଅର୍ଥନୈତିକ ହେବା ଦରକାର। ବିଶ୍ୱୀୟ ବ୍ୟାଙ୍କ ଏବଂ ମୁଦ୍ରା ପ୍ରାଧିକରଣଗୁଡ଼ିକ ଉଭୟ ଏବେକାର ତଥା ଦୀର୍ଘକାଳୀନ ଜଳବାୟୁ ବିପଦକୁ ସେମାନଙ୍କ ମୁଦ୍ରାସ୍ଫୀତି ପୂର୍ବାନୁମାନ ଓ ନୀତିରେ ଅନ୍ତର୍ଭୁକ୍ତ କରିବା ଦରକାର। କେତେକ ସଂସ୍ଥା ଏହାକୁ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ଜଳବାୟୁ ବିପଦର ସ୍ଥିତିକୁ ଦକ୍ଷିଣ ଆଫ୍ରିକା ରିଜର୍ଭ ବ୍ୟାଙ୍କ ସ୍ୱୀକାର କରିଛି। ୨୦୧୮ ପରଠାରୁ କୋଷ୍ଟାରିକାର ସେଣ୍ଟ୍ରାଲ ବ୍ୟାଙ୍କ ବିସ୍ଥାପନ ପ୍ରଭାବକୁ ଏହାର ଅର୍ଥନୈତିକ ମଡେଲରେ ସାମିଲ କରିଛି।

ବ୍ୟବହାରିକ ସମାଧାନର ପଥ ସୃଷ୍ଟି କରିବା ପାଇଁ ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଏବଂ ଅର୍ଥ ମନ୍ତ୍ରଣାଳୟସବୁ ଜଳବାୟୁ ସଙ୍ଗଠନଗୁଡ଼ିକ ସହିତ କାର୍ଯ୍ୟ କରିବା ଉଚିତ, ଯାହା ଚରମ ପାଣିପାଗର ପାରସ୍ପରିକ ଝଟକା, ମୁଦ୍ରାସ୍ଫୀତି ଏବଂ ଖାଦ୍ୟ ନିରାପତ୍ତାଜନିତ ବିପଦରୁ ରକ୍ଷା କରିବାରେ ମାଦ୍ଧା ଅର୍ଥ ବ୍ୟବସ୍ଥାଗୁଡ଼ିକୁ ସାହାଯ୍ୟ କରିବ। ଉଦାହରଣ ସ୍ୱରୂପ, ଆଫ୍ରିକୀୟ ଜଳବାୟୁ ଫାଉଣ୍ଡେସନ ବା ଏସିଏଫ୍ (ଯେଉଁଥିରେ ଆମେ କାର୍ଯ୍ୟ କରୁଛୁ) ଆଡ୍‌ପଟେସନ ଆଣ୍ଡ ରେଜିଲିଏନ୍ସ ଇନ୍‌ଭେଷ୍ଟମେଣ୍ଟ ପ୍ଲାଟଫର୍ମସ (ଏଆରଆଇପି) ବିକାଶ କରିଛି। ଏହା ଜଳବାୟୁଜନିତ କ୍ଷତି ଭରଣା କରିବାରେ ଏକ ବ୍ୟାପକ ଦୃଷ୍ଟିକୋଣ। ଏହା ମଧ୍ୟ ଉନ୍ନତ ଆନାଲିଟିକ୍ସ ବା ବିଶ୍ଳେଷଣ ପଦ୍ଧତି ବ୍ୟବହାର କରେ। ନିବେଶ ଓ ନୀତି ପ୍ରାଥମିକତାକୁ ସହଜ କରିବା ପାଇଁ ଜଳବାୟୁ ଏବଂ ପାଣିପାଗ ତଥ୍ୟ, ବାୟୋଫିଜିକାଲ ମଡେଲ ଏବଂ ଅର୍ଥ ବ୍ୟବସ୍ଥା ମଡେଲଗୁଡ଼ିକୁ ଏକାଠି ନେଇ ଏହା ଅନୁଧ୍ୟାନ କରିଥାଏ। ଗତବର୍ଷ ଫ୍ରିଡି ବାତ୍ୟା ମାଲାୱିରେ ବ୍ୟାପକ କ୍ଷତି ଘଟାଇବା ପରେ ଏସିଏଫ୍ ସେଠାରେ ଏଆରଆଇପି ବ୍ୟବହାର କରିଥିଲା। ଏହି ବିଭାଗ ସାଧନକୁ ବ୍ୟବହାର କରି ନୀତି ନିର୍ଦ୍ଧାରକମାନେ ସ୍ଥାୟୀ ସମାଧାନ ଚିହ୍ନଟ କରିଥାନ୍ତି, ଯାହା



ବାତ୍ୟାଜନିତ ଅର୍ଥନୈତିକ କ୍ଷତି ହ୍ରାସ କରିବା ସହ ପ୍ରମୁଖ ଶିଳ୍ପଗୁଡ଼ିକର ସୁରକ୍ଷା ତଥା ଆର୍ଥିକ ସ୍ଥିରତାକୁ ମଜଭୁତ କରେ।

ଜଳବାୟୁ ଉପରେ ଗବେଷଣା କରୁଥିବା ଅନ୍ୟାନ୍ୟ ବିଶେଷଜ୍ଞମଣ୍ଡଳୀଗୁଡ଼ିକ ମଧ୍ୟ ସମାନ ଉଦ୍ଦେଶ୍ୟକୁ ଅନୁସରଣ କରୁଛନ୍ତି। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣ ଲାଭକାରୀ ସଂଗଠନ ଇନିସିଏଟିଭା କ୍ଲାଇମେଟିକା ଡି ମେକ୍ସିକୋ ନୀତି ନିର୍ଦ୍ଧାରକମାନଙ୍କୁ ଅର୍ଥନୈତିକ ଯୋଜନାରେ ଜଳବାୟୁ ବିପଦକୁ ବିଚାରକୁ ନେବାକୁ ପ୍ରେରିତ କରୁଥିବାବେଳେ ବ୍ରାଜିଲର ଇନ୍‌ଷ୍ଟିଚ୍ୟୁଟ ଫର୍ କ୍ଲାଇମେଟ୍ ଆଣ୍ଡ ସୋସାଇଟି ସ୍ୱଳ୍ପ ଆୟକାରୀ ସମ୍ପ୍ରଦାୟକୁ ଚରମ ପାଣିପାଗଜନିତ ଆର୍ଥିକ କ୍ଷୟକ୍ଷତିରୁ ରକ୍ଷା କରିବା ସକାଶେ ସାମାଜିକ ସୁରକ୍ଷା ଯୋଜନା ଏବଂ ଜଳବାୟୁ ସମ୍ବେଦନଶୀଳ ନୀତି ଲାଗି ଆହ୍ୱାନ ଦେଇଛି।

ଆଞ୍ଚଳିକ ସହଯୋଗ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହା ଆଫ୍ରିକା ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକର ଜଳବାୟୁ ବିପଦକୁ ହ୍ରାସ କରିବ ଏବଂ ଏଥିରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ସମ୍ପ୍ରଦାୟକୁ ସହଯୋଗ କରିବା ପାଇଁ ଅର୍ଥନୈତିକ ନୀତିର ବିକାଶ ଏବଂ ଭାଗୀଦାରିକୁ ଅନୁମତି ଦେବ। ଆନ୍ତଃ ଆମେରିକୀୟ ବିକାଶ ବ୍ୟାଙ୍କର ରିଜିଓନାଲ କ୍ଲାଇମେଟ ଚେଞ୍ଜ ପ୍ଲାଟଫର୍ମ ଅଫ୍ ଇକୋନୋମି ଭଳି ପଦକ୍ଷେପ ଏବଂ ଅର୍ଥ ମନ୍ତ୍ରଣାଳୟସବୁ ଏହି ପ୍ରୟାସ ପାଇଁ ଏକ ବ୍ଲୁ ପ୍ରିଣ୍ଟ ଭାବରେ କାମ କରିପାରିବେ। ବିଶ୍ୱ ସ୍ତରରେ ଜଳବାୟୁ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ରହିବା ଆବଶ୍ୟକ। ୟୁରୋପୀୟ ସଂଘ(ଇୟୁ)ର କାର୍ବନ ବର୍ଡର ଆଡ୍‌ଜଷ୍ଟମେଣ୍ଟ ମେକାନିଜମ୍ ଜଳବାୟୁ ପ୍ରତିକୂଳ ପ୍ରଭାବକୁ ହ୍ରାସ କରିବା ପାଇଁ ଏକ ଯତ୍ନଶୀଳ ନୀତି ଗଠନର ଆବଶ୍ୟକତାକୁ ଦର୍ଶାଏ। ଆସନ୍ତା ବର୍ଷ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ଏବଂମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍ ୩୦)ର ଆୟୋଜକ ଦେଶ ଭାବେ ବ୍ରାଜିଲ ଏବଂ ବର୍ତ୍ତମାନର ଜି-୨୦ ଅଧ୍ୟକ୍ଷ ଭାବରେ ଦକ୍ଷିଣ ଆଫ୍ରିକା ପାଇଁ ବିଶ୍ୱର ଆର୍ଥିକ ଏଜେଣ୍ଡାକୁ ପୁନଃ ନିର୍ଦ୍ଧାରଣ ସହ ନୀତିଗୁଡ଼ିକୁ ସହଯୋଗ କରିବା ଲାଗି ଅପୂର୍ବ ସୁଯୋଗ ରହିଛି, ଯାହା ଉଭୟ ମୁଦ୍ରାସ୍ଫୀତି ଏବଂ ବିସ୍ଥାପନ ସଙ୍କଟକୁ ମୁକାବିଲା କରିପାରିବ।

ସମ୍ମିଳିତ ଏବଂ ନିର୍ଣ୍ଣାୟକ କାର୍ଯ୍ୟ କରିବାରେ ବିଫଳତା ହିଁ ଅସମାନତା ବଢ଼ାଇବା ସହ ଅର୍ଥନୈତିକ ସ୍ଥିରତାକୁ ନଷ୍ଟ କରିପାରେ ଏବଂ ଜଳବାୟୁ ଲକ୍ଷ୍ୟ ପୂରଣରେ ବାଧା ଆଣିପାରେ। କିନ୍ତୁ ଯଦି ନୀତି ନିର୍ଦ୍ଧାରକମାନେ ଜଳବାୟୁ ଏବଂ ଅର୍ଥନୈତିକ ନୀତି ମଧ୍ୟରେ ବ୍ୟବଧାନ ଦୂର କରିପାରୁଥିବା ଅଭିନବ ଉପାୟ ବିକାଶ କରନ୍ତି, ତେବେ ସେମାନେ ଏବେକାର ଚରମ ପାଣିପାଗ ବିପଦକୁ ହ୍ରାସ କରିବା ସହ ଜଳବାୟୁ ବିପଦକୁ ଆକଳନ କରି ସ୍ଥାୟୀ ଭାବେ ତା'ର ମୁକାବିଲା କରିବାକୁ ସକ୍ଷମ ହୋଇପାରିବେ। ଉଭୟ ମୁଦ୍ରାସ୍ଫୀତି ଏବଂ ବିସ୍ଥାପନ ବୃଦ୍ଧି ପାଉଥିଲେ ମଧ୍ୟ ସମ୍ମିଳିତ ଓ ନ୍ୟାୟସଙ୍ଗତ ନୀତିର ଆବଶ୍ୟକତାକୁ କେବେବି ଅଧିକ ଜରୁରୀ ମନେକରାଯାଇ ନାହିଁ।

## ଓଲଟ ଗତି



ନିମାଇଁ ଚରଣ ଲେଙ୍କା

ଜଣେ ବିଦେଶୀ ପର୍ଯ୍ୟଟକ ସକାଳୁ ସହରର ଏକ ଜଙ୍କିରୁ ଲେଜଷ୍ଟେଶନକୁ ଚାଲିଚାଲି ଯାଉଥିଲେ। ଓ ଘୁଙ୍ଗ ଲେଜିଆ ବ୍ୟାଗ୍ ଉଠିବାରୁ ଥକିଯାଉଥିଲେ। ସେହି ରାସ୍ତା ଦେଇ ଏକ ଅଟୋରିକ୍ସା ଯାଉଥିବାର ଦେଖି ଚାଳକକୁ ଷ୍ଟେଶନ ପର୍ଯ୍ୟନ୍ତ ଭଡ଼ା କେତେ ବୋଲି ପଚାରିବାରୁ ଚାଳକ ୨୫ଟ ଟଙ୍କା କହିଲା। ଏଥିରେ ସେ ରାଜି ହୋଇନଥିବାରୁ ଅଟୋବାଲାଟି ଚାଲିଗଲା। ବ୍ୟକ୍ତି ଜଣକ ବହୁକଷ୍ଟରେ ପୁଣି ଗୁଡ଼ାଏ ବାଟ ଯିବା ପରେ ଥକିପଡ଼ିଲେ। ସେତିକିବେଳେ ସେହି ଅଟୋବାଲାଟି ପୁଣି ପହଞ୍ଚିଲା। ଏଥର ତାକୁ ଭଡ଼ା ପରିମାଣ ପଚାରିବାରୁ ସେ ୫୦ଟ ଟଙ୍କା କହିଲା। ଏଥିରେ ପର୍ଯ୍ୟଟକ ବିରକ୍ତି ପ୍ରକାଶକରି କହିଲେ, "ଷ୍ଟେଶନ ଯେତେବେଳେ ଦୂର ଥିଲା, ତୁମେ ଯାହା ଭଡ଼ା କହୁଥିଲ, ଏବେ ପାଖ ହୋଇଯିବା ପରେ ମଧ୍ୟ ତୁମେ ତା'ଠାରୁ ଦୁଇଗୁଣ ଅଧିକ ଦାବି କରୁଛ?" ଅଟୋଚାଳକ ନମ୍ରତାର ସହ କହିଲା, "ମହାଶୟ! କଥା ହେଉଛି, ଆପଣ ଏବେ ଷ୍ଟେଶନର ବିପରୀତ ଦିଗରେ ଯାତ୍ରା କରୁଛନ୍ତି। ତେଣୁ ଯେତେ ଆଗକୁ ଯାଉଛନ୍ତି, ଷ୍ଟେଶନଠାରୁ ପଛକୁ ପଛ ଦୂରେଇ ଯାଉଛନ୍ତି, ବରଂ ସେତେ ଅଧିକ ଦୂରେଇଯାଉଛନ୍ତି, ଅଥଚ ମୋର ଦୋଷ ଦେଉଛନ୍ତି। ଏଥିରେ ଅଧିକ ଭଡ଼ା ଦାବି କରିବାରେ ମୋର ଭୁଲ୍ କେଉଁଠି ରହିଲା?" ଚାଳକଟିର ଏହି କଥାର ସତ୍ୟତାକୁ ଉପଲବ୍ଧି କରି ବ୍ୟକ୍ତି ଜଣକ ନିଜ ଭୁଲ୍ ପାଇଁ ଲଜ୍ଜିତ ହୋଇଗଲେ।

ପର୍ଯ୍ୟଟକ ଜଣକ ବିପରୀତ ଦିଗରେ ଯାଇ ଯେପରି ନିଜ ଲକ୍ଷ୍ୟସ୍ଥଳଠାରୁ ଦୂରେଇ ଯାଉଥିଲେ, ସେମିତି ଅଧିକାଂଶ ମନୁଷ୍ୟ ଜୀବନ ଅନ୍ତିମ ଲକ୍ଷ୍ୟସ୍ଥଳ 'ମୁକ୍ତି'ର ବିପରୀତ ବା ଓଲଟା ଦିଗରେ ଗତି କରୁଥିବାରୁ ସୁଖ, ଶାନ୍ତି, ଆନନ୍ଦ ଓ ପ୍ରେମର ମହାସାଗର ପରମାତ୍ମାଙ୍କ ସାନ୍ନିଧ୍ୟଲାଭରୁ ବଞ୍ଚିତ ହେଉଛେ। କୀଟପତଙ୍ଗ, ପଶୁ, ପକ୍ଷୀ ଆଦି ବିଭିନ୍ନ ଜନ୍ମ ଅତିକ୍ରମକରି ଅଶେଷ ପୁଣ୍ୟଫଳ ପ୍ରଭାବରେ ଶ୍ରେଷ୍ଠଜନ୍ମ ଲାଭକରି, ପ୍ରଥମେ ପଶୁତ୍ୱ ପରିହାରକରି ମନୁଷ୍ୟତ୍ୱ, ତତ୍ପରେ ଦେବତ୍ୱ, କ୍ରମେ ଈଶ୍ୱରତ୍ୱ ଓ ପରିଶେଷରେ ବ୍ରହ୍ମତ୍ୱ ଲାଭ କରିବାକୁ ଥିବା ଆମ ପ୍ରତ୍ୟେକ ମନୁଷ୍ୟଙ୍କ ନିମନ୍ତେ ବ୍ରହ୍ମଲୋକ ବା ପରମଧାମ ହିଁ ଅନ୍ତିମ ଲକ୍ଷ୍ୟସ୍ଥଳ। ସେହି ଅମରଲୋକ ଆମ(ଆତ୍ମା)ର ସ୍ଥାୟୀ ନିବାସସ୍ଥଳ ବା ଠିକଣା ହୋଇଥିବାରୁ ଆମେ ମଧ୍ୟ ସେହି ପର୍ଯ୍ୟଟକଙ୍କ ପରି ଏହି ମରଲୋକର ଅଳ୍ପଦିନର କୁଣିଆ। କଥା ହେଉଛି, ସାଧାରଣ ପାର୍ଥିବ ସୁଖ ପାଇଁ ଆମେ ଯେତେ ଯେତେ ଉପାୟମାନ କରୁ, କେବଳ ଏହି ଶରୀର ଓ ଧନ, ଜନ, ପ୍ରଭୁତ୍ୱ, କ୍ଷମତା ଓ ପ୍ରତିପତ୍ତିକୁ ଚିରଦିନ ହାସଲ କରିବା ପାଇଁ। ତେବେ ଆତ୍ମା ପାଇଁ ନୁହେଁ, ଯେଉଁ ଆତ୍ମା ଆମର ଅନ୍ତିମ ଲକ୍ଷ୍ୟସ୍ଥଳ ସେହି ଶାଶ୍ୱତ ସୁଖ, ଶାନ୍ତି, ଆନନ୍ଦର ମହାସାଗର ପରମପିତାଙ୍କ ନିକଟରେ ନିରାପଦରେ ପହଞ୍ଚାଇ ଦେଇପାରିବ। ଏହା ହିଁ ଆମର ବିପରୀତ ବା ଓଲଟଗତି ଓ ବିପରୀତ ବୁଦ୍ଧି। ସକାଳେ ଆମେ ପୂର୍ବଦିଗରେ ଉଦିତସୂର୍ଯ୍ୟଙ୍କ ଆଡ଼କୁ ମୁହଁକରି ଚାଲିଲେ ସୂର୍ଯ୍ୟଙ୍କୁ ଦେଖିପାରିବା ସହ ନିଜ ଛାଇ ଆମ ପଛେ ପଛେ ଚାଲିବ। କିନ୍ତୁ ପଶ୍ଚିମଦିଗକୁ ମୁହଁକରି ଚାଲିଲେ ସୂର୍ଯ୍ୟଙ୍କୁ ତ ଦେଖିପାରିବା ନାହିଁ, ନିଜ ଛାଇକୁ ମଧ୍ୟ ଧରିପାରିବା ନାହିଁ। ଠିକ୍ ସେହିପରି ବାସ୍ତବ ଜୀବନରେ ଜ୍ଞାନସୂର୍ଯ୍ୟ ବା ଈଶ୍ୱରଙ୍କ ଆଡ଼କୁ ମୁହଁକରି ଚାଲିଲେ, ଈଶ୍ୱରପ୍ରାପ୍ତି କରି, ଛାଇ ସଦୃଶ କାମନା, ବାସନାମାନ ଛାଇ ଆମକୁ ହିଁ ଅନୁଧାବନ କରିବେ। କିନ୍ତୁ ବିପରୀତ ଦିଗରେ ଗତିକଲେ ଆମେ ଜ୍ଞାନସୂର୍ଯ୍ୟଙ୍କୁ ତ ହରାଇବା, ଅଧିକନ୍ତୁ ଛାଇ(କାମନା, ବାସନା)କୁ ମଧ୍ୟ ଧରିପାରିବା ନାହିଁ। ସେଣୁ ପ୍ରଥମରୁ ଲକ୍ଷ୍ୟ ସ୍ଥିର ନ କଲେ କୌଣସି କାର୍ଯ୍ୟ ସଫଳ ହୁଏନାହିଁ, ବରଂ ଜୀବନ ବିଫଳ ହୋଇଯାଏ ଓ ଲକ୍ଷ୍ୟହୀନ ଗତିକ ପାଲଟିଯାଏ। ଜୀବର ଜୀବତ୍ୱ ସ୍ୱାଭାବିକ, କିନ୍ତୁ ଦେବତ୍ୱ ଅସ୍ୱାଭାବିକ। ଜୀବତ୍ୱ ସ୍ଥାନରେ 'ଶିବତ୍ୱ' ପ୍ରତିଷ୍ଠା କରିବା ମାନବ ଜୀବନର ଲକ୍ଷ୍ୟ। ସେଥିପାଇଁ କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର ଆଦି ସହଜରେ ଆସିଯାଏ; କିନ୍ତୁ ଦୟା, କ୍ଷମା, ଭକ୍ତି, ପ୍ରେମ ଇତ୍ୟାଦିକୁ କଷ୍ଟ କରି ଆଣିବାକୁ ହୁଏ। ମନୁଷ୍ୟ ଯଦି କୃତ୍ରିମ ପରିବେଶ, ଆହାର, ବିହାରଠାରୁ ଦୂରରେ ରହି, ପ୍ରାକୃତିକ ନିୟମ, ଶାସ୍ତ୍ରବାଣୀ ବା ଈଶ୍ୱରୀୟ ନିୟମରେ ବିଚାର ଓ ଶକ୍ତିସଂଯମ ଦ୍ୱାରା ନିଜ ପ୍ରାଣଶକ୍ତିକୁ ସଞ୍ଚୟକରି ଯୋଗ, ଧ୍ୟାନ, ଆସନ ଓ ପ୍ରାଣାୟମ ଦ୍ୱାରା ପ୍ରାଣବଳ, ମନୋବଳକୁ ବୃଦ୍ଧିକରି, ପ୍ରତ୍ୟେକ ପ୍ରାଣୀଙ୍କ ପ୍ରତି କରୁଣା, ସେବା, ପ୍ରେମ, ତ୍ୟାଗ, କ୍ଷମା, ଶୁଭଭାବନା, ଶୁଭକାମନାରେ ହୃଦୟ ପରିପୂର୍ଣ୍ଣ କରିପାରିବ, ତେବେ ସେ ସହଜରେ ଜରା, ବ୍ୟାଧି ମୃତ୍ୟୁ ଉପରେ ବିଜୟପ୍ରାପ୍ତ କରି ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ।

ମୋ: ୯୨୩୮୭୬୫୪୭୮

## ଏଇ ଭାରତରେ

ଜ୍ଞାନ ଅର୍ଜନ କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ନ ଥାଏ। ସେଥିପାଇଁ କୁହାଯାଏ ୮୧ ବର୍ଷ ବୟସରେ ବି ପୁଣି ଥରେ ପାଠ ପଢ଼ିବା ଆରମ୍ଭ କରିଛନ୍ତି ସତ୍ପାଲ ଅରୋରା। ରାଜସ୍ଥାନ ବିରୋଚାଡ଼ାର ପ୍ରତାପଗଡ଼ ଗ୍ରାମରେ ତାଙ୍କ ଘର। କିଛି ଦିନ ତଳେ ସେ ଏଲ୍‌ଏଲ୍‌ବି ଡିଗ୍ରି କରିବା ପାଇଁ କଲେଜରେ ନାମ ଲେଖାଇଛନ୍ତି। ୮୧ ବର୍ଷୀୟ ସତ୍ପାଲ ଏବେ ଅନ୍ୟ ଛାତ୍ରଛାତ୍ରୀଙ୍କ ସହିତ ଏକାଠି ବସି ନିୟମିତ କ୍ଲାସ କରୁଛନ୍ତି। ପାଠ ବିଷୟରେ ଅନ୍ୟ ଛାତ୍ରଙ୍କ ସହିତ ଚର୍ଚ୍ଚା ବି କରୁଛନ୍ତି। ନୂଆ ପିଢ଼ିର ପିଲାଙ୍କ ସହିତ ବସି ପାଠ ପଢ଼ିବା ତାଙ୍କ ଆଦୌ ସଙ୍କୋଚ ନାହିଁ। ୪୦ ବର୍ଷ ପରେ ପୁଣି ଥରେ ପାଠ ପଢ଼ା ଆରମ୍ଭ କରି ସେ ବେଶ୍ ଉତ୍ସାହିତ ଅଛନ୍ତି। ସତ୍ପାଲଙ୍କୁ କଲେଜରେ ପଢ଼ୁଥିବାର ଦେଖି ଅନ୍ୟ ଛାତ୍ର ତଥା ଷ୍ଟାଫ୍‌ମାନେ ବି ବେଶ୍ ଉତ୍ସାହିତ ଅଛନ୍ତି। ଡିଗ୍ରୀ କରିବା ପୂର୍ବରୁ ସତ୍ପାଲ ପ୍ରଥମେ ତାଙ୍କର ଜଣେ ଅଧ୍ୟାପକ ବନ୍ଧୁଙ୍କ ସହ ପରାମର୍ଶ କରିବା ପରେ ନାମ ଲେଖାଇଛନ୍ତି। ତାଙ୍କ କହିବା ଅନୁସାରେ ବୟସ କେବେ ହେଲେ କୌଣସି କାମରେ ବାଧା ସୃଷ୍ଟି କରିପାରେ ନାହିଁ। ମନର ଉତ୍ସାହ ଥିଲେ ସବୁ କାମ କରିହେବ। ସବୁ ମଣିଷ ପ୍ରତି ମୁହୂର୍ତ୍ତରେ ନୂଆ କିଛି ଶିଖିବା ପାଇଁ ଚେଷ୍ଟା ଜାରି ରଖିବା ଦରକାର। ତେବେ ତାଙ୍କର ଏଭଳି ଏକ ପ୍ରୟାସ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩ ଜାନୁଆରୀ ୧୯୭୬

- ଦେଶର ପରିବାର ନିୟୋଜନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମୀଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ଜାତୀୟ ପୁରସ୍କାର ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି।
- ଧାନବାଦ ନିକଟସ୍ଥ ଚାସନଲା କୋଇଲା ଖଣିରୁ ଜଳ ନିଷ୍କାସନ ଓ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସୋଭିଏତ ରୁଷିଆ, ଯୁକ୍ତରାଷ୍ଟ୍ର ଆମେରିକା, ପୋଲାଣ୍ଡରେ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ଓ ବିଶେଷଜ୍ଞ ଦଳଙ୍କ ଆଗମନ।
- ମଧ୍ୟପ୍ରାଚ୍ୟ ଏୟାରଲାଇନ୍ସର ଏକ ଜେଟ ବିମାନ ସାଉଦି ଆରବରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୮୨ ଜଣ ନିହତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 4 | | 1 | | | 9 |
| | 1 | | | | | 2 | 7 | |
| | 5 | 9 | | | 6 | | | |
| 4 | | 7 | | 9 | | | 8 | |
| | | 8 | 2 | | | | 4 | |
| | | | | | | | | |
| 9 | 3 | | 1 | | | | | |
| | | | | 4 | 9 | | | 8 |
| | | | 6 | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 2 | 5 | 7 | 4 | 3 | 8 | 6 |
| 8 | 6 | 7 | 3 | 9 | 2 | 5 | 4 | 1 |
| 4 | 5 | 3 | 1 | 6 | 8 | 9 | 2 | 7 |
| 3 | 4 | 9 | 7 | 1 | 6 | 8 | 5 | 2 |
| 2 | 8 | 6 | 4 | 3 | 5 | 1 | 7 | 9 |
| 5 | 7 | 1 | 8 | 2 | 9 | 4 | 6 | 3 |
| 7 | 1 | 5 | 6 | 8 | 3 | 2 | 9 | 4 |
| 9 | 3 | 8 | 2 | 4 | 7 | 6 | 1 | 5 |
| 6 | 2 | 4 | 9 | 5 | 1 | 7 | 3 | 8 |

ଗତକାଲିର ଉତ୍ତର

# ମାକ୍ସୱେଲ୍‌ଙ୍କ ତରଙ୍ଗ ଓ ଆଲୋକ



ଡ. ଗୌରୀଶଙ୍କର ସାହୁ

ବ୍ରିଟିଶ ଗବେଷକ ସାର୍ ଆଇଜାକ୍ ନ୍ୟୁଟନ୍ ଆମ ଆଖପାଖରେ ଥିବା ବସ୍ତୁଗୁଡ଼ିକର ଗତିକୁ ନିର୍ଦ୍ଦିଷ୍ଟ ରୂପେ ମାପିବା ପାଇଁ ଗତିଶୀଳ ବସ୍ତୁର ଗତି ପଛରେ ନିହିତ ପ୍ରକୃତ କାରଣ ଆବୀକରଣକୁ ତାତ୍ତ୍ୱିକ ନିଷ୍କର୍ଷ ପ୍ରଦାନ କରିଥିଲେ। ହେଲେ ଆଲୋକର ସମସ୍ତ ଗୁଣାବଳୀ ନ୍ୟୁଟନ୍‌ଙ୍କ ପ୍ରଦତ୍ତ ଗତିବିଜ୍ଞାନ ଦ୍ୱାରା ବୁଝାଯାଇପାରିଲା ନାହିଁ। ଏଇ ଯେମିତି, ବ୍ୟତିକରଣ (ଇ-ଟରଫେରେନ୍ସ), ବିବର୍ତ୍ତନ (ଡିଫ୍ରାକ୍ସନ) ପ୍ରଭୃତି ପ୍ରକ୍ରିୟା ସବୁ ଆଲୋକକୁ କଣିକା/କର୍ପସ୍କୁଲମାନଙ୍କ ସମାହାର ଭାବେ ଗ୍ରହଣକରି ବର୍ଣ୍ଣନା କରିହେଲା ନାହିଁ। ବରଂ ହଏଗେନ୍‌ସଙ୍କ ତରଙ୍ଗ ତତ୍ତ୍ୱ ବ୍ୟତିକରଣ, ବିବର୍ତ୍ତନ ପ୍ରଭୃତି ପ୍ରକ୍ରିୟାକୁ ବୁଝାଇବାରେ ସକ୍ଷମ ହେଲା। ନ୍ୟୁଟନ୍ ବଳୟ(ନ୍ୟୁଟନ୍ ରିଙ୍ଗ) ମଧ୍ୟ କେବଳ ହଏଗେନ୍‌ସଙ୍କ ତରଙ୍ଗ ତତ୍ତ୍ୱ ଦ୍ୱାରା ବୁଝିହେଲା। ତା'ହେଲେ ଆଲୋକ କଣିକାଟିଏ ନା ତରଙ୍ଗ? ଆଲୋକକୁ କଣିକା ରୂପ ପରି ଦେଖିଲେ ପ୍ରତିଫଳନ ପ୍ରକ୍ରିୟା ବୁଝିହେଉଛି, ତରଙ୍ଗ ଧରିନେଲେ ପ୍ରତିସରଣ ପ୍ରକ୍ରିୟା ବୁଝାହେଉଛି!

କୁଲମ୍‌ଙ୍କ ନିୟମ, ଫାରାଡେଙ୍କ ନିୟମ, ଆମ୍ପିୟରଙ୍କ ନିୟମ ଓ ସ୍ଥିତିପ୍ରାପ୍ତ ବିଦ୍ୟୁତ୍ ସ୍ରୋତକୁ ବିଚାରକୁ ନେଇ ସ୍କଟିସ୍ ପଦାର୍ଥ ବିଜ୍ଞାନୀ ଜେମ୍ସ କ୍ଲର୍କ ମାକ୍ସୱେଲ୍ ବିଦ୍ୟୁତ୍-ଚୁମ୍ବକୀୟ ତତ୍ତ୍ୱ ନିଗମନ କଲେ। ଏହା ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍-ଚୁମ୍ବକୀୟ ତତ୍ତ୍ୱ ଭାବେ ସୁବିଦିତ। ମାକ୍ସୱେଲ୍ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ତତ୍ତ୍ୱର ସମୀକରଣରେ ଉଲ୍ଲେଖ ହୋଇଥିବା 'ଏପ୍ସିଲନ୍ ଓ ମ୍ୟୁ'ର ମୂଲ୍ୟ ୧୮୫୫ ସାଲରେ ଜର୍ମାନ୍ ଗବେଷକ ୱିଲହେଲମ୍ ୱେବର ଓ ରୁଡ଼ଲଫ୍ କୋହଲରାଉସ୍‌ଙ୍କ ଲୋଡେନ୍ ଜାର୍ ଉପରେ ପରୀକ୍ଷଣରୁ ମିଳିଥିବା ଫଳାଫଳକୁ ନିର୍ଦ୍ଧାରଣ କଲେ। ସେ ଦେଖିଲେ ୱେବର-କୋହଲରାଉସ୍ ପରୀକ୍ଷଣରୁ ମିଳିଥିବା ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ବେଗ ଫରାସୀ ଗବେଷକ ଜିନ୍ ବର୍ନାର୍ଡ ଲିଅନ୍ ଫୋକାଲ୍ଟଙ୍କ ଦ୍ୱାରା ମପାଯାଇଥିବା ଆଲୋକ ରଶ୍ମିର ବେଗ ସହ ସମାନ!

ସେ ସମୟରେ ସମସ୍ତେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ବେଗ ଓ ଆଲୋକର ବେଗ ସମାନ ହେବାକୁ ଆକସ୍ମିକ ଓ ସଂଯୋଗ ମାତ୍ର କହୁଥିବାବେଳେ ମାକ୍ସୱେଲ୍ ସ୍ପଷ୍ଟ ମତ ପୋଷଣକଲେ ଯେ ଏହା ଏକ ସଂଯୋଗ ନୁହେଁ, ବରଂ ଆଲୋକରଶ୍ମି ଏକ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ହୋଇଥିବାର ସ୍ପଷ୍ଟ ପ୍ରମାଣ। ଜର୍ମାନ୍ ପଦାର୍ଥ ବିଜ୍ଞାନୀ ହେନରିକ୍ ରୁଡ଼ଲଫ୍ ହର୍ଜ ୧୮୮୬ରୁ ୧୮୮୯ ମଧ୍ୟରେ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଉପରେ ଗବେଷଣାକରି ପ୍ରମାଣିତକଲେ ଯେ, ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗର ବେଗ ଆଲୋକର ବେଗ ସହ ସମାନ। ଭାରତୀୟ ପଦାର୍ଥ ବିଜ୍ଞାନୀ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ, ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଗବେଷଣାଗାରରେ ସୃଷ୍ଟିକରି ବେତାର ମାଧ୍ୟମରେ ବାୟୁମଣ୍ଡଳରେ ଗତିକରି ପାରୁଥିବା ଦେଖାଇଥିଲେ। ୧୮୯୫ ସାଲରେ ଜଗଦୀଶ ବୋଷ କଲିକତା ଟାଉନ ହଲ୍‌ରେ ଯେଉଁ ବେତାର ତରଙ୍ଗ ବୈଦ୍ୟୁତିକ ତାରର ବିନା ସାହାଯ୍ୟରେ ବାୟୁମଣ୍ଡଳରେ ଗତିକରିପାରିବ ବୋଲି ପ୍ରଦର୍ଶନ କରି ଦେଖାଇଥିଲେ, ତାହା ହର୍ଜଙ୍କ ତରଙ୍ଗ ସହ ସମରୂପୀ ଥିଲା। ଏହା ପରବର୍ତ୍ତୀ ସମୟରେ ରେଡିଓ ତରଙ୍ଗ ଭାବେ ଖ୍ୟାତିଲାଭ କଲା ଓ ବେତାର ଯୋଗାଯୋଗ ବିଜ୍ଞାନର ଆଧାରଶିଳା ଭାବେ ପ୍ରମାଣିତ ହେଲା।

ମାକ୍ସୱେଲ୍ ଗଣିତ ମାଧ୍ୟମରେ ପ୍ରଦର୍ଶନ କରିଥିବା ଓ ହେନରିକ୍ ହର୍ଜ ଓ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ବୈଜ୍ଞାନିକ ଯନ୍ତ୍ରାଂଶ ଦ୍ୱାରା ଗବେଷଣାଗାରରେ ସୃଷ୍ଟି କରିବାରେ ସମର୍ଥ ହୋଇଥିବା ବିଦ୍ୟୁତ୍‌ଚୁମ୍ବକୀୟ ତରଙ୍ଗ



ବାସ୍ତବରେ ଆଲୋକ ରଶ୍ମି ହିଁ ଥିଲା। ମାକ୍ସୱେଲ୍‌ଙ୍କ ତତ୍ତ୍ୱ ଆଲୋକ ରଶ୍ମିର ଦୃଶ୍ୟମାନ ଓ ଅଦୃଶ୍ୟ ସମସ୍ତ ତରଙ୍ଗ ଦୈର୍ଘ୍ୟଯୁକ୍ତ ତରଙ୍ଗ ପାଇଁ ପ୍ରଯୁଜ୍ୟ ଥିଲା। ହର୍ଜ ଓ ଆଚାର୍ଯ୍ୟ ଜଗଦୀଶ ଏହି ବର୍ଣ୍ଣାଳୀର ଏକ ଅଦୃଶ୍ୟ ଭାଗ, ରେଡିଓ ତରଙ୍ଗକୁ ଗବେଷଣାଗାରରେ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ।

ପ୍ରଥମଜଣା ଓଡ଼ିଆ ବୈଜ୍ଞାନିକ ପଦ୍ମଭୂଷଣ ପ୍ରାଣକୃଷ୍ଣ ପରିଜା ପ୍ରଧାନ ତାଙ୍କର ଗୋଟିଏ ପୁସ୍ତକରେ ଫର୍ମାଟ୍‌ଙ୍କ ନିୟମ କିପରି ମାକ୍ସୱେଲ୍‌ଙ୍କ ସମୀକରଣକୁ ରୂପାନ୍ତରିତ ହୋଇପାରେ ତାହା ଅଙ୍କକଷି ଦେଖାଇଥିଲେ। ହଏଗେନ୍ସ ଓ ହୁକ୍‌ଙ୍କ ଦ୍ୱାରା ବିକଶିତ ଆଲୋକର ତରଙ୍ଗତତ୍ତ୍ୱ, ମାକ୍ସୱେଲ୍‌ଙ୍କ ଗବେଷଣା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ସ୍ୱରୂପ ପ୍ରାପ୍ତ କଲା। ପ୍ରତିଫଳନ, ପ୍ରତିସରଣ, ବିବର୍ତ୍ତନ, ବ୍ୟତିକରଣ ପ୍ରଭୃତି ଆଲୋକର ବିଭିନ୍ନ ଗୁଣାବଳୀ ମାକ୍ସୱେଲ୍‌ଙ୍କ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଅବଧାରଣା ଦ୍ୱାରା ଉଭୟ ଗାଣିତିକ ଓ ବ୍ୟାବହାରିକ ଦୃଷ୍ଟିରୁ ବୁଝିହେଲା।

ତେବେ ମହାନ୍ ନ୍ୟୁଟନ୍ କ'ଣ ଭୁଲ୍ ଥିଲେ? ଆଲୋକ କ'ଣ କଣିକା ନୁହେଁ? ନ୍ୟୁଟନ୍‌ଙ୍କ ପ୍ରସିଦ୍ଧି ପାଇଥିବା ଆଲୋକର କଣିକା(କର୍ପସ୍କୁଲ) ମଡେଲ କ'ଣ ପ୍ରହେଳିକା ଥିଲା? ରେନେ ଡେକାର୍ଟେ ଯେଉଁ କର୍ପସ୍କୁଲ(କଣିକା) ଶବ୍ଦ ପ୍ରଚଳିତ କରିଥିଲେ ଓ ନ୍ୟୁଟନ୍ ଯାହାକୁ ଲୋକପ୍ରିୟ କରିପାରିଥିଲେ ତାହା କ'ଣ ଇତିହାସର ଅନ୍ଧାରୀ ମୂଲକରେ ଏକ ଭ୍ରମ ପ୍ରମାଣିତ ହୋଇ ବିଲୀନ ହୋଇଯିବ? ଏପରି ଅନେକ ପ୍ରଶ୍ନ, ଅନେକ ଆଶଙ୍କା ପାରମ୍ପରିକ ଗତିଶାସ୍ତ୍ରକୁ ବାଇବେଲ ବୋଲି ମାନି ନେଇଥିବା ଗବେଷକମାନଙ୍କ ମନ ଓ ମସ୍ତିଷ୍କରେ।

୧୯୦୦ରେ ଜର୍ମାନ୍ ପଦାର୍ଥ ବିଜ୍ଞାନୀ ମାକ୍ସ ପ୍ଲାଙ୍କ୍ କୃଷ୍ଣବସ୍ତୁର ବର୍ଣ୍ଣାଳୀ ବିଷୟକ ପ୍ରକାଶିତ ନିବନ୍ଧ, ୧୯୦୫ରେ ଇହୁଦୀ ଗବେଷକ ମହାନ୍ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ଆଲୋକେନ୍ ତତ୍ତ୍ୱ ଫିଜିକ୍ସରେ ଆଲୋକ ବିଦ୍ୟୁତ୍ ପ୍ରଭାବ(ଫଟୋ ଇଲେକ୍ଟ୍ରିକ ଇଫେକ୍ଟ) ସନ୍ଦର୍ଭରେ ପ୍ରକାଶିତ ନିବନ୍ଧ, ଆମେରିକୀୟ ପଦାର୍ଥ ବିଜ୍ଞାନୀ ଆର୍ଥର ହୋଲି କମ୍ପଟନ୍‌ଙ୍କ ୧୯୨୩ ସାଲରେ ଫିଜିକାଲ ରିଭ୍ୟୁରେ ରଞ୍ଜନ ରଶ୍ମି (ଏକ୍ସ-ରେ) ଗ୍ରାଫାଇଟ୍ ଖଣ୍ଡରେ ବିଚ୍ଛୁରିତ ହେବା ବିଷୟକ ନିବନ୍ଧ, ଭାରତୀୟ ବୈଜ୍ଞାନିକ ସତ୍ୟେନ୍ଦ୍ର ନାଥ ବୋଷଙ୍କ ୧୯୨୪ ସାଲରେ ଜେଟ୍‌ସିଫ୍ ଫର୍ ଫିଜିକରେ ପ୍ଲାଙ୍କ୍‌ଙ୍କ ନିୟମ ଓ ଆଲୋକ କ୍ୱାଣ୍ଟମ ତତ୍ତ୍ୱ ଶୀର୍ଷକ ଆଲେଖ୍ୟ, ଆଲୋକ ଯେ ଏକ କଣିକା, ଏହି କଥାକୁ ପ୍ରତିପାଦିତ କଲା। ପାଞ୍ଚଶତବର୍ଷ ପୁଣି ମୁଣ୍ଡଟେକିଠିଆ ହେଲା, ନ୍ୟୁଟନ୍‌ଙ୍କ କର୍ପସ୍କୁଲ!

୧୯୦୨ରେ ହଙ୍ଗେରୀୟାନ ପଦାର୍ଥ ବିଜ୍ଞାନୀ ଫିଲିପ୍ ଏଡୁଆର୍ଡ ଆଣ୍ଟନ୍ ଭନ୍ ଲେନାର୍ଡ ଆଲୋକ ବିଦ୍ୟୁତ୍ ପ୍ରଭାବକୁ ଗବେଷଣାଗାରରେ ପ୍ରଦର୍ଶିତ କରିଥିଲେ। ସେ ବ୍ରିଟିଶ ବୈଜ୍ଞାନିକ ଯୋସେଫ ଜନ୍ ଥମସନ୍‌ଙ୍କ ଇଲେକ୍ଟ୍ରନ୍ ପାଇଁ ବ୍ୟବହୃତ ବିଦ୍ୟୁତ୍ କର୍ପସ୍କୁଲ ଶବ୍ଦ ବଦଳରେ ବିଦ୍ୟୁତ୍ କ୍ୱାଣ୍ଟା ଶବ୍ଦ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଇଲେକ୍ଟ୍ରନ୍, କର୍ପସ୍କୁଲ ବା କ୍ୱାଣ୍ଟା ନୁହେଁ ବରଂ କଣିକା(ପାର୍ଟିକ୍‌ଲ) ବୋଲି ଜଣାପଡ଼ିଲା। ହଙ୍ଗେରୀୟ ଭନ୍ ଲେନାର୍ଡଙ୍କ ଓ ଫିଲିପ୍ ଲେନାର୍ଡ ବ୍ୟବହାର କରିଥିବା ଶକ୍ତିପେଟିକା ବା କ୍ୱାଣ୍ଟା, ଆଲୋକର କଣିକା ସ୍ୱରୂପକୁ ଦର୍ଶାଇବା ପାଇଁ ଆଲୋକ ବିଦ୍ୟୁତ୍ ପ୍ରଭାବ ସମ୍ପର୍କରେ ଆଲୋଚନା କେବଳ ବ୍ୟବହୃତ ହେଲା। ୧୯୦୫ରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଆଲୋକକୁ ବସ୍ତୁତ୍ୱ ଶୂନ୍ୟ କଣିକା ବୋଲି ଘୋଷଣାକରି ଫିଲିପ୍ ଲେନାର୍ଡଙ୍କ ଆଲୋକ ବିଦ୍ୟୁତ୍ ପ୍ରଭାବ ପ୍ରଦର୍ଶିତ କରୁଥିବା ପରୀକ୍ଷଣକୁ ସ୍ପଷ୍ଟଭାବେ ବୁଝାଇବାରେ ସକ୍ଷମ ହେଲେ। ଏହି ବସ୍ତୁତ୍ୱହୀନ ଆଲୋକ କଣିକା, କ୍ୱାଣ୍ଟା ନାମରେ ଆଜି ବିଦିତ। ଆଲୋକ କ୍ୱାଣ୍ଟାକୁ ଫୋଟନ୍ କୁହାଯାଏ। ବସ୍ତୁତ୍ୱଯୁକ୍ତ ନ୍ୟୁଟନ୍‌ଙ୍କ କର୍ପସ୍କୁଲ କଣିକା ଓ କଣିକା ଗୁଣ ରହିତ ହଏଗେନ୍‌ସଙ୍କ ତରଙ୍ଗ, ଆଲୋକ ରଶ୍ମିର ବାସ୍ତବ ସ୍ୱରୂପ ବର୍ଣ୍ଣାଇବାରେ ଅସମର୍ଥ ବୋଲି ବିଂଶଶତାବ୍ଦୀର ବୈଜ୍ଞାନିକମାନେ ପ୍ରମାଣିତ କରିଦେଇଥିଲେ।

ପ୍ରାଧ୍ୟାପକ ଓ ଗବେଷକ
ମୋ: ୭୭୮୪୨୧୮୩୫

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ୍ତର ନିଯୁକ୍ତି ହେଉ

ମହାଶୟ,

ଓଡ଼ିଶାରେ ଡାକ୍ତରମାନଙ୍କ ନିଯୁକ୍ତି ସମ୍ପର୍କରେ 'ଧରିତ୍ରୀ' ଖବରକାଗଜରେ ପ୍ରାଧାନ୍ୟ ଦେଇଲେ ଭଲ ହୁଅନ୍ତା। ସରକାରୀ ଡାକ୍ତରଖାନାଗୁଡ଼ିକରେ ଏବେ ରୋଗୀଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି। ଡାକ୍ତରମାନଙ୍କ ଘୋର ଅଭାବ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଜଣେ ଡାକ୍ତର ୫ ଜଣଙ୍କର କାମ କରୁଥିବାରୁ ରୋଗୀ ଦୀର୍ଘ ସମୟ ଅପେକ୍ଷାର ପୀଡ଼ା ସହ୍ୟ କରୁଥିବା ବେଳେ ଏହା ମଧ୍ୟ ଡାକ୍ତରମାନଙ୍କ ଉପରେ ପ୍ରବଳ ଚାପ ପକାଉଛି। ଓଡ଼ିଶାରେ ଶହ ଶହ ଡାକ୍ତର ଏମ୍‌ବିବିଏସ୍ ପାଠ ଶେଷ କରି ଘରେ ବସିଛନ୍ତି। ସେମାନଙ୍କୁ କେବଳ ମୌଖିକ ପରୀକ୍ଷା କରିଆରେ ନିଯୁକ୍ତି ଦିଆଗଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ଓଡ଼ିଶାରେ ଅନେକ ମେଡିକାଲ କଲେଜ ଅଛି। ମାତ୍ର ସେଠାରେ ପ୍ରବଳ ଭିଡ଼ ଓ ରୋଗୀଙ୍କର ପ୍ରବଳ ଚାପ। ଦୟାକରି ଏ ବିଷୟରେ ଧରିତ୍ରୀରେ ଛାପିବାକୁ ଅନୁରୋଧ।

- ସୁକନ୍ୟା ମହାନ୍ତି, ସୂର୍ଯ୍ୟନଗର, ଭୁବନେଶ୍ୱର

## ଚିରନ୍ତନୀ

ଗୀତାର ଉଚ୍ଛ୍ୱାସେ ସେ ତା'ର
ପ୍ରାଣ ଉଠେ ମାତି
ସ୍ୱପନ ଭାଙ୍ଗିଲେ ପୁଣି
ହୃଦ ଯାଏ ତାତି।
-(ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ବିପିଏସ୍‌ସି ପ୍ରିଲିମ୍ ବାତିଲ ଦାବିରେ ପ୍ରଶାନ୍ତଙ୍କ ଅନଶନ

ନୂଆଦିଲ୍ଲୀ,୨।୧



ବିହାର ଲୋକସେବା ଆୟୋଗ (ବିପିଏସ୍‌ସି) ଦ୍ୱାରା ଆୟୋଜିତ ୭୦ତମ ଇଣ୍ଟିଗ୍ରେଟେଡ୍ କମ୍ବାଇନ୍‌ଡ କମ୍ପିଟିଟିଭ୍ (ପ୍ରିଲିମିନାରି) ପରୀକ୍ଷା (ସିସିଇ), ୨୦୨୪ରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ପରେ ଏହି ପରୀକ୍ଷା ବାତିଲ ପାଇଁ ଦାବି ଜୋର୍ ଧରିଛି। ପରୀକ୍ଷା ବାତିଲ ଦାବିରେ ଜନସୁରାଜ ଦଳ ମୁଖ୍ୟ ପ୍ରଶାନ୍ତ କିଶୋର ଅନ୍ୟମାନଙ୍କ ସହ ପାଟନାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଗତ ମାସରେ ହୋଇଥିବା ଏହି ପରୀକ୍ଷା ବାତିଲ କରି ପୁନର୍ବାର ପରୀକ୍ଷା କରାଇବା ଦାବିରେ ବିପିଏସ୍‌ସି ଆଶାୟୀମାନେ ବିକ୍ଷୋଭ ଚଳାଇଥିବାବେଳେ ପ୍ରଶାନ୍ତ କିଶୋର ଏହାକୁ ସମର୍ଥନ ଜଣାଇଥିଲେ। ରାଜ୍ୟରେ ସରକାରୀ ଚାକିରିରେ ଦୁର୍ନୀତି ଚାଲିଥିବା ସେ ଅଭିଯୋଗ କରିଛନ୍ତି। ବିପିଏସ୍‌ସି ପରିଚାଳିତ ପରୀକ୍ଷା ଜରିଆରେ ଖାଲି ପଦବୀ ପାଇଁ ଅନେକ ହଜାର କୋଟି ଟଙ୍କା କାରବାର ହୋଇଥିବା ସେ ଜାଣିବାକୁ ପାଇଛନ୍ତି ବୋଲି କହିଛନ୍ତି। ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରୁଥିବା ଗଣମାଧ୍ୟମକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ୪୮ ଘଣ୍ଟା ମଧ୍ୟରେ ମାମଲାର ସମାଧାନ ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା କାଟ୍ ଖାଇଲା

## ଟିଙ୍କିବା ଗ୍ରାମ ପଞ୍ଚାୟତ

ଜମନକିରା,୨।୧
(ରବୀନ୍ଦ୍ର ପ୍ରସାଦ ଦାନୀ)



ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ପରେ ୱାର୍ଡ ସଭ୍ୟାସଭ୍ୟ, ସମର୍ଥକଙ୍କ ସହ ସରପଞ୍ଚ ମମତା ଭେଙ୍ଗରା।

ସମ୍ବଲପୁର ଜିଲା ଜମନକିରା ବ୍ଲକ ଟିଙ୍କିବା ଗ୍ରାମପଞ୍ଚାୟତ ସରପଞ୍ଚ ମମତା ଭେଙ୍ଗରାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଯାଇଛି। ଗୁରୁବାର ପଞ୍ଚାୟତ ଅଫିସରେ ଅନୁଷ୍ଠିତ ମତଦାନ ପରେ ପ୍ରସ୍ତାବ ସପକ୍ଷରେ ଦୁଇତୃତୀୟାଂଶ ସଭ୍ୟଙ୍କ ସମର୍ଥନ ନ ମିଳିବାରୁ ସେ ତାଙ୍କ ପଦ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଏହସହ ପଞ୍ଚାୟତରେ ଚାଲିଥିବା ରାଜନୈତିକ ଛକାପଞ୍ଝାରେ ଅବସାନ ଘଟିଛି। ସରପଞ୍ଚ ଭେଙ୍ଗରାଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ୧୧ୱାର୍ଡ ବିଶିଷ୍ଟ ଟିଙ୍କିବା ପଞ୍ଚାୟତର ୮ଜଣ ୱାର୍ଡ ସଭ୍ୟାସଭ୍ୟ ନାଏବ ସରପଞ୍ଚ ଅଜିତ ମୁଣ୍ଡାଙ୍କ ନେତୃତ୍ୱରେ ଗତ ନଭେମ୍ବର ୨୮ରେ କୁଚିଣ୍ଡା ଉପଜିଲାପାଳଙ୍କ ଅଫିସରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପ୍ରଶାସନର ନିଷ୍ପତ୍ତି ଅନୁସାରେ ଗୁରୁବାର ପଞ୍ଚାୟତ ଅଫିସରେ ୱାର୍ଡ଼ ସଭ୍ୟାସଭ୍ୟଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ହରେକୃଷ୍ଣ ବରିହା ଉଭୟ ପକ୍ଷଙ୍କୁ ମିଳିମିଶି ପଞ୍ଚାୟତର ବିକାଶ ପାଇଁ କାମ କରିବାକୁ କହିଥିଲେ। ହେଲେ କୌଣସି ନିଷ୍କର୍ଷ ନ ବାହାରିବାରୁ ମତଦାନ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ଅନାସ୍ଥା ଭୋଟ ବେଳେ ସରପଞ୍ଚ ଭେଙ୍ଗରାଙ୍କ ବିପକ୍ଷରେ ୬ ଜଣ ଏବଂ ସପକ୍ଷରେ ୫ ୱାର୍ଡ଼ସଭ୍ୟାସଭ୍ୟ ମତଦାନ କରିଥିଲେ। ଉପଜିଲାପାଳଙ୍କ ଅଫିସରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଲୋଚନ ଶବର, ଏସ୍‌ଡିପିଓ ଟିକେଶ୍ୱର କିଷାନ, ଜିପିଇଓ ଅଜୟ କୁମାର ଖଡ଼ିଆ, ଟିଙ୍କିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ନାଥ ଉପସ୍ଥିତ ରହି ନିର୍ବାଚନ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ସହ ଏକ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ।

# ଠିକ୍ ସମୟରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୨।୧(ଅନିଲ ଦାସ)

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯାଉ। ଉପଯୁକ୍ତ ତଦନ୍ତ ସହ ନିର୍ଦ୍ଦିଷ୍ଟ ସମୟରେ ଚାଷୀଙ୍କୁ ସହାୟତା ପ୍ରଦାନ କରିବାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦାବି କରିଛନ୍ତି। ଚାଷୀଙ୍କୁ ପାଣିପାଗ ନେଇ ମଧ୍ୟ ସମୟ ପୂର୍ବରୁ ସଚେତନ କରିବାକୁ ସେ ଦାବି କରିଛନ୍ତି। ଏ ନେଇ ନବୀନ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି, ଗତ ଡିସେମ୍ବର ୩୦ ଓ ୩୧ ଦୁଇଦିନ ଧରି ସେ ଗଞ୍ଜାମ, ପୁରୀ, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ଅଦିନିଆ ବର୍ଷାରେ ପ୍ରଭାବିତ ହୋଇଥିବା ଚାଷୀଙ୍କୁ ଭେଟିଥିଲେ। ଅମଳ ପୂର୍ବରୁ ବର୍ଷା ସବୁ ଫସଲ ଉଜାଡ଼ି ଦେଇଥିବାରୁ ଚାଷୀ ପରିବାର ମନସ୍ତାପ ମଧ୍ୟରେ ଅଛନ୍ତି। ଗସ୍ତ ସମୟରେ ନବୀନଙ୍କୁ ଚାଷୀମାନେ ତାଙ୍କ କଷ୍ଟ ଓ ଦୁର୍ଦ୍ଦଶା ସମ୍ପର୍କରେ ଜଣାଇଥିଲେ। ଏପରି କି ସରକାର ଚାଷୀଙ୍କୁ ବର୍ଷା ପୂର୍ବରୁ କୌଣସି ମାର୍ଗଦର୍ଶିକା ଜାରି କରି ନ ଥିଲେ। ଫସଲ ନଷ୍ଟ ପାଇଁ ଚାଷୀମାନେ ଯେପରି ଆତ୍ମହତ୍ୟା କରୁଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ନିଜେ ମଧ୍ୟ ଜଗତ୍‌ସିଂହପୁର ବାଲିକୁଦା ବ୍ଲକର ଆତ୍ମହତ୍ୟା କରିଥିବା ଚାଷୀ କୃତ୍ତିବାସ ସ୍ୱାଇଁଙ୍କ ପରିବାରକୁ ଭେଟିଥିଲେ। ବର୍ଷାରେ ହୋଇଥିବା କ୍ଷତି ଚାଷୀଙ୍କ ଆତ୍ମବିଶ୍ୱାସକୁ ଦୋହଲାଇ ଦେଇଛି। ସେମାନଙ୍କ ଆତ୍ମବିଶ୍ୱାସକୁ ଫେରାଇ ଆଣିବାକୁ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ନବୀନ ଦାବି କରିଛନ୍ତି। ଭୌଗୋଳିକ ଅବସ୍ଥିତି ଯୋଗୁ ଓଡ଼ିଶା ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି; ଯେଉଁଥିପାଇଁ ବିଜେଡି ବାରମ୍ବାର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି କରିଆସୁଥିଲା। ଏହି ମାନ୍ୟତା ମିଳିଥିଲେ ଓଡ଼ିଶାର ଚାଷୀଙ୍କୁ ଅତିରିକ୍ତ ସହାୟତା ମିଳିପାରିଥାନ୍ତା ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି।

# ‘ଲୋକେ ଯାହାଙ୍କୁ ଦାୟିତ୍ୱ ଦେଇଥିଲେ, ଭେଟିପାରୁ ନ ଥିଲେ’

ଭୁବନେଶ୍ୱର, ୨।୧(ଅନିଲ ଦାସ)

ଦୀର୍ଘ ଦଶନ୍ଧି ଧରି ଶାସନରେ ଥିବା ବିଜେଡି ଓ କଂଗ୍ରେସକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରୋକ୍ଷରେ ସମାଲୋଚନା କରିଛନ୍ତି। ଗୁରୁବାର ସ୍ୱାଧୀନତା ସଂଗ୍ରାମୀ ଉତ୍ସବରେ ସେ କହିଛନ୍ତି, ଲୋକଙ୍କ କାମ କରିବା ଓ ବିକାଶଧାରାକୁ ଆଗକୁ ନେବା ପାଇଁ ଭାଜପା ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରୁଛନ୍ତି। ଯେଉଁମାନେ ପୂର୍ବରୁ ଦାୟିତ୍ୱ ନେଇ କାମ କରୁଥିଲେ, ସେମାନଙ୍କୁ ଲୋକେ ଭେଟିପାରୁ ନ ଥିଲେ। ଆଜି ସେମାନେ ଲୋକଙ୍କ ପାଖକୁ ଯାଉଛନ୍ତି। ଭାଜପା ସରକାରର କାର୍ଯ୍ୟଶୈଳୀ ଦେଖି ସେମାନେ ଆଜି ଆଇଭରି ଟାୱାରରୁ ବାହାରି ଧୂଳି ଖାଇବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କୁ ଲମ୍ବା ସମୟ ଦେଇଥିଲେ ଓଡ଼ିଶାବାସୀ। ଭାଜପା ସରକାରର କାର୍ଯ୍ୟଧାରାକୁ ଦେଖି ସେମାନେ ବ୍ୟତିବ୍ୟସ୍ତ ହେଉଛନ୍ତି ବୋଲି

## ବିରୋଧୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମାଲୋଚନା

ମୁଖ୍ୟମନ୍ତ୍ରୀ କହିଛନ୍ତି। କଂଗ୍ରେସର ନିରଞ୍ଜନ ପଟ୍ଟନାୟକ ଓଡ଼ିଶାକୁ ଏକ ଗରିବ ରାଜ୍ୟ କହିଥିବା କଥାକୁ ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ସବୁଠୁ ଗରିବ ରାଜ୍ୟ କହିବା ଠିକ୍ ହେଲା ନାହିଁ। ଏଥିପାଇଁ ଦାୟୀ କିଏ। ତାହାର ଉତ୍ତର ବି ଆସିବା କଥା। ପ୍ରକୃତରେ ଯଦି ଓଡ଼ିଶାକୁ ଆଗକୁ ନେବାର ଥିଲା, ତେବେ ଆଜି ପର୍ଯ୍ୟନ୍ତ ଅନେକ ଥର ଲୋକମାନେ ସେମାନଙ୍କୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ରାଜ୍ୟକୁ କିଏ ଏଭଳି ସ୍ଥିତିରେ ପହଞ୍ଚାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରେ ଭାଜପା ସରକାର ହୋଇଛି। ଆଜି ମନ୍ତ୍ରୀମାନେ ଲୋକସେବା ଭବନ ନୁହେଁ, ଗାଁରେ ବୁଲୁଛନ୍ତି। ‘ଦାନା’ ବାତ୍ୟା ବେଳେ ମଧ୍ୟ ଗ୍ରାଉଣ୍ଡରେ ମନ୍ତ୍ରୀମାନେ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
























## ସଂକ୍ଷେପରେ

### ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ବୈଠକ

କୋକସରା,୨୧ (ଦୁଷ୍ମନ୍ତ କୁମାର ପାଢ଼ୀ)

କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଗୁଡହାଣ୍ଡି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର କୋକସରା ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଇଓ ରଶ୍ମିତା ନେତମ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତା ୮ ତାରିଖ ସକାଳେ ବିଭିନ୍ନ ଗ୍ରାମ୍ୟ ଦେବଦେବୀଙ୍କ ମଶାଲ ପହଞ୍ଚିବା ପରେ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ଗୁଡହାଣ୍ଡି ମଞ୍ଚରେ ପହଞ୍ଚିବ। ପୂଜାର୍ଚ୍ଚନା ପରେ ବିଧିବଦ୍ଧ ଭାବେ ଉତ୍ସବ ଆରମ୍ଭ ହେବ। ଉତ୍ସବରେ ଅଞ୍ଚଳର ଲୁକ୍କାୟିତ କଳା ସଂସ୍କୃତି, ପରମ୍ପରା, ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କମିଟି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ରଖାଯାଇଛି। ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିପାଇଁ ବିଭିନ୍ନ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

### କ୍ୟାଲେଣ୍ଡର ବାଣ୍ଟି ନୂଆବର୍ଷ ପାଳିଲେ

ଲାଞ୍ଜିଗଡ଼, ୨୧(ରମେଶ ଚନ୍ଦ୍ର ନାୟକ): ଇଂରାଜୀ ନବବର୍ଷକୁ ନେଇ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳିଥିଲା। କିଏ ମନ୍ଦିର ଯାଇ ପରିବାର ପାଇଁ ମଙ୍ଗଳ ମନାସୁଥିବା ବେଳେ ଆଉ କିଏ ଭୋଜିଭାତ କରି ନୂଆବର୍ଷର ପ୍ରଥମ ଦିନକୁ ପାଳନ କରିଛନ୍ତି। ତେବେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ଠାରେ ନିଖିଳ ଉତ୍କଳ ଖଡୁରା ସମାଜ ତରଫରୁ ଏକ ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରାଯାଇଛି। କର୍ମକର୍ତ୍ତାମାନେ ସହର ସାରା ବୁଲି ଲୋକଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ସମାଜ ଦ୍ୱାରା ପ୍ରସ୍ତୁତ କ୍ୟାଲେଣ୍ଡର ବଣ୍ଟନ କରିଥିଲେ। ସମାଜର ସଭାପତି ରବୀନ୍ଦ୍ର ନାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ୍ ଖଡୁରା ସମାଜର କର୍ମକର୍ତ୍ତା ରମେଶ ଚନ୍ଦ୍ର ନାୟକ, ପରେଶ କୁମାର ନାୟକ, ସନାତନ ନାୟକ, ସତ୍ୟନାରାୟଣ ନାୟକ, ସୁନୀଲ କୁମାର ସୁବୁଦ୍ଧି, ମିଳନ କୁମାର ନାୟକ, ସୀମାଞ୍ଚଳ ନାୟକ, ସତ୍ୟାନନ୍ଦ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଡାକ୍ତର କରୁଣାକର ଦେଓଙ୍କ ପରଲୋକ

ଭବାନୀପାଟଣା, ୨୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସହର ନୂଆପଡ଼ାର ଡାକ୍ତର କରୁଣାକର ଦେଓଙ୍କ



ବୁଧବାର ରାତିରେ ଭୁବନେଶ୍ୱରସ୍ଥିତ ଏକ କ୍ଲିନିକରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୭୪ବର୍ଷ ହୋଇଥିଲା। ୧୯୬୮ ବ୍ୟାଚ୍‌ର ଡାକ୍ତର ଦେଓ ଜଣେ ଶିଶୁରୋଗ ଚିକିତ୍ସକ ଭାବେ ଜିଲାରେ ବେଶ ଜଣାଶୁଣା ଥିଲେ। ଛାତ୍ରାବସ୍ଥାରେ ଜଣେ ସୁଗାୟକ ଭାବେ ମଧ୍ୟ ସେ ସୁପରିଚିତ ଥିଲେ।

# ଅସହାୟ ଅବସ୍ଥାରେ ୩ ଅନାଥ ବାଳିକା

ଭବାନୀପାଟଣା,୨୧ (ଉତ୍ତମ କୁମାର ଦାଶ)

### ପାଠପଢ଼ା ପାଇଁ ଅର୍ଥ ସାଜିଛି ବାଧକ

ମା'ବାପାଙ୍କ ମୃତ୍ୟୁ ପରେ ଗୋଟିଏ ପରିବାରର ୨ ଭଉଣୀଙ୍କ ସମେତ ଅନ୍ୟ ଏକ ପରିବାରର ଜଣେ ବାଳିକା ଅସହାୟ ହୋଇପଡ଼ିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଗଣ୍ଡବାହେଖୋଲା ପଞ୍ଚାୟତ କରାଡ଼ିକେଲ ଗ୍ରାମରେ। ଏହି ଗାଁର ରଜ ମାଝୀ ଓ ଗୋମତୀ ମାଝୀଙ୍କ ମୃତ୍ୟୁ ପରେ ତାଙ୍କ ୨ ଝିଅ ପାୟଲ ମାଝୀ (୧୧) ଓ ବନିତା ମାଝୀ (୯) ଏବେ ବେସାହାରା ହୋଇପଡ଼ିଛନ୍ତି। ବଡ଼ ଝିଅ ପାୟଲ ବାଦିଲୀ କିସ ଆବାସିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢ଼ୁଥିବା ବେଳେ ବନିତା ଗାଁ ପ୍ରାଥମିକ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢ଼ୁଛନ୍ତି। ୧୦ବର୍ଷ ତଳେ ତାଙ୍କ ବାପା ରଜଙ୍କ ମୃତ୍ୟୁ ହୋଇଥିବାବେଳେ ଗତ



୩ ଅନାଥ ପିଲାଙ୍କ ସହ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ।

୨୫ ତାରିଖରେ ମା' ଗୋମତୀଙ୍କ ମୃତ୍ୟୁ ହୋଇଛି। ମା'ବାପା ଚାଲିଯିବା ପରେ ଦୁଇଭଉଣୀ ଏବେ କେଉଁଠି ରହିବେ କାହା ସହ ରହିବେ ତା'କୁ ନେଇ ଚିନ୍ତାରେ ରହିଛନ୍ତି। କାରଣ ନିଜର ବୋଲି ଏବେ ତାଙ୍କର କେହି ନାହାନ୍ତି। ୨ ଅନାଥ ଭଉଣୀ ଅସହାୟ ଅବସ୍ଥାରେ ରହୁଥିବା ଜାଣିବା ପରେ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା, ସ୍ଥାନୀୟ ସ୍କୁଲର ଶିକ୍ଷକ ଗୋବର୍ଦ୍ଧନ ମାଝୀ, ସିଆରପି ଦେବକୀ ଗଉଡ ପ୍ରମୁଖ ସେମାନଙ୍କୁ ଭେଟିବା ସହ ତାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ୨ ଭଉଣୀ ପାଠ ପ୍ରତି ଆଗ୍ରହ ରଖିଥିବାରୁ ସରକାରୀ ସହଯୋଗ ମିଳିଲେ ଆହୁରି ଆଗକୁ ପଢ଼ିବେ ବୋଲି ମତ ରଖିଥିଲେ। ସେହିପରି ଉକ୍ତ ଗାଁର ଯୋଶୀତା ମାଝୀ (୧୫) ମଧ୍ୟ ପିତାମାତାଙ୍କ ଦେହାନ୍ତ ପରେ ଘରେ ଆର୍ଥିକ ଅସୁବିଧା ହେତୁ ମାଟ୍ରିକ ପରେ ପଢ଼ା ଛାଡ଼ିଛନ୍ତି। ତାଙ୍କୁ ସରକାରୀ ସହାୟତା ମିଳିଲେ ସେ ମଧ୍ୟ ଆସନ୍ତ ବର୍ଷରୁ କଲେଜରେ ଆଡ଼ମିଶନ କରିବେ ବୋଲି ପ୍ରକାଶ କରିଛନ୍ତି। ଉପରୋକ୍ତ ଅନାଥ ବାଳିକାମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଓ ଗ୍ରାମବାସୀ ଦାବି କରିଛନ୍ତି।

# ଅଲାତରାଠାରେ ସୁନାମୁଖୀ ଯାତ୍ରା ପାଳିତ



ଯାତ୍ରାରେ ସମବେତ ଦର୍ଶକ।

ରିଷିଡ଼ା,୨୧ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ୍ ଅନ୍ତର୍ଗତ ଅଲାତରାଠାରେ ନୂଆବର୍ଷ ବୁଧବାର ସୁନାମୁଖୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ମ. ରାମପୁର ରାଜ ପରିବାରର ପାଟ ବୁକା (ବୋଦା) ବଳି ପରେ ମାନସିକଧାରୀ ଗୋଟିଏ ପୋଡ଼ ସମେତ ଶତାଧିକ ପଶୁ ଓ ପକ୍ଷୀ ବଳି ଦେଇଥିଲେ। ଦିହାରି ଜଗନ୍ନାଥ ଭୋଇ, ପୂଜାରୀ ଜଗବନ୍ଧୁ ଭୋଇ ତଥା ଦାମ ସୁନାଙ୍କୁ କାଳିସୀ ଆସି ମାନସିକଧାରୀଙ୍କୁ ଝଡ଼ାଫୁଙ୍କା କରିଥିଲେ। ମ. ରାମପୁର ରାଜ ପରିବାରରୁ ଜିତେଶ ମାଧବ ସିଂଦେଓ, ଦେବେଶ ମାଧବ ସିଂଦେଓ ଉପସ୍ଥିତ ଥିଲେ। ଉକ୍ତ ଯାତ୍ରାରେ ପୂଜାରୀ ପରିବାରରୁ ଜନକ ଭୋଇ, ହରିଚନ୍ଦ୍ର ଭୋଇ, ପୂର୍ଣ୍ଣ ଭୋଇ, ହର ଭୋଇ, ବରିଷ୍ଠ ନାଗରିକ ତଥା ଶିକ୍ଷାବିତ ଖଗେଶ୍ୱର ରଣା, ଜନ୍ମେଜୟ ରଣା, ଗବର ରଣା ଗାଁ ଗନ୍ତିଆ ଜୁଗେଶ୍ୱର ବାରିକ, ସୁନାମୁଖୀ ପରିଚାଳନା କମିଟି ସଭାପତି ଜଗନ୍ନାଥ ପଧାନ, ସମ୍ପାଦକ ଦୁର୍ବାଦଳ ଭୋତ୍ରା ପ୍ରମୁଖ ସହଯୋଗ କରିଥିଲେ।

# ୨ ସ୍କୁଟି ମୁହାଁମୁହିଁ ଧକ୍କା, ୫ ଗୁରୁତର

ବୋଡ଼େନ,୨୧(ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ଶୁକଳପୁର ନିକଟ ବୁଲାଣି ରାସ୍ତାରେ ଗୁରୁବାର ୨ ସ୍କୁଟି ମୁହାଁମୁହିଁ ଧକ୍କାରେ ୫ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁସାରେ ଖଇରା ଗ୍ରାମର ଯୋଗେନ୍ଦ୍ର ନାଥ ଦଣ୍ଡସେନାଙ୍କ ୨ ଝିଅ ରମା ଓ ଉମା ସ୍କୁଟି ଯୋଗେ ଖଡ଼ିଆଳ ପଟକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ସ୍କୁଟିରେ ଆସୁଥିବା ବାଞ୍ଜିବାହାଲ ଗ୍ରାମର ଧନୁ ବାଗଙ୍କ ପୁଅ ନାରାୟଣ, କ୍ଷମାସାଗର ଓ ଝିଅ ବବିଙ୍କ ସହ ଧକ୍କା ହୋଇଥିଲା। ଫଳରେ ସମସ୍ତେ ଛିଟିକି ପଡି ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନା ପଠାଇଛନ୍ତି। ବୋଡ଼େନ ପୋଲିସ ଘଟଣାର ତଦନ୍ତ କରୁଛି।

# ଜାତୀୟ କବାଡି ଚାମ୍ପିୟନଶିପ୍‌ରେ ନୂଆପଡ଼ାର ଲାଲୁ

ନୂଆପଡ଼ା,୨୧ (ମକାରୁ ବେମାଲ)

ଉତରାଖଣ୍ଡ ରୋଶନାବାଦ ଷ୍ଟାଡିୟମ ହରିଦ୍ୱାରଠାରେ ଜାନୁଆରୀ ୮ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୫୦ତମ ଜୁନିୟର ଜାତୀୟ କବାଡି ଚାମ୍ପିୟନଶିପ ଖେଳିବା ପାଇଁ ଜୁନିୟର ବାଳିକା ଓ ବାଳକ ବର୍ଗରେ ଖେଳାଳି ଚୟନ କରାଯାଉଛି। ସେଥିରେ ୧୯ ବର୍ଷରୁ କମ ଜୁନିୟର ବାଳକ ବର୍ଗରେ ନୂଆପଡା ଜିଲାରୁ ଜଣେ ଖେଳାଳି ଚୟନ ହୋଇଛନ୍ତି। ସେ ହେଲେ ନୂଆପଡା ସଦର ବ୍ଲକ ବୋଇରଭାଡି ପଞ୍ଚାୟତ ମାଗୁରପାଣି ଗାଁର ଲାଲୁ ରାଉତ। ସେ ଜାନୁଆରୀ ୫ରେ ଖେଳାଳି ସାମଗ୍ରୀ ସହ ଓଡିଶା କବାଡି ଆସୋସିଏଶନ କାର୍ଯ୍ୟାଳୟରେ ପହଞ୍ଚିବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ ସୂଚନା ଦେଇଛନ୍ତି।

# କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

ଖଡ଼ିଆଳ,୨୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଖାସବାହାଲ ଗ୍ରାମବାସୀ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଖଡ଼ିଆଳସ୍ଥିତ ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି, ଦୋହେଲପଡ଼ାଠାରୁ ଡୁଆଝର ରାସ୍ତା ୨୦ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। ସେହି ସମୟରେ ଖାସବାହାଲ ଗ୍ରାମ ବସ୍ତି ରାସ୍ତାକୁ କଂକ୍ରିଟକରଣ କରଯାଇଥିଲା। ବର୍ତ୍ତମାନ ପୁଣି ଏହି ରାସ୍ତା ନୂତନ ଭାବରେ ତିଆରି ହେଉଥିବା ବେଳେ ଏହାକୁ କଂକ୍ରିଟ କରିବା ପାଇଁ ଦାବି



ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

କରିଛନ୍ତି। ଏ ନେଇ ନିର୍ବାହୀଯନ୍ତ୍ରୀ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା, ସାମାଜକ କର୍ମୀ ପ୍ରେମଲାଲ ବାଗ, ସମିତିସଭ୍ୟ ହେମନ୍ତ ଶବର, ଭାଗୀରଥି ଶବର, ୱାର୍ଡ ସଭ୍ୟା ତ୍ରୟ ମାଳତି ହରିଜନ, ବାସନ୍ତୀ ଶବର ଓ ଲଳିତା ଶବର, ଈଶ୍ୱର ଜାଲ, ଗାନ୍ଧୀ ଶବର ପ୍ରମୁଖ ସାମିଲ ଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ: ରାସ୍ତାରୋକୋ

ଜୟପାଟଣା,୨୧(ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବାନେର ଛକ ନିକଟରେ ଗତ ୨୯ ତାରିଖରେ ଜଣେ ବାଇକ୍ ଆରୋହୀଙ୍କୁ ଟ୍ୟାଙ୍କର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ରାୟପୁରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର



ରାତିରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବାନେର ଗାଁର ଉଚ୍ଛବ ବାଗ(୫୩)। ଏହାକୁ ନେଇ ଗୁରୁବାର ସକାଳୁ କ୍ଷତିପୂରଣ ଦାବିରେ ପରିବାର ଲୋକେ ମୃତଦେହ ରଖି ବାନେର ଛକଠାରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସ୍ଥାନୀୟ ତହସିଲଦାର ରଘୁନାଥ ମୁଣ୍ଡାରୀ, ଆଇଆଇସି ଶେଷଦେବ ବେହେରା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ ସୁଦ୍ଧା ଜିଦରେ ଅଟଳ ରହିଥିଲେ। ତେବେ ରାତି ୯ ଟାରେ ଧକ୍କା ଦେଇଥିବା ଟ୍ୟାଙ୍କର ମାଲିକଙ୍କ ପକ୍ଷରୁ କ୍ଷତି ପରଣ ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।

# ଭବାନୀପାଟଣାରେ ମାଙ୍କଡ଼ ଆତଙ୍କ

ଭବାନୀପାଟଣା,୨୧ (ଉତ୍ତମ କୁମାର ଦାଶ)

### ଆକ୍ରମଣରେ ୧୫ରୁ ଉର୍ଦ୍ଧ୍ୱ ଆହତ

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ କିଛିଦିନ ହେଲା ମାଙ୍କଡ ଆତଙ୍କ ଦେଖାଦେଇଛି। ସହରସ୍ଥିତ ଗୋଦାମପଡ଼ାର ଗୋଟିଏ ମାଙ୍କଡ ଆକ୍ରମଣରେ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେମାନେ ମାଙ୍କଡ଼କୁ ଧରିବା ଲାଗି ଜାଲ ବିଛାଇଥିବା ବେଳେ ଦୀର୍ଘ ୮ ଘଣ୍ଟା ପରେ ଟ୍ରାଙ୍କୁଲାଇଜ କରି ଧରିବାରେ ସଫଳ ହୋଇଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦା ଆନନ୍ଦିୟ ଦୀପ କହିଛନ୍ତି ଯେ, ବୁଧବାର ରାତି ୯ଟାରୁ ମାଙ୍କଡ଼ ଜଣକ ପରେ ଜଣଙ୍କୁ ଆକ୍ରମଣ କରିବା ଆରମ୍ଭ କରିଥିଲା। ଏହାପରେ ଆମେ ବନ ବିଭାଗକୁ ଖବର ଦେଇଥିଲୁ। ଜଙ୍ଗଲ କ୍ଷୟ ହୋଇଚାଲିଥିବାବେଳେ ଖାଦ୍ୟ ଅଭାବ କାରଣରୁ ଜଙ୍ଗଲି ଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

ନୂଆପଡା,୨୧ (ମକାରୁ ବେମାଲ)

ନୂଆପଡା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ଭାବରେ ନୂଆପଡା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ଏମ୍‌ପି ପ୍ରତିନିଧି ଯଦୁମଣି ପାଣିଗ୍ରାହୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଖଡିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଲବ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେକୃଷକ ସମାଜକୁ ବିକଶିତ ଓ ସ୍ୱୟଂସମ୍ପୂର୍ଣ୍ଣ କରିବା ଏହି ଉତ୍ସବ ପାଳନର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଜିଲାପାଳ ଉପସ୍ଥିତ ସମସ୍ତ ଚାଷୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ପାଣି ପଞ୍ଚାୟତ ଯୋଜନାକୁ ସଫଳ କରିବା ପାଇଁ ଶପଥପାଠ କରାଇଥିଲେ। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା ମାସ କାର୍ଯ୍ୟକ୍ରମ

କୋମନା,୨୧(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନାଠାରେ ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିତାମିତ୍ର ହାଇସ୍କୁଲରୁ ଏକ ସଚେତନତା ରଥ ବାହାରିଥିଲା। ଏହାକୁ ନୂଆପଡ଼ା ଏମ୍‌ଭିଆଇ ଉପେନ୍ଦ୍ର ପୁଷିକା, କୋମନା ଥାନା ଆଇଆଇସି ସୁମନ୍ତ ନାୟକ, ଟ୍ରାଫିକ ଇନ୍ସପେକ୍ଟର ପ୍ରଜ୍ଞା ପରମିତା ଭୋଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ କୋମନାର ସ୍କୁଲ, କଲେଜର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ କୋମନା



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋମନା ପୋଲିସ କର୍ମଚାରୀଙ୍କ ସମେତ ନୂଆପଡା ଆର୍‌ଟିଓ ଅଫିସର ଡିଓ ସଞ୍ଜୀବ ପଣ୍ଡା, ରଶ୍ମିରଞ୍ଜନ ସାହୁ, ପୁରୁଷୋତ୍ତମ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

# ବିହାରରୁ ନିଖୋଜ ନାବାଳକ ଖରିଆରରୋଡ୍‌ରୁ ଉଦ୍ଧାର



ଉଦ୍ଧାରକାରୀ ଟିମ୍ ସହ ଉଦ୍ଧାର ନାବାଳକ।

ନୂଆପଡ଼ା,୨୧ (ମକାରୁ ବେମାଲ)

ନୂଆପଡ଼ା ଜିଲା ଖରିଆରରୋଡ୍ ରେଳ ଷ୍ଟେଶନରୁ ବୁଧବାର ବିହାରର ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ନାବାଳକଙ୍କୁ ଖଡ଼ିଆଳ ଗଡ୍ରାମୁଣ୍ଡା ନବପ୍ରଭାତ ଓପନ ସେଣ୍ଟରରେ ରଖାଯାଇଛି। କିଛିବର୍ଷ ତଳେ ବିହାର ରାଜ୍ୟ ମହାବେନି ଜିଲା ଜୟନଗର ଥାନା ବେହେରାପ୍ରସା ଗାଁର ମହମ୍ମଦ ଅନ୍‌ସୁରୁଲଙ୍କ ନାବାଳକ ପୁଅ ମହମ୍ମଦ ରିହାନ (୧୩)ଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଗୁଜରାଟର ସୁରଟକୁ କାମ କରିବା ପାଇଁ ନେଇଯାଇଥିଲେ। ସେଠାରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଶ୍ରମିକ ଦଲାଲ ଜଣକ ରିହାନଙ୍କୁ ମାରପିଟ କରିବା ସହ ଟଙ୍କା ନ ଦେଇ ଏକ ଟ୍ରେନ୍‌ରେ ଜୋର ଜବରଦସ୍ତ ବସାଇଦେଇଥିଲେ। ବୁଧବାର ଖରିଆରରୋଡ୍ ରେଳଷ୍ଟେଶନରେ ନାବାଳକ ଓହ୍ଲାଇ ପଡ଼ିଥିଲେ। ରେଲୱେ ପୋଲିସ ନାବାଳକଙ୍କୁ ଦେଖି ସନ୍ଦେହହେବାରୁ ଜିଲା ଶିଶୁ ମଙ୍ଗଳ କମିଟିକୁ ଜଣାଇଥିଲେ। ଚାଇଲ୍ଡ ହେଲ୍ପଲାଇନ କର୍ମକର୍ତ୍ତା ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ବୁଧବାର ରାତିରେ ଶିଶୁ ମଙ୍ଗଳ କମିଟିଙ୍କ ଅନୁରୋଧକ୍ରମେ ନୂଆପଡ଼ାସ୍ଥିତ ପରଦା ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ନାବାଳକଙ୍କୁ ରଖାଯାଇଥିଲା। ପରେ ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶକ୍ରମେ ଖଡ଼ିଆଳ ଗଡ୍ରାମୁଣ୍ଡା ନବପ୍ରଭାତ ଓପନ ସେଣ୍ଟରରେ ରଖାଯାଇଛି।

# ଧର୍ମେଶ ଡ୍ୟାନ୍ସ ଏକାଡେମୀକୁ ସଫଳତା

ଖଡ଼ିଆଳ,୨୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହର ଲାଲ ସାହେବ ପଡ଼ାର ଧର୍ମେଶ ଡ୍ୟାନ୍ସ ଏକାଡେମୀକୁ ଏକ ବଡ଼ ସଫଳତା ମିଳିଛି। ଗତ ଡିସେମ୍ବର ୨୪ରୁ ୩୦ ତାରିଖ ଯାଏ ଦୁର୍ଗ ରାୟପୁରରେ ନାଟ୍ୟ ନର୍ତ୍ତନ ଡ୍ୟାନ୍ସ ଫେଷ୍ଟିଭାଲ ଆୟୋଜିତ ହୋଇଥିଲା। ଏଥିରେ ଡ୍ୟାନ୍ସ ଏକାଡେମୀର ଛାତ୍ର ଶ୍ରେୟାଂଶ ଯୋଶୀ, ଭୂମରାଜ ସାହୁ, ଯଶୋବନ୍ତ ମେହେର, ଶୁଭ୍ରାଂଶୁ ତାଣ୍ଡି, ଭବଜ୍ୟୋତି ମେହେର ପ୍ରମୁଖ ଉଚ୍ଚକୋଟିର ଡ୍ୟାନ୍ସ ପ୍ରଦର୍ଶନକରି ଜୁନିୟର ଗ୍ରୁପ୍ ଫୋକ୍ ଡ୍ୟାନ୍ସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାସହ ଏକାଡେମୀର ସହାୟକ ଶିକ୍ଷକ ପବିତ୍ର କୈବର୍ତ୍ତ ସିନିୟର ସୋଲୋ ଫୋକ ଡ୍ୟାନ୍ସରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କେବଳ ଡ୍ୟାନ୍ସ ନୁହେଁ, କରାଟେ, ଯୋଗ ପ୍ରତିଯୋଗିତାରେ ମଧ୍ୟ ଏକାଡେମୀର ଛାତ୍ରୀଛାତ୍ର ଏହିପରି ସଫଳତା ଅର୍ଜନ କରିଚାଲିଛନ୍ତି।



ଡ୍ୟାନ୍ସ ଏକାଡେମୀର ସଫଳ ଛାତ୍ରମାନେ।

# ବିସ୍ଥାପନ ବିରୋଧ ଦିବସ ସମାରୋହ

ଭବାନୀପାଟଣା,୨୧ (ଉତ୍ତମ କୁମାର ଦାଶ)

### କମ୍ପାନୀକୁ ଜମି, ଜଳ ଓ ଖଣି ଦେବାକୁ ବିରୋଧ

କଳିଙ୍ଗନଗର ଗଣହତ୍ୟାରେ ଶହୀଦମାନଙ୍କ ସ୍ମୃତିରେ ଜଳ, ଜମି, ଜଙ୍ଗଲ ସୁରକ୍ଷା ପାଇଁ ବିସ୍ଥାପନ ବିରୋଧୀ ଜନ ଆନ୍ଦୋଳନ ସମନ୍ୱୟ ମଞ୍ଚ ଡ଼ାକରାରେ ଗୁରୁବାର ଭବାନୀପାଟଣା ଟାଉନ ହଲ ନିକଟ ପଡିଆରେ ବିସ୍ଥାପନ ବିରୋଧ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରୁ ସମାରୋହ ପଡିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ହୋଇଥିଲା। କର୍ମକର୍ତ୍ତା ଦର୍ଶାଇଥିଲେ, ଓଡିଶାରେ ହୀରାକୁଦ ଜଳଭଣ୍ଡାରଠାରୁ ଆରମ୍ଭ କରି ରାଉରକେଲା ଷ୍ଟିଲ ପ୍ଲାଣ୍ଟ, କଳିଙ୍ଗନଗର ଶିଳ୍ପାଞ୍ଚଳ ପର୍ଯ୍ୟନ୍ତ ଓ ତା' ପରବର୍ତ୍ତୀ ଖଣି ଖନନ, ଶିଳ୍ପ ଦ୍ୱାରା ବିସ୍ଥାପିତ ଲୋକେ ସମ୍ମାନର ସହ ଜୀବନ ବିତାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ନିଜର ଜୀବିକା ସହ ନିଜ ସମାଜର ପରିଚୟ ମଧ୍ୟ ହରାଇଛନ୍ତି। ଏଥିରେ



ସମାବେଶରେ ସାମିଲ ହୋଇଥିବା ମହିଳାପୁରୁଷ।

ଆଦିବାସୀଙ୍କ ସଂଖ୍ୟା ସର୍ବାଧିକ। ଏପରି ଏକ ଭୟାନକ ସ୍ଥିତିରେ ପୂର୍ବର ବିଜେଡ଼ି ସରକାରଙ୍କ ଭଳି ବର୍ତ୍ତମାନର ଭାଜପା ସରକାର ପୁଣି ପୁଞ୍ଜିନିବେଶକୁ ସ୍ୱାଗତ କରିବାକୁ 'ଉତ୍କର୍ଷ ଓଡ଼ିଶା-ମେକ ଇନ୍ ଓଡ଼ିଶା' ନାମରେ ଆମ ସୀମିତ ପ୍ରାକୃତିକ ସମ୍ପଦ (ଜମି, ଜଳ ଓ ଖଣି)କୁ ଦେଶୀ-ବିଦେଶୀ କମ୍ପାନୀ ହାତରେ ଟେକିଦେବାକୁ ମୁମ୍ବାଇ ଓ ଦିଲ୍ଲୀରେ ବୈଠକ ଆୟୋଜନ କରିଚାଲିଛନ୍ତି। ଏହାର ନ୍ୟାୟୋଚିତ ବିଚାର କରିବା ପାଇଁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ସାଧାରଣ ଜନତାଙ୍କ ଆକ୍ରୋଶ ଜନିତ ପରିସ୍ଥିତି ପାଇଁ ସରକାର ଓ ସରକାରୀ କଳ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଥିଲା। ଏହି ସମାରୋହରେ ଗାନ୍ଧିବାଦୀ ନେତା ହିମାଂଶୁ କୁମାର, ନିୟମଗିରି ସୁରକ୍ଷା ସମିତି ସ୍ଥାୟୀ ସଭାପତି ଲଦ ସିକକା, ଖଣ୍ଡୁଆଳମାଳି ସୁରକ୍ଷା ସମିତିର ସ୍ଥାୟୀ ସମ୍ପାଦକ ବ୍ରିଟିଶ କୁମାର, ନିୟମଗିରି ସୁରକ୍ଷା ସମିତି ନେତା କୃଷ୍ଣ ସିକକା, ଦଧି ପୁଷିକା, ଆଦିବାସୀ ମହାସଂଘ ସଭାପତି ସୁରେନ୍ଦ୍ର ମାଝୀ, ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ଗିରିଧାରୀ ପାତ୍ର, ବିଶିଷ୍ଟ କବି ଲେନିନ କୁମାର, ବାଲିଆପାଳ ଭୂମି ହରା ସଂଗ୍ରାମ ସମିତି ନେତା ଜୟନ୍ତ ଦାଶ, କଳାହାଣ୍ଡି ଅଖିଳ ଭାରତ ଯୁବକ ସଂଘ ସମ୍ପାଦକ ସଞ୍ଜୟ ସୁନାନୀ, ଏମ୍‌ଏସ୍‌ୱାଇଏଫ୍ ସଞ୍ଜୟ କୁମାର ଶଗଡ଼ିଆ, ଆଦିବାସୀ କଲ୍ୟାଣ ସଙ୍ଘ ସଭାପତି, ଟିକେଶ୍ୱର ଧରୁଆ, ଗନ୍ଧମାର୍ଦ୍ଦନ ଛାତ୍ର ୟୁନିୟନ ନେତାପ୍ରମୁଖ ଯୋଗଦେଇଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।


ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ଗୁରୁବାର ଜିଲାପାଳ ରଙ୍ଗ ମହଲ ମଞ୍ଚ ପରିଦର୍ଶନ କରୁଛନ୍ତି।


ରଙ୍ଗ ମହଲ ମଞ୍ଚରେ ହେଉଥିବା ଶେଷ ରିହର୍ସାଲକୁ ବରଗଡ଼ ବିଧାୟକ ଓ କଂସ ଅଭିନେତା ଦେଖୁଛନ୍ତି।


ଧନୁଯାତ୍ରା ପାଇଁ ଆସିଥିବା ଓଟ ପିଠିରେ ବସି ପିଲାଏ ମଜା ଉଠାଉଛନ୍ତି।

# ବରଗଡ଼ ଧନୁଯାତ୍ରା: ସଭିଙ୍କ ମନରେ ଉତ୍କଣ୍ଠା

ବରଗଡ଼,୨।୧(ପ୍ରେମାନନ୍ଦ ଖମାରୀ)

ଶୁକ୍ରବାର ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ଏହି ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚକୁ ଅଧିକ ଆକର୍ଷଣୀୟ କରିବା ପାଇଁ ମହୋତ୍ସବ ସମିତି ଯେଭଳି ପୂରାଦମ୍‌ରେ ଲାଗିଛି, ସେଭଳି ରାଜ୍ୟର ନୂଆ ଭାଜପା ସରକାର ମଧ୍ୟ ବିଗତ ସରକାରଠାରୁ ବରଗଡ଼ ଧନୁଯାତ୍ରାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଧନୁଯାତ୍ରା ଅନୁଦାନ ରାଶିକୁ ୧୦ଲକ୍ଷରୁ ୧କୋଟିକୁ ବୃଦ୍ଧି କରିଛନ୍ତି। ଏହାସହିତ ଧନୁଯାତ୍ରାରେ ଅଭିନୟ କରୁଥିବା ୧୭୦କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ମହୋତ୍ସବକୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିବାର କାର୍ଯ୍ୟକ୍ରମ ରହିଛି। ଗତ କିଛିଦିନ ତଳେ ସୋହେଲା ଗସ୍ତରେ ଆସିଥିବାବେଳେ ମୁଖ୍ୟମନ୍ତ୍ରୀ ଧନୁଯାତ୍ରା ଦେଖିବାକୁ ନିଶ୍ଚୟ ଆସିବେ ବୋଲି ଉପସ୍ଥିତ ଜନତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ଧନୁଯାତ୍ରା ଆପ୍‌କୁ ବରଗଡ଼ ବିଧାୟକ ଉନ୍ମୋଚନ କରୁଛନ୍ତି।

ସେହିପରି ରାଜ୍ୟ ମନ୍ତ୍ରୀମଣ୍ଡଳର ଅନେକ ମନ୍ତ୍ରୀ ପର୍ଯ୍ୟାୟକ୍ରମେ ବିଭିନ୍ନ ଦିବସରେ ଆସିବାର କାର୍ଯ୍ୟକ୍ରମ ରହିଥିବାବେଳେ କେନ୍ଦ୍ରମନ୍ତ୍ରୀ ଏବଂ ଦେଶର ସୁପ୍ରସିଦ୍ଧ କଳାକାରମାନେ ରାଜ ଅତିଥିଭାବେ ଧନୁଯାତ୍ରା ମହୋତ୍ସବକୁ ଆସୁଥିବା ସାଧାରଣରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଧନୁଯାତ୍ରା ଦୃଶ୍ୟାଭିନୟକୁ ଉପଭୋଗ କରିବା ପାଇଁ ଦର୍ଶକମାନେ ମଧ୍ୟ ଉତ୍କଣ୍ଠାର ସହିତ ଚାହିଁ ବସିଛନ୍ତି।

ଧନୁଯାତ୍ରାକୁ ଏଥର ହାଇପ୍ରୋଫାଇଲମାନେ ଆସିବାର କାର୍ଯ୍ୟକ୍ରମ ଥିବାରୁ ମହୋତ୍ସବ ଚାଲିଥିବାବେଳେ ଯେଭଳି କିଛି ଅଘଟଣ ନ ଘଟେ କିମ୍ବା ପର୍ଯ୍ୟଟକ ହଟହଟାର ସମ୍ମୁଖୀନ ନ ହୁଅନ୍ତି, ସେଥିପାଇଁ ଉଭୟ ପୋଲିସ ଏବଂ ପ୍ରଶାସନ ଲାଗି ପଡ଼ିଛି। ଜିଲାପାଳ ଆଦିତ୍ୟ ଗୋୟଲ ଧନୁଯାତ୍ରା ମଞ୍ଚ ପରିଦର୍ଶନ କରିବା ସହିତ ମହୋତ୍ସବ ଆୟୋଜନର ବିଭିନ୍ନ ଦିଗକୁ ନେଇ ବିଭାଗୀୟ ଅଧିକାରୀ ଏବଂ ମହୋତ୍ସବ ସମିତିର କର୍ମକର୍ତ୍ତାଙ୍କ ସହିତ ସମୀକ୍ଷା କରୁଛନ୍ତି। ସେହିପରି ଏସ୍‌ପି ପି.ଏସ୍ ମୀନା ମଧ୍ୟ ମହୋତ୍ସବ ଚାଲିଥିବାବେଳେ କିଭଳି ଆପରାଧିକ କାର୍ଯ୍ୟକଳାପ ରୋକାଯାଇପାରିବ ଏବଂ ସମସ୍ତ ଦର୍ଶକ ଧନୁଯାତ୍ରା ମହୋତ୍ସବକୁ ଭଲ ଭାବେ ଉପଭୋଗ କରିପାରିବେ, ତାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଏସ୍‌ପି ମୀନା ବିଭାଗୀୟ ଅଧିକାରୀ ଏବଂ ମହୋତ୍ସବ ସମିତି କର୍ମକର୍ତ୍ତାଙ୍କ ସହିତ ତୁହାକୁ ତୁହା ଆଲୋଚନା କରୁଥିବା ସୂଚନା ମିଳିଛି।

କେବଳ ସେତିକି ନୁହେଁ, ନୂଆ ସରକାର ଆସିବା ପରେ ମହୋତ୍ସବରେ ନୂତନତା ଆଣିବା ପାଇଁ ବିଗତ ବର୍ଷଗୁଡ଼ିକ ତୁଳନାରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଭଳି ସ୍ଥଳେ ଭାଜପା ନେତା, କର୍ମୀଙ୍କଠାରେ ମଧ୍ୟ ଧନୁଯାତ୍ରାକୁ ନେଇ ଏଥର ଅଧିକ ଉତ୍ସାହ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳୁଛି। ନିର୍ବାଚିତ ହେବା ପରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏଥର ଧନୁଯାତ୍ରା ମହୋତ୍ସବ ଅଧିକ ଆକର୍ଷଣୀୟ ହେବ ଏବଂ ଧନୁଯାତ୍ରାରେ ଅଧିକ ନୂତନତ୍ୱ ଆସିବ ବୋଲି ବିଭିନ୍ନ ସଭା, ସମିତିରେ କଥା ଦେଇଥିଲେ। ସେହି କଥା ରଖିବାକୁ ଯାଇ ଧନୁଯାତ୍ରାର ସ୍ଥାୟୀ ପ୍ରବେଶ ତୋରଣ ସହିତ ସହରର ବିଭିନ୍ନ ରାସ୍ତାର ପିଚୁ ନବୀକରଣ ହୋଇସାରିଛି। ସେହିପରି ସବୁ ମଞ୍ଚ ଯେଭଳି ଅନ୍ୟବର୍ଷ ତୁଳନାରେ ଦର୍ଶକଙ୍କ ପାଇଁ ଅଧିକ ଉପଭୋଗ୍ୟ ହୋଇପାରିବ, ସେଥିପାଇଁ ମଧ୍ୟ ପ୍ରୟାସ କରାଯାଇଛି। ତେବେ ଏଥର ଧନୁଯାତ୍ରା ଅନ୍ୟବର୍ଷ ତୁଳନାରେ ଦର୍ଶକଙ୍କ ମନକୁ କିଭଳି ଜିଣିବ, ତାହା ମହୋତ୍ସବ ସରିବା ପରେ ସ୍ପଷ୍ଟ ହୋଇଯିବ।


ଧନୁଯାତ୍ରା ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ।

## ଧର୍ମେଶ ଡ୍ୟାନ୍ସ ଏକାଡେମୀକୁ ସଫଳତା

ଖଡ଼ିଆଳ,୨।୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ସହର ଲାଲ ସାହେବ ପଡ଼ାର ଧର୍ମେଶ ଡ୍ୟାନ୍ସ ଏକାଡେମୀକୁ ଏକ ବଡ଼ ସଫଳତା ମିଳିଛି। ଗତ ଡିସେମ୍ବର ୨୪ରୁ ୩୦ ତାରିଖ ଯାଏ ଦୁର୍ଗ ରାୟପୁରରେ ନାଟ୍ୟ ନର୍ତ୍ତନ ଡ୍ୟାନ୍ସ ଫେଷ୍ଟିଭାଲ ଆୟୋଜିତ ହୋଇଥିଲା। ଏଥିରେ ଡ୍ୟାନ୍ସ ଏକାଡେମୀର ଛାତ୍ର ଶ୍ରେୟାଂଶ ଯୋଶୀ, ଭୂମରାଜ ସାହୁ, ଯଶୋବନ୍ତ ମେହେର, ଶୁଭ୍ରାଂଶୁ ତାଣ୍ଡି, ଭବଜ୍ୟୋତି ମେହେର ପ୍ରମୁଖ ଉଚ୍ଚକୋଟିର ଡ୍ୟାନ୍ସ ପ୍ରଦର୍ଶନକରି ଜୁନିୟର ଗ୍ରୁପ୍ ଫୋକ୍ ଡ୍ୟାନ୍ସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହାସହ ଏକାଡେମୀର ସହାୟକ ଶିକ୍ଷକ ପବିତ୍ର କୈବର୍ତ୍ତ ସିନିୟର ସୋଲୋ ଫୋକ ଡ୍ୟାନ୍ସରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କେବଳ ଡ୍ୟାନ୍ସ ନୁହେଁ, କରାଟେ, ଯୋଗ ପ୍ରତିଯୋଗିତାରେ ମଧ ଏକାଡେମୀର ଛାତ୍ରୀଛାତ୍ର ଏହିପରି ସଫଳତା ଅର୍ଜନ କରିଚାଲିଛନ୍ତି।

## ଅସହାୟ ଅବସ୍ଥାରେ ୩ ଅନାଥ ବାଳିକା

### ପାଠପଢା ପାଇଁ ଅର୍ଥ ସାଜିଛି ବାଧକ

ଭବାନୀପାଟଣା,୨।୧(ଉତ୍ତମ କୁମାର ଦାଶ)

ମା'ବାପାଙ୍କ ମୃତ୍ୟୁ ପରେ ଗୋଟିଏ ପରିବାରର ୨ ଭଉଣୀଙ୍କ ସମେତ ଅନ୍ୟ ଏକ ପରିବାର ଜଣେ ବାଳିକା ଅସହାୟ ହୋଇପଡିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଗଣ୍ଡବାରଖୋଲା ପଞ୍ଚାୟତ କରାଟିଁକିଲି ଗ୍ରାମରେ। ଏହି ଗାଁର ରଜ ମାଝୀ ଓ ଗୋମତୀ ମାଝୀଙ୍କ ମୃତ୍ୟୁ ପରେ ତାଙ୍କ ୨ ଝିଅ ପାୟଲ ମାଝୀ (୧୧) ଓ ବନିତା ମାଝୀ (୯) ଏବେ ବେସାହାରା ହୋଇପଡିଛନ୍ତି। ବଡ଼ ଝିଅ ପାୟଲ ବାଦିଲୀ କିସ ଆବାସିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଥିବା ବେଳେ ବନିତା ଗାଁ ପ୍ରାଥମିକ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ୧୦ବର୍ଷ ତଳେ ତାଙ୍କ ବାପା ରଜଙ୍କ ମୃତ୍ୟୁ ହୋଇଥିବାବେଳେ ଗତ ୨୫ ତାରିଖରେ ମା' ଗୋମତୀଙ୍କ ମୃତ୍ୟୁ ହୋଇଛି। ମା'ବାପା ଚାଲିଯିବା ପରେ ଦୁଇଭଉଣୀ ଏବେ କେଉଁଠି ରହିବେ କାହା ସହ ରହିବେ ତା'କୁ ନେଇ ଚିନ୍ତାରେ ରହିଛନ୍ତି। କାରଣ ନିଜର ବୋଲି ଏବେ ତାଙ୍କର କେହି ନାହାନ୍ତି। ୨ ଅନାଥ ଭଉଣୀ ଅସହାୟ ଅବସ୍ଥାରେ ରହୁଥିବା ଜାଣିବା ପରେ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା, ସ୍ଥାନୀୟ ସ୍କୁଲର ଶିକ୍ଷକ ଗୋବର୍ଦ୍ଧନ ମାଝୀ, ସିଆର୍‌ପି ଦେବକୀ ଗଉଡ଼ ପ୍ରମୁଖ ସେମାନଙ୍କୁ ଭେଟିବା ସହ ତାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ୨ ଭଉଣୀ ପାଠ ପ୍ରତି ଆଗ୍ରହ ରଖିଥିବାରୁ ସରକାରୀ ସହଯୋଗ ମିଳିଲେ ଆହୁରି ଆଗକୁ ପଢିବେ ବୋଲି ମତ ରଖିଥିଲେ। ସେହିପରି ଉକ୍ତ ଗାଁର ଯୋଶୀତା ମାଝୀ (୧୫) ମଧ ପିତାମାତାଙ୍କ ଦେହାନ୍ତ ପରେ ଘରେ ଆର୍ଥିକ ଅସୁବିଧା ହେତୁ ମାଟ୍ରିକ ପରେ ପଢା ଛାଡିଛନ୍ତି। ତାଙ୍କୁ ସରକାରୀ ସହାୟତା ମିଳିଲେ ସେ ମଧ ଆସନ୍ତ ବର୍ଷରୁ କଲେଜରେ ଆଡ୍‌ମିଶନ କରିବେ ବୋଲି ପ୍ରକାଶ କରିଛନ୍ତି। ଉପରୋକ୍ତ ଅନାଥ ବାଳିକାମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଓ ଗ୍ରାମବାସୀ ଦାବି କରିଛନ୍ତି ।


୩ ଅନାଥ ପିଲାଙ୍କ ସହ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ବୈଠକ

କୋକସରା,୨।୧ (ଦୁଷ୍ମନ୍ତ କୁମାର ପାଢଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଗୁଡହାଣ୍ଡି ମହୋତ୍ସବ ପାଇଁ ବୃତାନ୍ତ ବୈଠକ ଗୁରୁବାର କୋକସରା ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଇଓ ରଶ୍ମିତା ନେତମ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତା ୮ ତାରିଖ ସକାଳେ ବିଭିନ୍ନ ଗ୍ରାମ୍ୟ ଦେବଦେବୀଙ୍କ ମଶାଲ ପହଞ୍ଚିବା ପରେ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରି ଗୁଡହାଣ୍ଡି ମଞ୍ଚରେ ପହଞ୍ଚିବ। ପୂଜାର୍ଚ୍ଚନା ପରେ ବିଧିବଦ୍ଧ ଭାବେ ଉତ୍ସବ ଆରମ୍ଭ ହେବ। ଉତ୍ସବରେ ଅଞ୍ଚଳର ଲୁକ୍କାୟିତ କଳା ସଂସ୍କୃତି, ପରମ୍ପରା, ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କମିଟି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ରଖାଯାଇଛି। ଦୁଇଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିପାଇଁ ବିଭିନ୍ନ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି।

## ୨ଦିନରେ ୯୦ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୨।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଗତ ୧ତାରିଖରୁ ରକ୍ତ ସଂଗ୍ରହ ଅଭିଯାନ ନେଇ ରେଡ୍ ଡ୍ରପ୍ ମାରାଥନ କାର୍ଯ୍ୟକ୍ରମ ଚାଲିଛି। ଆସନ୍ତା ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩୩ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରତ୍ୟେକ ଦିନ ଜିଲାର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ରହିଛି। ଏହାସହିତ ଧନୁଯାତ୍ରା ମହୋତ୍ସବରେ ମଧ୍ୟ ୮ଦିନ ଧରି ଏହି ଶିବିର ଚାଲିବ। ତେବେ ବୁଧବାର ଖଣ୍ଡହଥା ଗ୍ରାମରେ ହୋଇଥିବା ପ୍ରଥମ ଦିବସ ଶିବିରରେ ୪୩ ଓ ଗୁରୁବାର ବରଗଡ଼ କିଶୋରୀ ନର୍ସିଂହୋମ ପରିସରରେ ଅନୁଷ୍ଠିତ ଶିବିରରେ ୪୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଖଣ୍ଡହଥା ଗ୍ରାମରେ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି କିଶୋରୀ ନର୍ସିଂହୋମ୍‌ରେ ଡା. ପ୍ୟାରିଲାଲ ତ୍ରିପାଠୀ ଏବଂ ସ୍ନିଗ୍ଧା ତ୍ରିପାଠୀ ଶିବିର ଉଦ୍‌ଘାଟନ କରିଥିଲେ। ଡା. ଅଶ୍ୱିନୀ ଭୋଇ, ଡା. ଶୀତଲ ଅଗ୍ରୱାଲ, ଅନୁପ ଦର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆର୍ଟ ଅଫ୍ ଲିଭିଂ ଏବଂ କିଶୋରୀ ନର୍ସିଂହୋମର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ନିଷ୍ଠା ପରିବାରର ସମସ୍ତ ସ୍ୱେଚ୍ଛାସେବୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ପରିବର୍ତ୍ତନର ଲୋଗୋ ଉନ୍ମୋଚିତ

ବରଗଡ଼,୨।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ବୁଧବାର ସ୍ୱେଚ୍ଛାସେବୀ ସଙ୍ଗଠନ ପରିବର୍ତ୍ତନର ଏକ ଲୋଗୋ ଉନ୍ମୋଚନ ହୋଇଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବୀନ ପ୍ରଧାନଙ୍କ ଜନ୍ମତିଥିରେ ଏହି ଲୋଗୋ ଉନ୍ମୋଚିତ ହୋଇଛି। ଏହି ଅବସରରେ ଶିକ୍ଷାବିତ୍ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଶିକ୍ଷକ ସଂଘର ପୂର୍ବତନ ରାଜ୍ୟ ସମ୍ପାଦକ ଅଗ୍ନି କୁମାର ପ୍ରଧାନ, ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ, ପୂର୍ବତନ ବିଧାୟକ ସାଧୁ ନେପାକ, ବରିଷ୍ଠ କଂଗ୍ରେସ ନେତା କିଶୋର ଦଫାଦାର, ଆଡ୍‌ଭୋକେଟ୍ ଲିପ୍‌ସିତ ମିଶ୍ର, ପାୱାର ଅଫ୍ ଦିବ୍ୟାଙ୍ଗର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ପୂର୍ବତନ ପ୍ରଶାସନିକ ଅଧିକାରୀ ବିଶ୍ୱରଞ୍ଜନ ସାହୁ, ବରିଷ୍ଠ ଭାଜପା ନେତା ସୌରୀଚରଣ ବାରିକ, କଂଗ୍ରେସ ନେତା ଆନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଦୀପକ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅବହେଳିତ, ଅନାଥ ଶିଶୁଙ୍କ ରକ୍ଷଣାବେକ୍ଷଣ, ଥଇଥାନ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା, ବିଭିନ୍ନ ଧନ୍ଦାମୂଳକ ଶିକ୍ଷା, ପେଶାଗତ, ବୈଷୟିକ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ବ୍ୟବସ୍ଥା ଉପଲବ୍ଧ କରାଇବା ପରିବର୍ତ୍ତନ ଅନୁଷ୍ଠାନର ଲକ୍ଷ୍ୟ ବୋଲି ସୂଚନା ଦିଆଯାଇଥିଲା। ସଙ୍ଗଠନର କାର୍ଯ୍ୟକର୍ତ୍ତା ସ୍ମିଥ୍ ପ୍ରଧାନ, ରୋଶନ ପ୍ରଧାନ, ଭୂପତି ପ୍ରଧାନ, ସମୀର ପ୍ରଧାନ, ରୁବୁଲ ପ୍ରଧାନ, ପ୍ରିନ୍ସ କର୍ତ୍ତୀ ଏବଂ ସେବା ଫାଉଣ୍ଡେଶନର ସଦସ୍ୟା, ସଦସ୍ୟ ସହଯୋଗ କରିଥିଲେ।



ଅତିଥିବୃନ୍ଦ ପରିବର୍ତ୍ତନ ଅନୁଷ୍ଠାନର ଲୋଗୋ ଉନ୍ମୋଚନ କରୁଛନ୍ତି।

## ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ


ସହରରେ ମଶାଲ ଶୋଭାଯାତ୍ରା ।

**ସମ୍ବଲପୁରୀ ନାଚ ଗୀତରେ ଦୁଲୁକିଲା ମଞ୍ଚ**

- ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହେଲେ କଳାକାର
- ଆତସବାଜି, ଦୁଲଦୁଲି, ଘଣ୍ଟବାଦ୍ୟରେ କମ୍ପିଲା ସହର

ହରଭଙ୍ଗା,୨।୧(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ୩୧ ବର୍ଷରେ ପଦାର୍ପଣ କରିଛି। ଏହି ଜିଲାର ୩୧ତମ ସ୍ୱନକ୍ଷତ୍ର ଦିବସ ଅବସରରେ କଚେରି ଖେଳପଡିଆଠାରେ ଗୁରୁବାର ଦିନ ବୌଦ୍ଧ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା-୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଜିଲାର କଣ୍ଟମାଳ ବ୍ଲକ, ହରଭଙ୍ଗା ବ୍ଲକର ପୁରୁଣାକଟକସ୍ଥିତ ମା' ଭୈରବୀ ମନ୍ଦିରରୁ , ବୌଦ୍ଧ ବ୍ଲକର ଗନ୍ଧରାଡୀ ପୀଠରୁ ମଶାଲ ଅଣାଯାଇ ବୌଦ୍ଧର ଗୌରବମୟ ଇତିହାସର ମୁକସାକ୍ଷୀ ରାଜବାଟୀ ନିକଟସ୍ଥ ଭୂମିସ୍ପର୍ଶ ମୁଦ୍ରାରେ ଥିବା ବୁଦ୍ଧ ମୂର୍ତ୍ତି ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମଶାଲ ଓ ସାଂସ୍କୃତିକ ଶୋଭାଯାତ୍ରା ବାହାରିଥିଲା । ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉପଜିଲାପାଳ ପ୍ରଭାସଚନ୍ଦ୍ର ଦଣ୍ଡସେନା ,ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଭଗବାନ ବୁଦ୍ଧଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଜିଲାର ତିନୋଟି ବ୍ଲକରୁ ଆସିଥିବା କଳାକାର ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ଦୁଲଦୁଲି ବାଜା, ଘଣ୍ଟବାଦ୍ୟର ତାଳେ ତାଳେ ସହର ପରିକ୍ରମା କରିଥିଲେ। ଆତସବାଜି, ବୌଦ୍ଧର ଲୋକନୃତ୍ୟ ପତରସଉରା, ପରଭା, ନାମ ସଙ୍କୀର୍ତ୍ତନ ,ଆଦିବାସୀ ନୃତ୍ୟରେ ପୁରା ସହରର ରାସ୍ତାଘାଟ କମ୍ପି ଉଠିଥିଲା। ଶୋଭାଯାତ୍ରାରେ ମହିଳା, ବୁଦ୍ଧିଜୀବୀ, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ସାମିଲ ଥିଲେ । ସ୍ଥାନୀୟ କଚେରୀ ପଡିଆଠାରେ ସନ୍ଧ୍ୟାରେ ଆୟୋଜିତ ମହୋତ୍ସବକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧ ବିଧାୟକ ପ୍ରଧାନ ଉଦ୍‌ଘାଟନ କରିଥିଲେ। ସ୍ୱାଗତ ସଙ୍ଗୀତ ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଉଦଘାଟନୀ ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲାପାଳଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ପ୍ରଧାନ , ସମ୍ମାନିତ ଅତିଥି ଭାବେ କନ୍ଧମାଳ ଏମ୍‌ପି ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ମହାପାତ୍ର, ଜିଲାପରିଷଦ ଅଧକ୍ଷ ପ୍ରଭାସିନୀ ଦାସ, ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା ଯୋଗଦେଇ ମଞ୍ଚାସୀନ ଥିଲେ । ଉଦ୍‌ଘାଟନୀ ଦିବସର ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଏକ ଅନୁଷ୍ଠାନ ପକ୍ଷରୁ ଓଡିଶୀ , ପଞ୍ଜାବର ଭାଙ୍ଗଡା, ପୁରୀର ଗୋଟିପୁଅ, ସମ୍ବଲପୁରର ସମ୍ବଲପୁରୀ ଆଦି ନୃତ୍ୟ ପରିବେଷଣ ହୋଇଥିଲା । ମହୋତ୍ସବରେ ଏଥର ୧୯୦ ଟି ଷ୍ଟଲ ଖୋଲାଯାଇଛି । ସେଥିମଧ୍ୟରୁ ୯୦ ଗୋଟି ଷ୍ଟଲରେ ପଲ୍ଲିଶ୍ରୀ ମେଳା, ୩୦ରେ ଖାଦ୍ୟ ଷ୍ଟଲ, ବିଭନ୍ନ ବିଭାଗୀୟ ଷ୍ଟଲ ୩୦ ଓ ୪୦ଟି ଅନ୍ୟ ଷ୍ଟଲ ମଧ ରହିଛି । ଏହାଛଡା ମହୋତ୍ସବରେ ଘରକରଣା ସାମଗ୍ରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପସରା ଖୋଲାଯାଇଛି। ଶୀତୁଆ ସନ୍ଧ୍ୟାରେ ମହୋତ୍ସବ ଦେଖିବାକୁ ଲୋକଙ୍କ ପ୍ରବଳ ଗହଳି ରହିଥିଲା ।



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

# ଆପ୍ରୋଚ୍ ରୋଡ୍ ପାଇଁ ଜମି ବାଧକ

ରାଉରକେଲା,୨।୧(ସଙ୍ଗୀତା ଜେନା)


ଦଳପୋଷ ପୋଲ ।


ପୋଲ ସଂଲଗ୍ନ ଆପ୍ରୋଚ୍ ରୋଡ୍ ହୋଇନାହିଁ।

■ ଦଳପୋଷ ବ୍ରିଜ୍ ରାସ୍ତାରେ ଗମନାଗମନ ଅସୁବିଧା
■ ୧୧ ବର୍ଷ ହେଲା ହେଉନି ସମାଧାନ
■ ବର୍ଷା ଦିନରେ କାଦୁଅରେ ଯାତାୟାତ
■ ଶୀଘ୍ର ଜମି ଅଧିଗ୍ରହଣ ହେବ କହିଲା ବିଭାଗ

ରାଜ୍ୟରେ ପ୍ରତ୍ୟେକ ଗ୍ରାମକୁ ସଂଯୋଗ କରିବା ପାଇଁ ସଡ଼କ ନିର୍ମାଣ କରାଯାଇଛି। ସେହିପରି ନାଳ, ଜଳାଶୟ, ନଦୀ ଉପରେ ପୋଲ ନିର୍ମାଣ କରି ଉକ୍ତ ଅଞ୍ଚଳର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଉକ୍ତ ଅଞ୍ଚଳରେ ଗମନାଗମନ ସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାଧାରଣ ଲୋକଙ୍କ ଜୀବନଯାପନ ଶୈଳୀ ଉନ୍ନତମାନର କରିବା ଲକ୍ଷ୍ୟ ରଖି ଏପରି କରାଯାଇଛି। ସେହି କ୍ରମରେ ରାଉରକେଲାଶ ସଂଲଗ୍ନ ଦଳପୋଷ ଅଞ୍ଚଳରେ ବିଶ୍ରା ବ୍ଲକକୁ ସଂଯୋଗ କରିବା ପାଇଁ ଏକ ପୋଲ ନିର୍ମାଣ ହୋଇଥିଲା। ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ପ୍ରାୟ ୫୦ମିଟର ଆପ୍ରୋଚ୍ ରୋଡ୍ ଏପର୍ଯ୍ୟନ୍ତ ନିର୍ମାଣ ହୋଇପାରିନାହିଁ। ଫଳରେ ବର୍ଷା ଋତୁରେ ସ୍ଥାନୀୟ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲ ଓ ସଡ଼କ ମଧ୍ୟରେ ଥିବା କଚ୍ଚା ରାସ୍ତା ଅସମତଳ ଓ ଖାଲଖମାପୂର୍ଣ୍ଣ ହୋଇରହିଛି। ଉକ୍ତ ଆପ୍ରୋଚ୍ ରୋଡ୍‌ରେ ଥିବା ଜମି ବିବାଦୀୟ ଯୋଗୁ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ଜମି ମାଲିକ ଓ ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଉକ୍ତ ପୋଲ ସମ୍ପୂର୍ଣ୍ଣ ହୋଇ ମଧ ଲୋକଙ୍କ କାମରେ ଆସିପାରୁନାହିଁ।

ବିରମିତ୍ରପୁର ନିର୍ବାଚନମଣ୍ଡଳୀ ତଥା ବିଶ୍ରା ବ୍ଲକକୁ ସଂଯୋଗ କରିବା ପାଇଁ ୨୦୧୩-୧୪ରେ ଝିରପାଣି-ଦଳପୋଷ ମଧ୍ୟରେ ୩ କି.ମି. ରାସ୍ତା ନିର୍ମାଣ କରାଯାଇଥିଲା। ଏହାର ମଧ୍ୟବର୍ତ୍ତୀ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫ ପିଲର ବିଶିଷ୍ଟ ୩ଶହ ମିଟରର ଏକ ପୋଲ ନିର୍ମାଣ ହୋଇଥିଲା। ଏଥିପାଇଁ ୫୩୧.୩୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଝାଡ଼ଖଣ୍ଡରୁ ଆସିଥିବା ଏକ ନାଳ ଉପରେ ଗମନାଗମନ ପାଇଁ ଏହାକୁ ନିର୍ମାଣ କରାଯାଇଥିଲା। ଏହାଦ୍ୱାରା ପାନପୋଷ, ବିଜାଡିହି, ଉଡ଼ସୁ, ସାରୁବାହାର, ଆର୍.ଏସ୍. କଲୋନୀ, କୁତ୍ରା ବାହାର ସମେତ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ, ଚାଷୀ, ଛାତ୍ରୀଛାତ୍ର, ଦିନମଜୁରିଆ, ଚାକିରିଆ ଉପକୃତ ହେଉଛନ୍ତି। ପ୍ରତ୍ୟେକ ଦିନ ଲୋକେ ରାଉରକେଲାକୁ ସହଜରେ ଆସିପାରୁଛନ୍ତି। ତେବେ ସ୍ୱର୍ଗତ ବାନ୍ଦା ଏକ୍କାଙ୍କ ଜମି ଉପରେ ବିବାଦ ରହିଥିବାରୁ ରାସ୍ତା ସଂଯୋଗୀକରଣ ହୋଇପାରି ନ ଥିଲା। କିଛି ଦିନ ତଳେ ଆପ୍ରୋଚ୍ ରୋଡ୍ ଜମିର ମାଲିକାନା ଜାହିର କରୁଥିବା ସ୍ୱର୍ଗତ ଏକ୍କାଙ୍କ ପରିବାର ଲୋକେ ପ୍ରଶାସନ ଉପରେ ଭରସା ହରାଇଥିବା ଜଣାପଡ଼ିଛି। ଜମି ବାବଦ କ୍ଷତିପୂରଣ ନ ପାଇଲେ ଉକ୍ତ ଜମି ରୋଡ୍‌କୁ ସେମାନେ ଦଖଲକୁ ନେଇଯିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ଦିନରେ ସ୍ଥାନୀୟ ଲୋକଙ୍କ ସମସ୍ୟା ହେଲେ ପ୍ରଶାସନ ଏଥିପାଇଁ ଦାୟୀ ରହିବେ ବୋଲି ଉକ୍ତ ପରିବାର ପକ୍ଷରୁ କୁହାଯାଇଛି।

ଏହି ପୋଲ ଉପରେ ନିର୍ଭର କରୁଥିବା ପୂଜକ ହେମନ୍ତ କର କହିଛନ୍ତି, ପୋଲ ନିର୍ମାଣ ପରେ ଏଠାରେ ରହୁଥିବା ୨୦ ହଜାର ପରିବାରଙ୍କ ମଧ୍ୟରେ ଗମନାଗମନକୁ ନେଇ ନୂତନ ଆଶା ସଞ୍ଚାର ହୋଇଥିଲା। ହେଲେ ଆପ୍ରୋଚ୍ ରୋଡ୍ ନିର୍ମାଣ ନ ହେବା ଯୋଗୁ ଏହି ପ୍ରକଳ୍ପ ଅଧାପନ୍ତରିଆ ରହିଯାଇଛି। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସମସ୍ୟା ଦୂର ହୋଇପାରିନାହିଁ। ଆପ୍ରୋଚ୍ ରୋଡ୍‌ର ମାଲିକାନା ଜାହିର କରୁଥିବା ଲୋକେ କିଛିଦିନ ତଳେ ପୁନଃ ଜମିକୁ ଦଖଲକୁ ନେଇଯିବେ ବୋଲି କହିଛନ୍ତି। ଏହାଦ୍ୱାରା ରାଉରକେଲାକୁ ସଂଯୋଗୀକରଣ ପାଇଁ ଅଧିକ ବୁଲାଣି ରାସ୍ତା ରହିବ ବୋଲି କର କହିଥିଲେ। ତେବେ ବର୍ଷାଦିନେ ଉକ୍ତ ପୋଲର ଶେଷ ଭାଗରେ ଥିବା ଅଧାପନ୍ତରିଆ ଆପ୍ରୋଚ୍ ରୋଡ୍ ଯୋଗୁ ଯା'ଆସ ପାଇଁ ଅସୁବିଧା ହୋଇଥାଏ ବୋଲି ସ୍ଥାନୀୟ ଦୋକାନୀ ଅରୁପ ସେନାପତି କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର କିଶୋର ମିଶ୍ରଙ୍କୁ ପଚରାଯିବାରୁ ସେ କହିଲେ, ପ୍ରାୟ ୧୬ ଡେସିମିଲ ଜାଗାକୁ ନେଇ ବିବାଦ ରହିଛି। ପୋଲ ନିର୍ମାଣ ସମୟରେ ଆପ୍ରୋଚ୍ ରୋଡ ପାଇଁ ଜମି ବଦଳରେ ସହରରେ ଜମି ପ୍ରଦାନ ପାଇଁ ସର୍ତ୍ତ ରହିଥିଲା। ହେଲେ ଏହା ଅନୁସୂଚିତ ଜନଜାତିଙ୍କ ସମ୍ପତ୍ତି ହୋଇଥିବାରୁ ସହରର ଅନ୍ୟ ସ୍ଥାନରେ ଜମି ପ୍ରଦାନ ସମ୍ଭବ ହୋଇପାରି ନ ଥିଲା। ବିକଳ୍ପ ପାଇଁ ଜିଲାପାଳ ଜମି ଅଧିଗ୍ରହଣ ପ୍ରସ୍ତାବ ଦେଇଥିଲେ। କିଛିଦିନ ତଳେ ପୁନଃ ସର୍ଭେ କରି ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରିପୋର୍ଟ ଆସିବା ପରେ ଅନ୍‌ଲାଇନ୍ ଅଧିଗ୍ରହଣ ରାଶି ପ୍ରଦାନ ପ୍ରକ୍ରିୟା ପାଇଁ ଆବେଦନ କରାଯିବ ବୋଲି ମିଶ୍ର କହିଥିଲେ।

# ନାବାଳିକାଙ୍କୁ ଅପହରଣ ଉଦ୍ୟମ, ୨ ଗିରଫ

ରାଉରକେଲା,୨।୧(ସଙ୍ଗୀତା ଜେନା)

ଜଣେ ନାବାଳିକାଙ୍କୁ ପ୍ରେମ ନିବେଦନ କରି ମାଡ଼ ଖାଇବା ପରେ ପ୍ରତିଶୋଧପରାୟଣ ହୋଇ ନାବାଳିକାଙ୍କ ଘରେ ପଶି ୩ଟି ବାଇକ୍ ଭଙ୍ଗାରୁଜା ସହ ତାଙ୍କୁ ଅପହରଣ ଉଦ୍ୟମ ଘଟଣାରେ ଝିରପାଣି ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ର ଆୟୁଷ୍ମାନ ମଲ୍ଲିକ(୨୩) ଓ ତାଙ୍କ ସହଯୋଗୀ ରତନ ନାୟକ(୩୧)। ଅନ୍ୟ ଜଣେ ଫେରାର ଅଛନ୍ତି। ଏ ନେଇ ଝିରପାଣି ଥାନାରେ ଏକ ମାମଲା (ନଂ.୧/୨୫) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା (୧୪) ରାଉରକେଲାର ଏକ ପ୍ରତିଷ୍ଠିତ ସ୍କୁଲର ଛାତ୍ରୀ। ଅଭିଯୁକ୍ତ ଆୟୁଷ୍ମାନ ତାଙ୍କୁ ଦୀର୍ଘଦିନ ଧରି ପ୍ରେମ ନିବେଦନ କରିଆସୁଥିଲେ। ଏପରିକି ସ୍କୁଲ ଗଲା ସମୟରେ ସେ ତାଙ୍କୁ ପିଛା କରୁଥିଲେ। ଏ ନେଇ ପୀଡ଼ିତାଙ୍କ ବଡ଼ଭାଇ କିଛିଦିନ ତଳେ ଅଭିଯୁକ୍ତଙ୍କୁ ମାଡ଼ିପଟ୍ କରି ଗିରଫ ହୋଇଥିଲେ। ବୁଧବାର ପୀଡ଼ିତାଙ୍କ ବଡ଼ଭାଇ ଓ ତାଙ୍କ ମା' ସେକ୍ଟର-୨ ଗାୟତ୍ରୀ ମନ୍ଦିରସ୍ଥିତ ପେଟ୍ରୋଲ ପମ୍ପରେ ବାଇକ୍‌ରେ ପେଟ୍ରୋଲ ଭରୁଥିବା ବେଳେ ଆୟୁଷ୍ମାନ ଉଭୟଙ୍କୁ ଧମକଚମକ ଦେବା ସହ ମାଡ଼ପିଟ କରିଥିଲେ। ଘଟଣାସ୍ଥଳରେ ପିସିଆର ଭ୍ୟାନ୍ ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲା। ସନ୍ଧ୍ୟାରେ ଅଭିଯୁକ୍ତ ଓ ତାଙ୍କ ୨ ସହଯୋଗୀ ପୀଡ଼ିତାଙ୍କ ଘରେ ପଶି ୩ଟି ବାଇକ ଭଙ୍ଗାରୁଜା କରିବା ସହ ତାଙ୍କ ମା'ଙ୍କୁ ତଣ୍ଟିଚିପି ମାରିବାକୁ ଚେଷ୍ଟା କରିଥିଲେ। ପରେ ନାବାଳିକାଙ୍କୁ ଅପହରଣ କରିବାକୁ ଉଦ୍ୟମ କରିବାବେଳେ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଗୋପବନ୍ଧୁ ପାଠାଗାର ପ୍ରତିଷ୍ଠା ଦିବସ ପାଳିତ


ଅତିଥିମାନଙ୍କ ଗହଣରେ ପୁରସ୍କୃତ କଳାକାରଗଣ।

ରାଉରକେଲା,୨।୧(ଦିନେଶ ମିଶ୍ର)

ରାଉରକେଲା ସହରର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ଗୋପବନ୍ଧୁ ପାଠାଗାରର ୨୨ତମ ପ୍ରତିଷ୍ଠା ଦିବସ ଓ ନୂତନ ବର୍ଷ ପାଳନ ସଭାପତି ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇଟେକ୍ ମେଡିକାଲ କଲେଜର ସିଇଓ ଡାକ୍ତର ସୁଶାନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭବିଷ୍ୟତରେ ପାଠାଗାର ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଓ ମୁଖ୍ୟ ବକ୍ତା ଭାବେ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ପରେ ସାଧନା ଡ୍ୟାନ୍ସ ଏକାଡେମୀର ମାନଭଞ୍ଜନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନେ ରୋଟାରୀ କ୍ଲବ ସଭାପତି ସନ୍ତୋଷ କୁମାର ମିଶ୍ର କଳାକାରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରାଜ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ଉପସ୍ଥିତ ଥିଲେ। ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାକୁ ୧୦ ସ୍ୱର୍ଣ୍ଣ, ୮ ରୌପ୍ୟ ପଦକ

ରାଉରକେଲା,୨।୧(ଦିନେଶ ମିଶ୍ର)

**ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା**

ଉତ୍ତରପ୍ରଦେଶର ଯୋନପୁରଠାରେ ଆୟୋଜିତ ୭ମ ଜାତୀୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ରାଉରକେଲାର ୨୫ ଜଣ ଟାଇକୋଣ୍ଡୋ ଖେଳାଳି ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରି ୧୦ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ସମସ୍ତ ଖେଳାଳି ସେକ୍ଟର-୩ ସ୍ଥିତ ଦ' ନେକ୍ସଟ୍ ଜେନ୍‌ର ପ୍ରତିଷ୍ଠାତା ତଥା ସମ୍ପାଦକ ଆନନ୍ଦ ସୁନାଙ୍କ ଠାରୁ ଟାଇକୋଣ୍ଡୋ ପ୍ରଶିକ୍ଷଣ ନେଉଥିଲେ। ଏହି ପ୍ରତିଯୋଗିତାରେ ଅନ୍ୱେଷାର ଛାତ୍ର ରାଜ କିଶୋର ଓରାମ, ଶୁଭମ ଓରାମ, ଦୀପକ ଟୋପନୋ, ବିଦ୍ୟାବତୀ କିଷାନ, ଗାରବତୀ କିଷାନ ପ୍ରମୁଖ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପ୍ରଦକ ହାସଲ କରିଥିବାବେଳେ ଜୁନିୟର ବର୍ଗରେ କୌଶିକ କୁମାର ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଖାତୁଇଜ୍ କୁମାର ସାହୁ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ରୋନକ ଖେସ୍, ଅରପିତା ଖେସ୍, ହରପ୍ରିୟା କିଷାନ, ୟାସ୍ମିନ ନାଗ, ଶୁଭଶ୍ରୀ ପ୍ରଧାନ, ଅଭିଜିତ ଦାସ, ରାମଧାନୀ ସରଦାର ବ୍ରୋଞ୍ଜ ସହ ରୌପ୍ୟ ପଦକ ହାସଲ କରିଥିଲେ। ଏହି ଚାମ୍ପିୟନ ଦଳ ଟ୍ରେନ ଯୋଗେ ଗୁରୁବାର ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା।


ପଦକ ସହ କୃତୀ ଟାଏକୋଣ୍ଡୋ ଖେଳାଳି।



ନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନ କରାଯାଉଛି।

# ପଥପ୍ରାନ୍ତ ନାଟକରେ ସଡ଼କ ସୁରକ୍ଷା ବାର୍ତ୍ତା

ରାଉରକେଲା,୨।୧(ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଓ ଆଞ୍ଚଳିକ ପରିବହନ ବିଭାଗ (ଆର୍‌ଟିଓ)ର ମିଳିତ ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନରେ ହନୁମାନ ବାଟିକା ଛକରେ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ହନୁମାନ ବାଟିକା ଛକରୁ ବାହାରି ସହର ପରିକ୍ରମା କରିଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଆର୍‌ଟିଓ ବିଭବ ସାମନ୍ତସିଂହାର ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସଚେତନଧର୍ମୀ ପଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ସଡ଼କ ସୁରକ୍ଷା ନିୟମ ଅମାନିଆମାନଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରାଯାଇଥିଲା। ଅନ୍ୟପକ୍ଷେ ଯମରାଜ ଓ ଚିତ୍ରଗୁପ୍ତଙ୍କ ବେଶରେ କଳାକାରମାନେ ସଡ଼କ ସୁରକ୍ଷା, ଜୀବନର ମୂଲ୍ୟ ତଥା ପରିବାର ପାଇଁ ଜୀବନର ଭୂମିକା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ରାଉରକେଲା ଏସ୍‌ପି ୱାଧୱାନୀ କହିଥିଲେ, ସଡ଼କ ଦୁର୍ଘଟଣାର କାରଣ ମୁଖ୍ୟତଃ ମଦ୍ୟପାନ ଓ ନିଶାସେବନ ଅଟେ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଗତ ଅକ୍ଟୋବର ମାସରୁ ପୋଲିସ, ଅବକାରୀ ଏବଂ ଆର୍‌ଟିଓ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଦ୍ରୁତ ଗାଡି ଚାଳନାକୁ ରୋକିବା ପାଇଁ ସଚେତନ କରାଯାଉଛି। ବିଶେଷ ଭାବେ ୧୮ରୁ ୪୮ ବର୍ଷ ମଧ୍ୟରେ ଅଧିକ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ସଚେତନତାମୂଳକ କାର୍ଯ୍ୟକ୍ରମ, ସଚେତନତା ରଥ ବୁଲିବା ସହ କଡାକଡ଼ି ଯାଞ୍ଚ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ରାଉରକେଲା କହିଥିଲେ। ସେହିପରି ଆରଟିଓ ସାମନ୍ତସିଂହାର କହିଥିଲେ, ଦୁର୍ଘଟଣା ସଂଖ୍ୟା ହ୍ରାସ, ଦୁର୍ଘଟଣାର ଶିକାର ବ୍ୟକ୍ତିମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସଚେତନ କରାଯାଉଛି। ଲୋକଙ୍କୁ ଦୃଷ୍ଟାନ୍ତମୂଳକ ଉଦାହରଣ ଦିଆଯାଉଛି । ଏହିପରି ଅଭିଯାନରେ ସହରବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ଆର୍‌ଟିଓ ତଥା ଟ୍ରାଫିକ୍ ଅଧିକାରୀ, କର୍ମଚାରୀ ଓ ତଥା ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୀମାନ୍ତରେ ବ୍ୟାପକ ଅଫିମ ଚାଷ

ରାଉରକେଲା,୨।୧(ସଙ୍ଗୀତା ଜେନା): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ବ୍ୟାପକ ଅଫିମ ଚାଷ କରାଯାଉଛି। ଏହା ପ୍ରଭାବରେ ଯୁବପିଢ଼ି ନଷ୍ଟ ହେଉଥିବା ବେଳେ ନିଶା କାରବାର ବୃଦ୍ଧି ପାଉଛି। ଏହାଦ୍ୱାରା ସ୍ଥାନୀୟ ଲୋକେ ଅଧିକ ଉପାର୍ଜନ ପାଇଁ ଅଫିମ ଚାଷ ଆଡକୁ ମନ ବଳାଉଛନ୍ତି। ବିଶେଷ ଭାବେ ପଶ୍ଚିମ ସିଂଭୂମ ଚାଇଁବାସା ପାହାଡଘେରା ଅଞ୍ଚଳରେ ଏକର ଏକର ଜମିରେ ଏହି ଚାଷ ହୋଇଛି। ଏହାକୁ ନଷ୍ଟ କରିବା ସହ ସଚେତନ କରିବା ପାଇଁ ପୋଲିସ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ସୁରକ୍ଷାବଳ ଓ ସ୍ଥାନୀୟ ପୋଲିସ ଉକ୍ତ ଅଫିମ ଚାଷକୁ ଠାବ କରାଯାଉଛି। ଏହି କ୍ରମରେ ଟୋବୋ ଥାନା ବନ୍ଦଗାଁବ ଅଞ୍ଚଳରେ ୨ ଦିନ ତଳେ ବିପୁଳ ପରିମାଣର ଅଫିମ ଚାଷ ଠାବ କରାଯାଇଥିଲା। ପଶ୍ଚିମ ସିଂଭୂମ ଏସ୍‌ପି ଏପରି ଚାଷରୁ ଗ୍ରାମବାସୀଙ୍କୁ ନିବୃତ୍ତ ରହିବା ଲାଗି ପରାମର୍ଶ ଦେଇଥିଲେ। ଉକ୍ତ ଅଞ୍ଚଳରେ ୪ ଏକର ଜମିରେ ଚାଷ କରାଯାଇଥିବା ଅଫିମ ଚାଷକୁ ନଷ୍ଟ କରାଯାଇଥିଲା।

# ଗଛରୁ ପଡ଼ି ଜଣେ ମୃତ

ହେମଗିର,୨।୧(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ସ୍ଥିତ କନ୍ଦାଧୁଡା ଗ୍ରାମରେ ଗଛରୁ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ କନ୍ଦାଧୁଡା ଗ୍ରାମର ମହେଶ୍ୱର ମଲ୍ଲିକ(୪୫)। ମିଳିଥିବାସୂଚନା ଅନୁସାରେ, ଗୁରୁବାର ମହେଶ୍ୱର ଘର ପଛପଟେ ଥିବା ଏକ ଗଛରେ ଚଢ଼ି ଗଛ କାଟୁଥିବା ସମୟରେ ଖସି ପଡ଼ିଥିଲେ। ଆହତ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ହେମଗିର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୋ ପ୍ରିୟ କବି, କବିତା ପାଠୋତ୍ସବ

ରାଉରକେଲା, ୨।୧(ଦିନେଶ ମିଶ୍ର)



ମୋ ପ୍ରିୟ କବି ଓ କବିତା ପାଠ ଉତ୍ସବରେ ମଞ୍ଚାସୀନ ଅତିଥି।

ସେକ୍ଟର-୭ସ୍ଥିତ ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟରେ ନୂତନବର୍ଷକୁ ସ୍ୱାଗତ ଜଣାଇବା ପାଇଁ ଏକ ନିଆରା କାର୍ଯ୍ୟକ୍ରମ 'ମୋ ପ୍ରିୟ କବି ଓ କବିତା ପାଠ ଉତ୍ସବ' ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ପ୍ରତାପ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅରଣ୍ୟା ସାହିତ୍ୟ ସଂସଦର ସଭାପତି ରାଜକିଶୋର ପଢ଼ିଆରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଧୁନିକ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତାର ବହୁଳ ବ୍ୟବହାର ଦ୍ୱାରା ବର୍ତ୍ତମାନର ଯୁବପିଢ଼ି ସାହିତ୍ୟ ସଂସ୍କୃତିଠାରୁ ଦୂରେଇ ଯାଉଛନ୍ତି। ସେମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ପାଇଁ ସାହିତ୍ୟିକମାନେ ଆଗେଇ ଆସିବାକୁ ଅତିଥି ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ସଂଘର ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ ନବବର୍ଷ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଉତ୍କଳ ଗୀତିକବି ସମାଜର ସଭାପତି ତାରିଣୀ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କବିତା ପାଠ ଉତ୍ସବରେ ସ୍ମିତା ମିଶ୍ର ଓ ବିଜୟନୀ ଜେନା ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ଶ୍ରୀମଦ୍ ଭଗବତ ଗୀତାର ଦ୍ୱାଦଶ ଅଧ୍ୟାୟ ଭକ୍ତି ଯୋଗ ବିଷୟରେ ଆବୃତ୍ତି କରିଥିଲେ। ଡାକ୍ତର କୃପାସିନ୍ଧୁ ନାୟକ, ଉପେନ୍ଦ୍ର ବସ୍ତିଆ, ବବିତା ମହାନ୍ତ, ଗୀତାରାଣୀ ବେହେରା, ଆର୍ତ୍ତତ୍ରାଣ ମହାପାତ୍ର, ବିଭୂ ନାୟକ, ଅର୍ଚ୍ଚନା ପାତ୍ର, ଶ୍ରେୟଶ୍ରୀ ସାହୁ, ଜଗନ୍ନାଥ ରାଉତ, ସତ୍ୟବ୍ରତ ଦାସ, ବିକ୍ରମ କୁମାର ନାୟକ, କରୁଣାକର ପାଟଶାଣୀ, ପୁଷ୍ପା ପଟେଲ ପ୍ରମୁଖ ବହୁ କବି ନିଜର ପ୍ରିୟ କବିଙ୍କର କାଳଜୟୀ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଘନଶ୍ୟାମ ଧଳ, ରାଧାମୋହନ ନାୟକ, ବିପିନି ବିହାରୀ ପଟ୍ଟନାୟକ, ଇନ୍ଦ୍ରମଣି ମହାପାତ୍ର, ପ୍ରସନ୍ନ କୁମାର ମହାନ୍ତି, ଶୁଭ୍ରାଂଶୁ ଶେଖର ମହାପାତ୍ର, ରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ଲକ୍ଷ୍ମଣନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲାକୁ ୫୧ ପଦକ

ରାଉରକେଲା,୨।୧(ଦିନେଶ ମିଶ୍ର)



ଚାମ୍ପିୟନଶିପ୍‌ରେ ପଦକ ପାଇଥିବା କୃତୀ ପ୍ରତିଯୋଗୀଗଣ।

**ଅଲ୍ ଇଣ୍ଡିଆ ଓପନ କରାଟେ ଚାମ୍ପିୟନଶିପ୍**

ସୁକୋକାଇ କରାଟେ ଡୋ-ୟୁନିୟନ ଇଣ୍ଡିଆ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ଗୁରୁବାର ୧୪ତମ ସର୍ବଭାରତୀୟ ଓପନ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆ ମୁଖ୍ୟ ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚାମ୍ପିୟନଶିପ୍‌ରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୧ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଉରକେଲା ଉତ୍କଳ କରାଟେ ସ୍କୁଲରେ ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ ତଥା ଏସୀୟ କୋଚ୍ ରାଜୀବ ସିଂଙ୍କଠାରେ ପ୍ରଶିକ୍ଷଣ ନେଉଥିବା କରାଟେକାମାନଙ୍କ ମଧ୍ୟରୁ ୨୯ ଜଣ ମନୋନିତ ହୋଇ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଅର୍ଣ୍ଣାଦିତ୍ୟା ସ୍ୱାଇଁ, ଅର୍ପିତା ପଣ୍ଡା, ଆଦିତ୍ୟ ଷଡଙ୍ଗୀ, ପ୍ରିୟାଂଶୀ ଦାସ, ସୂର୍ଯ୍ୟପ୍ରକାଶ ଘଡେଇ, ଆର୍ଯ୍ୟ ବଂଶିକା ପ୍ରମୁଖ ୨ଟି ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବାନି କେସର ଗୋଟିଏ କାଂସ୍ୟ, ଅଭିୟାନ ଶତପଥୀ-୨ କାଂସ୍ୟ, ଅନୁଷ୍କା ମିଶ୍ର ୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ, ଆଦର୍ଶ ପଣ୍ଡା ୧ ରୌପ୍ୟ, ଆର୍ଯ୍ୟବ୍ରତ ପଣ୍ଡା ୧ ରୌପ୍ୟ, ସାଚୀ ମିଶ୍ର ୧ ସ୍ୱର୍ଣ୍ଣ ଓ ୧ କାଂସ୍ୟ, ଅଙ୍କିତା ଟୁଡୁ ୧ ସ୍ୱର୍ଣ୍ଣ, ଧ୍ରୁବ ନାୟକ ୧ ସ୍ୱର୍ଣ୍ଣ ଓ କାଂସ୍ୟ, ଅନିମେଷ ମହାଲିକ ୨ କାଂସ୍ୟ, ଅଦ୍ରିକା ପଣ୍ଡା ୧ ସ୍ୱର୍ଣ୍ଣ ଓ କାଂସ୍ୟ, ତେଜସ ମିଶ୍ର ୧ ରୌପ୍ୟ, ଜିଜ୍ଞାସା ମାର୍ଥା ୧ ସ୍ୱର୍ଣ୍ଣ, ଡି. ଧନୁଷ ୧ ସ୍ୱର୍ଣ୍ଣ ସହ ରାଉରକେଲାର ସବ୍ ଜୁନିୟର, ବାଳିକା ସବ୍ ଜୁନିୟର, ସିନିୟର ପୁରୁଷ ଦଳକୁ ମିଶାଇ ସମୁଦାୟ ୫୧ଟି ପଦକ ହାସଲ କରିଛନ୍ତି। ଅଭିଷେକ ପଟ୍ଟନାୟକ ଓ ରଞ୍ଜନ ପାତ୍ର ଏହି ଚାମ୍ପିୟନଶିପ୍‌ରେ କୋଚ୍ ଓ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ପାଇଁ ଓଡ଼ିଶା କରାଟେ ଆସୋସିଏଶନ ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦ, ରାଉରକେଲା ସହରସେବା ସମିତି, ଅନେକ କ୍ରୀଡା ସଙ୍ଗଠନ ଓ କ୍ରୀଡା ପ୍ରେମୀମାନେ କୃତୀ କରାଟେକାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

- ବ୍ୟାପକ ପୋଲିସ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଉଚ୍ଛେଦ ଜାରି
- ଅଞ୍ଚଳରେ ବିଏନ୍ଏସ୍ ଆଇନ ଧାରା ୧୬୩ ଲାଗୁ
- ୫ରୁ ଉର୍ଦ୍ଧ୍ୱ ଲୋକ ଏକାଠି ହେବା ଉପରେ ନିଷେଧାଦେଶ

ସମ୍ବଲପୁର,୨୧(ପ୍ରମୋଦ ବହିଦାର)




ଗୁରୁବାର ମୋତିଝରଣ ଅଞ୍ଚଳରେ ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଉଛି(ବାମ), ଜବରଦଖଲରେ ନିର୍ମିତ କୋଠାକୁ ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଭଙ୍ଗାଯାଉଛି।

ସମ୍ବଲପୁର ସହରରେ ମହାନଗର ନିଗମ ପକ୍ଷରୁ ଜାରି ରହିଛି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା। ଗୁରୁବାର ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଭାବେ ପରିଚିତ ମୋତିଝରଣରେ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା। ମହାନଗର ନିଗମ ପ୍ରବର୍ତ୍ତନ ବିଭାଗ ପକ୍ଷରୁ ସକାଳ ୬ଟାରୁ ଭୂତାପଡ଼ା ଛକରୁ ଧନକଉଡ଼ା ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଥିଲା। ତେବେ ଜବରଦଖଲ ଚାଲିଥିବା ସମୟରେ ମୋତିଝରଣ ଛକ ନିକଟରେ ଉଚ୍ଛେଦକାରୀ ଦଳକୁ ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଫଳରେ ଏଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବିଶୃଙ୍ଖଳାକୁ ଏଡ଼ାଇବା ପାଇଁ ମୋତିଝରଣ ଛକରୁ ପ୍ରାୟ ୨ଶହ ମିଟର ପର୍ଯ୍ୟନ୍ତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଇନ ଧାରା ୧୬୩ ଲାଗୁ କରାଯାଇଛି। ଏପରିକି ଉକ୍ତ ଅଞ୍ଚଳରେ ୫ ଜଣରୁ ଅଧିକ ଲୋକ ଏକାଠି ନ ହେବାକୁ ଡାକବାଜି ଯନ୍ତ୍ର ଜରିଆରେ ଚେତାବନୀ ଦିଆଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଏଠାରେ ବ୍ୟାପକ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଜବରଦଖଲ ପ୍ରକ୍ରିୟା ଜାରି ରହିଛି। ଯେକୌଣସି ଆଇନଶୃଙ୍ଖଳ ପରିସ୍ଥିତିର ମୁକାବିଲା ପାଇଁ ଘଟଣାସ୍ଥଳରେ ପ୍ରାୟ ୨୦ପ୍ଲାଟୁନ୍ ପୋଲିସ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଘଟଣାସ୍ଥଳରେ ୨ଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୨ ଜଣ ଏସ୍‌ଡିପିଓ, ୫ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଡ୍ରୋନ୍ ମାଧ୍ୟମରେ ପୋଲିସ ପକ୍ଷରୁ ସମଗ୍ର ଅଞ୍ଚଳ ଉପରେ ସତର୍କ ନଜର ରଖାଯାଇଛି। ଘଟଣାସ୍ଥଳରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ସଦର ତହସିଲଦାର ମନୋଜ ପ୍ରଭାକର କୁଜୁର ଓ ପୂର୍ତ୍ତବିଭାଗ କର୍ମଚାରୀ ପରିସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଉଚ୍ଛେଦ ଚାଲିଥିବା ସ୍ଥାନର ଉଭୟପଟ ରାସ୍ତାକୁ ଅବରୋଧ କରାଯାଇଥିଲା। ଗୁରବାର ସନ୍ଧ୍ୟାରେ ଶେଷ ହୋଇଥିବା ଉଚ୍ଛେଦ ପ୍ରକ୍ରିୟାରେ ୩୭ଟି ବାସଗୃହ ଓ ଦୋକାନ ଘରକୁ ଭଙ୍ଗାଯାଇଛି। ସେଥିମଧ୍ୟରେ କେତେକ ବାସଗୃହ ଓ ଦୋକାନ ଘରକୁ ଆଂଶିକ ଭଙ୍ଗା ଯାଇଛି।

# ସମ୍ବଲପୁରୀ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

ସମ୍ବଲପୁର,୨୧(ବି.ଶଙ୍କର)

ସମ୍ବଲପୁରୀ ଧନୁଯାତ୍ରାର ଶୁଭସ୍ତମ୍ଭ ଓ ମଞ୍ଚ ପୂଜନ ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ଗୁରୁବାର ସମ୍ପନ୍ନହୋଇଛି । ଧନୁଯାତ୍ରା କମିଟି ଆୟୋଜିତ ଶୁଭସ୍ତମ୍ଭ ସ୍ଥାପନ ଓ ମଞ୍ଚ ପୂଜନ କାର୍ଯ୍ୟକ୍ରମକୁ ଶ୍ରୀଶ୍ରୀ ବ୍ରହ୍ମପଣ୍ଡିତ ମହାସଭା ପଣ୍ଡିତମାନଙ୍କ ଦ୍ୱାରା ହୋଇଥିଲା । କମିଟି ସଭାପତି ସଞ୍ଜୟ ବାବୁ ଓ କଂସ ଭୂମିକାରେ ଅଭିନୟ କରୁଥିବା ଫଣିନ୍ଦ୍ର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଶ୍ରୀଶ୍ରୀ ବ୍ରହ୍ମ ପଣ୍ଡିତ ମହାସଭା ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡା, ପଣ୍ଡିତ ଡ.ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର କରଶର୍ମା, ପଣ୍ଡିତ ଅମରନାଥ ମିଶ୍ର, ପଣ୍ଡିତ ମନବୋଧ ପାଢ଼ୀ, ପଣ୍ଡିତ ଦୀପକ ପାଣିଗ୍ରାହୀ, ପଣ୍ଡିତ ଗୋପୀନାଥ ପଣ୍ଡା ଓ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପୂଜାର୍ଚ୍ଚନା କରିଥିଲେ । ପଣ୍ଡିତମାନଙ୍କ ସମବେତ ମନ୍ତ୍ରୋଚାରଣରେ ଅଞ୍ଚଳ ମୁଖରିତ ହୋଇଥିଲା। ଶୁଭସ୍ତମ୍ଭ ସ୍ଥାପନ ପରେ ଜୟ ଶ୍ରୀକୃଷ୍ଣ ଧ୍ୱନିରେ ପୂଜାସ୍ଥଳ ପ୍ରକମ୍ପିତ ହୋଇଥିଲା । କମିଟି ସମ୍ପାଦକ ଗୁଣରଞ୍ଜନ ସାଲିମା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ଲେଖକ ଓ ନିର୍ଦ୍ଦେଶକ ବାବଲୁ ବାଗ, ଉପସଭାପତି ରାମଦାସ

### ଜୟ ଶ୍ରୀକୃଷ୍ଣ ଧ୍ୱନିରେ ଅଞ୍ଚଳ ମୁଖରିତ

ପଣ୍ଡା, ସହ ସମ୍ପାଦକ ଦୁଷ୍ମନ୍ତ ପଣ୍ଡା, ସହ ସମ୍ପାଦିକା ଲିଲିମା ମଲ୍ଲିକ, ସାଂସ୍କୃତିକ ସହସମ୍ପାଦକ ଲଳିତ ମୋହନ ବେବର୍ତ୍ତା ଓ ଯୋଗେଶ ନନ୍ଦ, ସୂର୍ଯ୍ୟ ପାଣିଗ୍ରାହୀ, ସୁରେଖା ସାହୁ, ସ୍ୱାଧିନ ପଣ୍ଡା, ସନ୍ତୋଷ ରାୟଗୁରୁ, ଅନମୋଲ ଦାଶ ପ୍ରମୂଖଙ୍କ ସମେତ କମିଟି ସଦସ୍ୟ, କଳାକାରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଚଳିତ ମାସ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରୀ ଧନୁଯାତ୍ରା ହେବ । ମ୍ୟୁନିସିପାଲିଟି ଛକ ସ୍ଥିତ ଗଙ୍ଗାଧର ମୁକ୍ତ ମଣ୍ଡପକୁ ମଥୁରା ନଗର, ରାଉଁରପୁର ଗ୍ରାମ ଗୋପପୁର ହେବ। ଏଥିସହ ମହାନଦୀକୁ ଯମୁନା ନଦୀ ଭାବେ ବ୍ୟବହାର କରାଯିବାକୁ ସ୍ଥିର ହୋଇଛି । ଚଳିତ ବର୍ଷ ଯାତ୍ରାକୁ ଅଧିକ ଆକର୍ଷଣୀୟ କରାଯିବ । ଏହାକୁ ଦୃଷ୍ଟିରେ କଳକାରମାନେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନ ଏବଂ ପୁରୁଣା ମ୍ୟୁନିସିପାଲିଟି ପରିସରରେ ଅଭ୍ୟାସ ଜାରି ରଖିଛନ୍ତି ବୋଲି ଯାତ୍ରା ଆୟୋଜନ କମିଟି ସଭାପତି ବାବୁ କହିଛନ୍ତି ।



ସମ୍ବଲପୁରୀ ଧନୁଯାତ୍ରା ଶୁଭସ୍ତମ୍ଭ ଓ ମଞ୍ଚ ପୂଜନ ଗୁରୁବାର ଗଙ୍ଗାଧର ମଣ୍ଡପରେ କରାଯାଉଛି।

# ସଡ଼କ ସୁରକ୍ଷା ଆଇନ ମାନିବାକୁ ସଂକଳ୍ପ ନେଲେ

ନାକଟିଦେଉଳ,୨୧(ବୈକୁଣ୍ଠନାଥ ସାହୁ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡ୍ରାଇଭର ସଂଘ ସଦସ୍ୟମାନେ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶିମିଳିପାଳ ଗ୍ରାମ ପଞ୍ଚାୟତ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଗୁରୁବାର କାଉଁଶୀପାଳ ଗ୍ରାମ ନିକଟ ଆମ୍ବତୋଟାରେ ବାର୍ଷିକ ବନ୍ଧୁ ମିଳନ ସହ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଶିମିଳିପାଳ ପଞ୍ଚାୟତ ସଭାପତି ଧରଣୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ିଶା ଡ୍ରାଇଭର ମହାସଂଘ ରାଜ୍ୟ ସମ୍ପାଦକ ଚୈତନ୍ୟ ପ୍ରଧାନ, ସମ୍ବଲପୁର ଜିଲା ସାଧାରଣ ବିରଞ୍ଚନ ପାତ୍ର, ନାକଟିଦେଉଳ ବ୍ଲକ ସଭାପତି ରଞ୍ଜିତ କୁମାର ସାହୁ ଏବଂ ଉପଦେଷ୍ଟା କନ୍ଦର୍ପ ଧଳ ଯୋଗଦେଇଥିଲେ। ଡ୍ରାଇଭର ମହାସଂଘକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ସହ ସଂଘର ଦାବିଗୁଡିକ ସମ୍ପର୍କରେ ସରକାରଙ୍କ ନିକଟରେ ଦୃଢ଼ଭାବେ ଉପସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥି ସହିତ ମଦ୍ୟପାନ କରି ଗାଡି ନ ଚଳାଇବାକୁ ଏବଂ ସରକାରଙ୍କ ସଡକ ସୁରକ୍ଷା ଆଇନ ମାନିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ପ୍ରାରମ୍ଭରେ ବ୍ଲକ ଅଂଚଳର ଦିବଂଗତ ଡ୍ରାଇଭର ମାନଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ପକ୍ଷରୁ ମୃତକ ଡ୍ରାଇଭରମାନଙ୍କ ପରିବାର ବର୍ଗଙ୍କୁ ଆର୍ଥିକ ସହାୟତା ସହ ସର୍ବଦା ସେମାନଙ୍କ ପଛରେ ଛିଡା ହୋଇ ସମସ୍ତ ପ୍ରକାରର ସହାୟତା ଯେପରି ଯୋଗାଇ ଦିଆ ଯାଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମ୍ପାଦକ ସଞ୍ଜୟ କୁମାର ସାହୁ, ଉପଦେଷ୍ଟା ରମାକାନ୍ତ ଦାଶ, ବ୍ଲକ ସମ୍ପାଦକ ତଥା ପଞ୍ଚାୟତ କୋଷାଧ୍ୟକ୍ଷ ସୁଜିତ କୁମାର ନାଏକ ଯୋଗଦେଇ ସଡକ ସୁରକ୍ଷା ଏବଂ ଡ୍ରାଇଭରମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଓଡିଶା ଡ୍ରାଇଭର ମହାସଂଘ ନାକଟିଦେଉଳ ବ୍ଲକର ସମସ୍ତ ୧୪ ଗ୍ରାମ ପଞ୍ଚାୟତ ସଭାପତି, ସମ୍ପାଦକମାନେ ଯୋଗଦେଇଥିଲେ। ଶିମିଳିପାଳ ପଞ୍ଚାୟତ ସଂଘର ଦିଲ୍ଲୀପ ସାହୁ, ସୁଶାନ୍ତ ସ୍ୱାଇଁ, ରମେଶ ଦେହୁରୀ, ସୁନୀଲ ପ୍ରଧାନ, ଗୌତମ ମିର୍ଦ୍ଧା, ଶତ୍ରୁଘ୍ନ କିସାନ, କାର୍ତ୍ତିକ ବେହେରା ଏବଂ ଭରତ ମିର୍ଦ୍ଧାଙ୍କ ସମେତ ୮୦ ଜଣ ସଦସ୍ୟ ଯୋଗଦେଇଥିଲ।

### ଡ୍ରାଇଭର ମହାସଂଘ ବନ୍ଧୁ ମିଳନ, ସଡ଼କ ସୁରକ୍ଷା ସଚେତନତା

# ବାଇକ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

କୁଚିଣ୍ଡା,୨୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା କୁଣ୍ଡାପୋଷିରେ ବୁଧବାର ରାତିରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ କୁଚିଣ୍ଡା ଏନଏସି ୱାର୍ଡ ନଂ.୪ର ଅକ୍ଷୟ ସୁନାର ଓରଫ ଆଶିଷ(୧୯)। ଗୁରୁତର ଆହତ ସଇଡାର ଅଜୟ ପୃଷେଠ(୨୦) ଓ ଓମ ବାଘ (୨୧)ଙ୍କୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି। ଏନେଇ କୁଚିଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ସୂଚନା ଅନୁଯାୟୀ, ନୂଆବର୍ଷ ରାତିରେ ଭୋଜି ସାରି ଅଜୟ ଓ ଓମ ଏକ ବାଇକରେ ଅକ୍ଷୟଙ୍କୁ ତାଙ୍କ ଘରକୁ ଛାଡିବାକୁ ଯାଉଥିଲେ। ହେଲେ କୁଣ୍ଡାପୋଷିସ୍ଥିତ ଏକ ରେଷ୍ଟୁରାଣ୍ଟ ସମ୍ମୁଖରେ ବାଇକ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଆମ୍ବ ଗଛରେ ପରଟି ହୋଇଯାଇଥିଲା। ଫଳରେ ବାଇକରୁ ୩ଜଣ ଯାକ ଛିଟିକ ପଡିଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ କୁଚିଣ୍ଡା ମେଡିକାଲ ନେଇଥିଲେ। ହେଲେ ସେଠାରେ ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ବରିଷ୍ଠ ନାଗରିକ ସଂଘ ସାଧାରଣ ପରିଷଦ ବୈଠକ

କୁଚିଣ୍ଡା,୨୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଗୁରୁବାର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ଗୃହରେ ସଭାପତି ଧିରେନ୍ଦ୍ର କୁମାର ମହାନ୍ତିଙ୍କ ହୋଇଥିବା ବୈଠକରେ ଖାଲିପଡିଥିବା ସଂଘର କାଉନସିଲ ଏକଜିକ୍ୟୁଟିଭ ପଦ ପାଇଁ ପଦ୍ମନାଭ ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହି ଅବସରରେ ୨୦୨୫ ପାଇଁ ବିଭିନ୍ନ କାର୍ଯ୍ୟପନ୍ଥା ନିମନ୍ତେ ଆଲୋଚନା କରାଯାଇଥିଲା। ଆସନ୍ତା ଫେବୃୟାରୀରେ କୁଚିଣ୍ଡା ଡାକ୍ତରଖାନା ପରିସରରେ ଏକ ହେଲ୍ପଡେସ୍କ ଖୋଲିବାକୁ ସ୍ଥିରୀକୃତ ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ଜନ କାମିଲ ଲାକ୍ରା, ଜୟପ୍ରକାଶ ଗୁପ୍ତା, ଶାନ୍ତନୁ ସାହୁ, ବନମାଳୀ ଶତପଥୀ, ପଦ୍ମନାଭ ବେହେରା, କିଶୋର ପ୍ରଧାନ, ପର୍ଶୁରାମ ମିଶ୍ର, ପ୍ରଫୁଲ୍ଲ ସାହୁ, ନନ୍ଦକିଶୋର ପାଣିଗ୍ରହୀ, ପ୍ରମୋଦ ପଟେଲ, ପଦ୍ମଲୋଚନ ଭୋଇ, ସଚ୍ଚିଦାନନ୍ଦ ଦାସ, ଶଶୀକାନ୍ତ ସୁନାନୀ, ଜଗନ୍ନାଥ ପାଣିଗ୍ରାହୀ, ରବି କିଷାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ତୁଳାରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସାଧାରଣ ପରିଷଦ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁରରେ ସଡ଼କ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ।

ସମ୍ବଲପୁର,୨୧(ପ୍ରମୋଦ ବହିଦାର)

ସମ୍ବଲପୁର ଅଇଁଠାପାଲିରେ ସଡ଼କ ସୁରକ୍ଷା ପରିବାର ରକ୍ଷା ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ସବୁଜ ପତାକା ଦେଖାଇ ସଡ଼କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଭାମୁ ଦୁର୍ଘଟଣା ରୋକିବା ପାଇଁ ସଡ଼କ ସୁରକ୍ଷା ନିୟମକୁ ନିଜେ ମାନିବା ସହ ଅନ୍ୟମାନଙ୍କୁ ଏଦିଗରେ ପ୍ରୋତ୍ସାହିତ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଜିଲାପାଳ ବୋନ୍ଦର ଗାଡ଼ି ଚାଳନା ସମୟରେ ଟ୍ରାଫିକ ନିୟମକୁ ଅନୁସରଣ କରିବା, ମଦ୍ୟାପନ କରି ଗାଡି ନ ଚଲାଇବା, ହେଲମେଟ ପନ୍ଧି ବାଇକ୍ ଓ ସିଟବେଲ୍ଟ ବାନ୍ଧି ଗାଡ଼ି ଚାଳନା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ନିକଟସ୍ଥ ଚିକିତ୍ସାଳୟ ନେବାରେ କୌଣସି ପ୍ରକାର କୁଣ୍ଠାବୋଧ ନ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ସେ ନିବେଦନ କରିଥିଲେ। ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁଙ୍କ ସମେତ ଟ୍ରାଫିକ ଅଧିକାରୀ, ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ଜନସାଧାରଣ ଯୋଗଦେଇଥିଲେ।

# ସଞ୍ଜୀବ ରାଜ୍ୟ ସଭାପତି, ଶ୍ୱେତାଂଶୁ ରାଜ୍ୟ ସମ୍ପାଦକ

ସମ୍ବଲପୁର,୨୧(ଭବାନୀ ଶଙ୍କର ଭୋଇ)




ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କର୍ମକର୍ତ୍ତା।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପଶ୍ଚିମର ରାଜ୍ୟ ସଭାପତି ଭାବେ ସୁନ୍ଦରଗଡ ଜିଲା କିରେଇ ଇଞ୍ଜିନିୟରିଂ କଲେଜ ନିର୍ଦ୍ଦେଶକ ଡ଼ ସଞ୍ଜୀବ ନାୟକ ନିବାଚିତ ହୋଇଛନ୍ତି। ସେହିପରି ସମ୍ବଲପୁର ଗଙ୍ଗାଧର ମେହେର ବିଶବିଦ୍ୟାଳୟ ଛାତ୍ରନେତା ଶ୍ୱେତାଂଶୁ ଶେଖର ବରାଇ ରାଜ୍ୟ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଗୁରୁବାର କୁମ୍ଭାରପଡାସ୍ଥିତ ଲାୟନ୍ସ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏବିଭିପି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କଟକରେ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶାର ସଂଯୁକ୍ତ ରାଜ୍ୟ ଅଧିବେଶନ ଏବଂ ଏଥିରେ ହୋଇଥିବା ନିଷ୍ପତ୍ତି ବିଷୟରେ ସୂଚନା ଦିଆଯାଇଥିଲା। ଏହି ଅଧିବେଶନରେ ସଙ୍ଗଠନ ବୃଦ୍ଧି ପାଇଁ ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହି ଅଧିବେଶନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଥିଲେ। ଦୀଘ ୬ ବର୍ଷ ଧରି ବନ୍ଦ ଥିବା ଛାତ୍ରସଂସଦ ନିର୍ବାଚନ ଆଗାମୀ ଶିକ୍ଷାବର୍ଷରୁ ପୁଣି ଥରେ ଆରମ୍ଭ ହେବା ନେଇ ସୂଚନା ଦିଆଯାଇଛି। ଅଧିବେଶନରେ ରାଜ୍ୟର ଶିକ୍ଷା ସ୍ଥିତି ଓ ସାମାଜିକ ସ୍ଥିତିର ପୁନରୁଦ୍ଧାର, ନିଯୁକ୍ତି ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସ୍ୱଚ୍ଛ ଏବଂ ପ୍ରୟାସ ସମୃଦ୍ଧ ଓଡ଼ିଶା ନିମନ୍ତେ ସାମଗ୍ରିକ ବିକାଶ ଜରୁରୀ ବୋଲି ପ୍ରସ୍ତାବ ପାରିତ ହୋଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅଧିବେଶନରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନୂତନ କାର୍ଯ୍ୟକାରୀଣି ସଦସ୍ୟ ଘୋଷଣା କରାଯାଇଥିବା ସୂଚନା ଦିଆଯାଇଥିଲା। ଏଥିରେ ୪ଜଣ ରାଜ୍ୟ ଉପସଭାପତିଙ୍କ ମଧ୍ୟରେ ସମ୍ବଲପୁରରୁ ଡ଼. ପରମତାପ ପ୍ରଧାନ, ସହ କୋଷାଧ୍ୟକ୍ଷ ଭାବରେ ସମ୍ବଲପୁରରୁ ପରାଗ ଅଗ୍ରୱାଲ ଏବଂ ପଶ୍ଚିମ ପ୍ରାନ୍ତର ପ୍ରାନ୍ତ କାର୍ଯ୍ୟାଳୟ ସମ୍ପାଦକଭାବେ ବବଲୁ ଗର୍ଡିଆ ଦାୟିତ୍ୱ ପାଇଛନ୍ତି। ପ୍ରାନ୍ତର କାର୍ଯ୍ୟକାରିଣୀରେ ସମ୍ବଲପୁରର ଅନେକ ଛାତ୍ର ନେତା ଦାୟିତ୍ୱ ପାଇଥିବା ରାଜ୍ୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ଅଧିବେଶନରେ ୩୦ ଜିଲାରୁ ୧୫୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇଙ୍କ ସହ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସିମରନ ପ୍ରଧାନ, ମିଡିଆ ସଂଯୋଜକ ବିଜୟ କଲତା ଓ ମହାନଗର ସମ୍ପାଦକ ନୀତେଶ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ଏବିଭିପି ସଙ୍ଗଠନରେ ଓଡ଼ିଶା ପଶ୍ଚିମକୁ ସ୍ୱତନ୍ତ୍ର ମାନ୍ୟତା

# ସମସ୍ୟା ସମାଧାନ କରିବା ସରକାରଙ୍କ କର୍ତ୍ତବ୍ୟ

କୁଚିଣ୍ଡା,୨୧(ବିରଞ୍ଚି ଦର୍ଶା)



ମନ୍ତ୍ରୀ ରବିନାରାୟଣ ନାଏକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା ପୂର୍ତ୍ତବିଭାଗ ଡାକ ବଙ୍ଗଳାରେ ଗୁରୁବାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନଅଭିଯୋଗ ଶୁଣାଣି କରିଛନ୍ତି। ଏହି ଅବସରରେ ଲୋକଙ୍କ ସମସ୍ୟାର ସମାଧାନ କରିବା ଲୋକ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଛନ୍ତି। ଏହି ଶିବିରରେ ୨୬୧ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିରେ୧୬୭ଟି ବ୍ୟକ୍ତିଗତ ଓ ୮୪ଟି ଗୋଷ୍ଠିଗତ ଅଭିଯୋଗର ଶୁଣାଣି ହୋଇଥିଲା। ମନ୍ତ୍ରୀ ନାଏକ ଆସିଥିବା ସମସ୍ତ ଅଭିଯୋଗ ଅଭିଯୋଗ ଉପରେ ଶୁଣାଣି କରି ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗମାନଙ୍କ ମଧ୍ୟରେ ପାନୀୟ ଜଳ, ଜଳସେଚନ, ପ୍ରଧାନମନ୍ତ୍ରୀ ଆବାସଗୃହ, ସୁଭଦ୍ରା ଯୋଜନା, ରାସ୍ତାଘାଟ ମରାମତି ସହ ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣରେ ଗଛକଟା ଅନୁମତି, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଭିନ୍ନକ୍ଷମଙ୍କୁ ସହାୟତା ସାମୂହିକ କାର୍ଯ୍ୟ ପାଇଁ ଜମି ଚିହ୍ନଟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲା। ଏହି ଅଭିଯୋଗ ଶୁଣାଣିରେ ସମ୍ବଲପୁର ଏଡିଏମ ସୁଚାରୁ କୁମାର ବଳ, କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବାମରା ବନ୍ୟପ୍ରାଣୀ ଡିଏଫଓ ସମୀର ସାହୁ, ଏସ୍‌ଡିଏମଓ ଡା.ସୁବୋଧ କୁମାର ନାୟକ, କୁଚିଣ୍ଡା ବିଡିଓ ଜୟନ୍ତ ସାହୁ, ବାମରା ବିଡିଓ ପୁଷ୍ପକ ପ୍ରଧାନ, କୁଚିଣ୍ଡା ତହସିଲଦାର ମିତାଲି ମଧୁମିତା ଦଳେଇ, ବାମରା ତହସିଲଦାର ଦିଲୀପ ପ୍ରଧାନଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ପାନୀୟଜଳ, କୃଷି,କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ସମ୍ପଦ, ସମନ୍ୱିତ ଶିଶୁ ବିକାଶ, ଶିକ୍ଷା,ବିଦ୍ୟୁତ୍ ଆରଏମସି, ପୋଲିସ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରବୀଣା ବିଲୁଙ୍ଗ, ଆସିଷ୍ଟାଣ୍ଟ କଲେକ୍ଟର ଭାସ୍କର ଚନ୍ଦ୍ର ବେହେରା ଓ ରମେଶ ସାହୁ, ଉପଜିଲାପାଳଙ୍କ ଷ୍ଟେନୋଗ୍ରାଫର ଗୌରୀଶଙ୍କର ମିଶ୍ର, ସେକ୍ସନ ଅଫିସର ଅରୁଣ ଓରାମ, କୁଚିଣ୍ଡା ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ୨୬୧ ଅଭିଯୋଗର ଶୁଣାଣି କଲେ ମନ୍ତ୍ରୀ

# 'ଜଳ ପରିଚାଳନା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ'

## ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପିତ

ବଲାଙ୍ଗୀର,୨।୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜଳସେଚନ ବିଭାଗ ପକ୍ଷରୁ ସ୍ଥାନୀୟ ଲାଲଟିକ୍ରାସ୍ଥିତ ଜଳସେଚନ ବିଭାଗ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପିତ ହୋଇଛି। ବଲାଙ୍ଗୀର ଜଳସେଚନ ବିଭାଗ ପାଣି ପଞ୍ଚାୟତ ନୋଡାଲ ଅଧିକାରୀ ଇଞ୍ଜିନିୟର ଦେବଦତ୍ତ ରାୟ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ଲିକା ସାହୁ , ଜିଲା ପରିଷଦ ଜୋନ୍ ୨ ସଭ୍ୟା ବୀଣାପାଣି ଦାଶ, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ମଞ୍ଚାସୀନ ଥିଲେ। ପ୍ରଥମେ ସମସ୍ତ ଅତିଥି, ବିଭାଗୀୟ ଯନ୍ତ୍ରୀ ଓ ବିଭିନ୍ନ ଅଞ୍ଚଳର ଚାଷୀମାନେ ଶପଥ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କୃଷି ଅଧିକାରୀ ପ୍ରମୋଦ କୁମାର ବଡପଣ୍ଡା, ଉଠା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଚ୍ଚିଦାନନ୍ଦ ଦଳାଇ, ଇଞ୍ଜିନିୟର ଗୋବର୍ଦ୍ଧନ ନାୟକ ମଞ୍ଚାସୀନ ଥିଲେ। ଅତିଥିମାନେ ଚାଷ ପାଇଁ ପାରମ୍ପରିକ ଓ ବୈଜ୍ଞାନିକ ପଦ୍ଧତିର ସମନ୍ୱୟ ଉପରେ ଗୁରୁତ୍ୱ ଦେବା ସହ ଜଳ ପରିଚାଳନା ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଚାଷୀଙ୍କୁ ପାଣି ପଞ୍ଚାୟତର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ପାଇଁ ବ୍ୟାପକ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ଜୋର ଦେଇଥିଲେ। ଜିଲା ପରିଷସ ସଭାପତି ସାହୁ, ପୌରାଧକ୍ଷା ସାହୁ ଓ ଜିଲା ପରିଷଦ ସଭ୍ୟା ଦାଶ ପୂର୍ବ ସରକାର ଅମଳରୁ କିଭଳି କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ପଦକ୍ଷେପ ନିଆଯାଇଥିଲା କହିଥିଲେ। ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ଚାଷୀଙ୍କୁ ସଚେତନ କଲେ ହିଁ ପାଣି ପଞ୍ଚାୟତର ସୁଫଳ ପାଇ ପାରିବା ବୋଲି କହିଥିଲେ। ମୁଖ୍ୟବକ୍ତା କୁଅଁର ବଲାଙ୍ଗୀର ଜିଲାରେ ଜଳସେଚନ ବ୍ୟବସ୍ଥାର ବିକାଶର ଇତିହାସ ଓ ଚାଷୀଙ୍କ ଏକତା ଉପରେ କହିଥିଲେ। ଭୂତଳ ଜଳସ୍ତର ବଢାଇବାକୁ ଚାଷୀ ମାନଙ୍କ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି କହିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ସତ୍ୟମୟ ଶତପଥୀ ଜଳ ପରିଚାଳନାରେ ଚାଷୀଙ୍କ ଭୂମିକା ଉପରେ କହିଥିଲେ। ଏହି ଅବସରରେ ପୂର୍ବରୁ ସ୍କୁଲ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଶେଷରେ ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ଗୋବର୍ଦ୍ଧନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ବିଷ ପିଇ ନାବାଳକଙ୍କ ଆତ୍ମହତ୍ୟା ଉଦ୍ୟମ

ଲୋଇସିଂହା,୨।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ରୋତ ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ର ବିଷ ପିଇ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି । ସମ୍ପୃକ୍ତ ନାବାଳକ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଭୀମ ଭୋଇ ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଏକ୍ସ ମାସ ଛୁଟି ପରେ ଗୁରୁବାର ସ୍କୁଲ ଖୋଲିଥିଲା। ହେଲେ ଛାତ୍ର ଜଣକ ସ୍କୁଲ ଯିବାକୁ ନାରାଜ ଥିଲେ। ପରିବାର ଲୋକେ ସ୍କୁଲ ଯିବାକୁ ବାଧ୍ୟ କରିବାରୁ ଖେତ ପଟକୁ ଚାଲିଯାଇ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବର ପାଇ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ଥାନା ଅଧିକାରୀ ବାସୁଦେବ ଭୋଇଙ୍କୁ ପଚାରିବାରେ ଜଣେ ଛାତ୍ର ବିଷ ପିଇ ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ସୂଚନା ରହିଛି।

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପାଟଣାଗଡ,୨।୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ସ୍ଥିତ ହରିଶଙ୍କର ସମ୍ମିଳନୀ ସଦନଠାରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପାଟଣାଗଡ ଉପଜିଲାପାଳ ସୁନୀଲ ମେହେରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ,ବୁଦ୍ଧୀଜୀବି, ସାମ୍ବାଦିକ ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ । ଚଳିତବର୍ଷ ସାଧାରଣତନ୍ତ୍ର ଦିବସ କିଭଳି ସୁରୁଖୁରୁରେ ହୋଇପାରିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା।

### ସୁବର୍ଣ୍ଣପୁର ଅବସରପ୍ରାପ୍ତ ଏସିଏଫ୍‌ଙ୍କୁ ସମ୍ବର୍ଦ୍ଧନା

ଲୋଇସିଂହା,୨।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିବାସୀ ତଥା ସୁବର୍ଣ୍ଣପୁର ଜିଲା ଏସିଏଫ୍ ରାଜକିଶୋର ନାଏକ ଅବସର ଗ୍ରହଣ କରିଛନ୍ତି । ଅବସର ନେଇ ଲୋଇସିଂହାରେ ପହଞ୍ଚିବା ପରେ ତାଙ୍କ ପରିବାର,ସହପାଠୀ ଏବଂ ଲୋଇସିଂହାବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଲୋଇସିଂହା ଚାରିଛକରୁ ଢୋଲମହୁଲସ୍ଥିତ ବାସଭବନକୁ ବାଜା ବଜାଇ ସଂକୀର୍ତ୍ତନ୍ୟ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଘର ସମ୍ମୁଖରେ ସ୍ତ୍ରୀ ସଂଘମିତ୍ରା ନାଏକ ଓ ପରିବାର ଲୋକେ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ନାଏକଙ୍କ ଶ୍ୱଶୁର ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ନିହାରରଞ୍ଜନ ବେହେରା,ପରିବାର,ବନ୍ଧୁବର୍ଗ ସମେତ ସହପାଠୀ ପ୍ରତାପ ବହିଦାର, ହିମାଂଶୁ ଶେଖର ସାହୁ, ମୋତିଲାଲ ପଧାନ, ସୋମନାଥ ବିଶ୍ୱାଳ, ବିବେକାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗାଡ଼ି ଚଳାଇବା ବେଳେ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ

## ସଡ଼କ ସୁରକ୍ଷା ମାସ ପାଳନ

ଲୋଇସିଂହା,୨।୧(ସୁଶାନ୍ତ ବାରିକ)

ଗୁରୁବାର ବଲାଙ୍ଗୀର ଜିଲା ଲୋଇସିଂହାରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଲୋଇସିଂହା କଲେଜ ଓ ଜିଲା ଆଞ୍ଚଳିକ ପରିବହନ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଗୋବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ଏମଭିଆଇ ଗୌରହରି ହାନସା, ଆରଟିଓ ମାନସ ମିଶ୍ର, ଟିଆଇ ଯଶୋବନ୍ତ ଚିନାରା, ସ୍ଥାନୀୟ ଥାନା ଅଧିକାରୀ ଯାଜ୍ଞସିନୀ ନାୟକ ଉପସ୍ଥିତ ରହି ସଡ଼କ ସୁରକ୍ଷା ମାସ ପାଳନ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହିତ ନାବାଳିକା ନାବାଳକ ଗାଡ଼ି ଚାଳନାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ଗାଡ଼ି ଚଳାଇବା ବେଳେ କ'ଣ ସବୁ ସୁରକ୍ଷା ପ୍ରତି ଦୃଷ୍ଟି ଦେବେ ସେନେଇ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, କଲେଜ ଷ୍ଟାଫ୍, ଆଞ୍ଚଳିକ ପରିବହନ ବିଭାଗ, ସ୍ଥାନୀୟ ପୋଲିସ ପକ୍ଷରୁ କଲେଜରୁ ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରି ଜନ ଜାଗରଣ କରାଯାଇଥିଲା। ଏହାକୁ ଅଧ୍ୟକ୍ଷ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ବୁର୍ଡା ପାକ୍ସରେ ଧାନକ୍ରୟରେ ଅନିୟମିତତା ଅଭିଯୋଗ

## ଚାଷୀ ମହଲରେ ଅସନ୍ତୋଷ

ଲୋଇସିଂହା,୨।୧(ସୁଶାନ୍ତ ବାରିକ)



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପାକ୍ସରେ ଗତ ୨ ବର୍ଷ ହେବ ସ୍ଥାୟୀ ସମ୍ପାଦକ ନାହାନ୍ତି । ଯୋଗୀସର୍ଡା ସମ୍ପାଦକ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ବିଭିନ୍ନ କାରଣରୁ ସେ ପ୍ରତ୍ୟକ୍ଷ ଭାବେ ଏଠାରେ ଉପସ୍ଥିତ ରହୁ ନ ଥିବାରୁ ଧାନକିଣା ବେଳେ ପାକ୍ସର ଅନ୍ୟ କେତେଜଣ କର୍ମଚାରୀଙ୍କ ପ୍ରଭାବ ବୃଦ୍ଧି ପାଇଛି। ଏପରି କି ପାକ୍ସର ଡିଓ ମଣ୍ଡିରେ ଧାନବସ୍ତାରେ ବମା ମାରିବାଠୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ହସ୍ତକ୍ଷେପ କରିବା ଅଭିଯୋଗ ହେଉଛି। ଆଗ ଟୋକନ ପାଇଥିବା ଚାଷୀଙ୍କ ଧାନ ଉଠା ନ ଯାଇ ଭିତିରି ସମ୍ପର୍କ ରଖିଥିବା ଚାଷୀଙ୍କ ଧାନ ଉଠୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପରିଚାଳନା ବୋର୍ଡ ଏହାକୁ ହାଲୁକା ଭାବେ ନେଉଥିବା ବେଳେ ବିଭାଗର ନୀରବତା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି।

୨୦୨୪ ଡିସେମ୍ବର ୨ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଧାନକ୍ରୟ ଶୁଭାରମ୍ଭ କରାଯାଇଥିଲା। ହେଲେ ବାସ୍ତବରେ ମଣ୍ଡିରେ ସେହି ଦିନଠାରୁ ଧାନକ୍ରୟ କରା ନ ଯାଇ ପ୍ରାୟ ଦୁଇସପ୍ତାହ ବିଳମ୍ବରେ ଧାନ କ୍ରୟ କରାଯାଇଥିଲା । ମଣ୍ଡିରେ ପଛୁଆ ଧାନକିଣା ଚାଲିଛି। ଏହି କ୍ରମରେ ବୁର୍ଡା ପାକ୍ସରେ ଏବେ ୧୦ ଓ ୧୧ ତାରିଖର ଟୋକନ ପାଇଥିବା ଚାଷୀଙ୍କ ଧାନକିଣା ଚାଲିଛି । କିନ୍ତୁ ଡିସେମ୍ବର୧୬ ତାରିଖରେ ଟୋକନ ପାଇଥିବା କେତେକ ଚାଷୀଙ୍କ ଧାନକୁ ପାକ୍ସ କର୍ମଚାରୀ କିଣିଥିବା ଅଭିଯୋଗ ହୋଇଛି । ଡିସେମ୍ବର ୧୧ ରୁ ୧୫ ତାରିଖ ମଧ୍ୟରେ ଥିବା ଚାଷୀ ଉପେକ୍ଷିତ ହୋଇଛନ୍ତି। ଏହି ସମୟ ମଧ୍ୟରେ ଟୋକନ ପାଇଥିବା ଚାଷୀଙ୍କ ଶହ ଶହ ବସ୍ତା ଧାନ ବିକ୍ରି ଅପେକ୍ଷାରେ ପଡି ରହିଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଡିସେମ୍ବର ୧୬ ତାରିଖର ଟୋକନରେ ଧାନ ଉଠିଲା ତାକୁ ନେଇ ପ୍ରଶ୍ନ ଉଠିଛି । ଫାଷ୍ଟ ଇନ୍ ଫାଷ୍ଟ ଆଉଟ ତଥା ଟୋକନ ତାଲିକା ଅନୁଯାୟୀ ଧାନକ୍ରୟ କରିବାରେ ଗୁରୁତ୍ୱାରୋପ ଦେବାକୁ ପାକ୍ସ କର୍ତ୍ତୃପକ୍ଷଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ କରିଛନ୍ତି। କିନ୍ତୁ ଜିଲାପାଳଙ୍କ ନିର୍ଦ୍ଦେଶ ଏଠାରେ କାର୍ଯ୍ୟକାରୀ କରାଯାଉନାହିଁ। ତାଲିକା ଏପଟସେପଟ କରାଯାଇ ଧାନକ୍ରୟ କରାଯାଉଛି। ଅନ୍ୟପକ୍ଷରେ ବିଭିନ୍ନ ମସୟରେ ପାକ୍ସକୁ ଆସୁଥିବା ଚାଷୀ ଏବଂ ବୋର୍ଡ ବୈଠକ ବେଳେ ବୋର୍ଡ ସଭ୍ୟଙ୍କୁ ଭଲ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ଧାନକ୍ରୟ ଅନିୟମିତତାକୁ ନେଇ ଗୁରୁବାର ବିଭାଗୀୟ ସ୍ତରୀୟ ତଦନ୍ତ ରହିଥିଲା। ହେଲେ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରି ଦିଆଯାଇଛି। ମଣ୍ଡିରେ ଦୀର୍ଘଦିନ ହେଲା ୧୦ ଓ ୧୧ ତାରିଖର ଧାନକ୍ରୟ ସରିନାହିଁ। ହେଲେ ଭିତିରିଆ ଭାବେ ବହୁ ଚାଷୀଙ୍କ ଧାନ ଉଠି ସାରିଥିବା ଅଭିଯୋଗ ହେଉଛି। ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ସମ୍ପାଦକ ଘନଶ୍ୟାମ ପୁଟା ଅତିରିକ୍ତ ଦାୟିତ୍ୱକୁ ନେଇ ଅସହାୟ ପ୍ରକାଶ କରିଛନ୍ତି । ପରିଚାଳନା ବୋର୍ଡ ସଭାପତି ବାଳଗୋପାଳ ସାହୁଙ୍କୁ ପଚାରିବାରେ ସମ୍ପାଦକଙ୍କ ଅତି ଜରୁରୀ କାର୍ଯ୍ୟ ଥିବାରୁ ସେ ଅନୁପସ୍ଥିତ ରହିବାରୁ ୨ ଦିନ ତଦନ୍ତକୁ ସ୍ଥଗିତ ରଖାଯାଇଛି । ଏଣିକି ସେ ନିଜେ ଧାନକ୍ରୟ ତଦାରଖ କରୁଥିବା କହିଛନ୍ତି ।

# 'ପ୍ରଭାକର ରଥ ଥିଲେ ନୀରବ ସାଧକ'

ବଲାଙ୍ଗୀର,୨।୧(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ପିପି ଏକାଡେମୀଠାରେ ବୁଧବାର ବାଧିତ ଜନବନ୍ଧୁ ସ୍ୱର୍ଗତ ପ୍ରଭାକର ରଥଙ୍କ ୧୦୪ ତମ ଜୟନ୍ତୀ ଉତ୍ସବ ସମାଜସେବୀ ଅରୁଣ ଖୁଆସଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲା। ଏଥିରେ ପଥରଚେପା ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ମୁଖ୍ୟଅତିଥି, କବି ରାଜୀବ ଲୋଚନ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ଉପଦେଷ୍ଟା ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ରଥ ଜଣେ ନୀରବ ସାଧକ ଓ ନିଃସ୍ୱାର୍ଥପର ଜନସେବକ ଥିଲେ ବୋଲି ଅତିଥିମାନେ କହିଥିଲେ। ସଭା ଆରମ୍ଭରେ କବି ରତ୍ନମୟ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୃଜନୀ ଶୁଭଲକ୍ଷ୍ମୀ ବେଦ ପାଠ କରିଥିଲେ। ସମ୍ପାଦକ ମଧୁ ସାହୁ ବିବରଣୀ ପାଠ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଖୁସି ତାଣ୍ଡି ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ଦୁଇଜଣ କୃତି ଛାତ୍ରୀ ଜ୍ୟୋତି ବାରିକ ଓ ରେଶ୍ମା ନାଏକଙ୍କୁ ପ୍ରଭାକର ରଥ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ପଶୁପକ୍ଷୀ ପ୍ରେମୀ କାହ୍ନା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପତିତପାବନ ଏକାଡେମୀରୁ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳାମାନଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ବକ୍ତୃତା ଓ ଭଜନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ସଭାରେ ମଦନ ମୋହନ ରଥ ନିଃସ୍ୱାର୍ଥ ସେବା କରିବାକୁ ଯୁବପୀଢିଙ୍କୁ କହିଥିଲେ। ପ୍ରଶାନ୍ତ ଷଡଙ୍ଗୀ, କେଶବ ଚନ୍ଦ୍ର ମିଶ୍ର, ଚୁଡେନ୍ଦ୍ର ବେହେରା, ଧୀରେନ୍ଦ୍ର ନାରାୟଣ ସିଂହଦେଓ, ସୁନାଧର ବନଛୋର, ପ୍ରଦୀପ ପଶାୟତ, ଡ. ପ୍ରେମଚାନ୍ଦ ମହାନ୍ତି, ମାଳତି ଉଦ୍‌ଗାତା, ସଞ୍ଜୁଲତା ମିଶ୍ର, କୁମୁଦିନୀ ପୃଷ୍ଟି, ଜ୍ୟୋତିରାଣୀ ମିଶ୍ର, ସରସ୍ୱତୀ ନନ୍ଦ, କମଳିନୀ ମିଶ୍ର, ଡା. ଅଶୋକ କୁମାର ସେଠୀ, ହୃଷୀକେଶ ପୁରୋହିତ ଓ କପିଳ ପତି ସହଯୋଗ କରିଥିଲେ। ଶେଷରେ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପଶୁପକ୍ଷୀ ପ୍ରେମୀ କାହ୍ନା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଟିଟିଲାଗଡ,୨।୧(ଶରତ ମିଶ୍ର)

ଟିଟିଲାଗଡ ଡ଼ିଏଭି ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆର୍ତ୍ତତ୍ରାଣ ରଥ ଯୋଗ ଦେଇଥିଲେ। ସେହିପରି ଉଦଯାପନୀ ସମାରୋହରେ ସ୍ଥାନୀୟ ଡ଼ିଏଭି କଲେଜର ମୁଖ୍ୟ ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାୟ ୫୫ଟି ପ୍ରତିଯୋଗିତାରେ ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗର ଉଭୟ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ।




୧୦୦, ୨୦୦, ୪୦୦ ଓ ୮୦୦ ମିଟର ଦୌଡ଼ ସହ ଗୋଳା ଫିଙ୍ଗା,ଉଚ୍ଚ ଡିଆଁ, ଲମ୍ବ ଡିଆଁ, ରିଲେ ଦୌଡ଼ ଆଦି ପ୍ରତିଯୋଗିତା କ୍ରୀଡ଼ାଶିକ୍ଷକ ରିତେଶ ପାଣ୍ଡେ ପରିଚାଳନା କରିଥିଲେ। ଅମିତ ପାଢ଼ୀ, ସ୍ମିତେଶ ତ୍ରିପାଠୀ, ସୁଶାନ୍ତ କବାଟ, ରୋଶନୀ ସାହୁ ଓ ପଞ୍ଚମୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଦେବାଶିଷ ସାହା, ଶୁଭମ ପାଣିଗ୍ରାହୀ ଓ ସସ୍ମିତା ନାୟକ କ୍ରୀଡା ସଂଯୋଜକ ଥିଲେ। ଓମ ବାଗ ବାଳକ ବର୍ଗ ଏକାଦଶ ଶ୍ରେଷ୍ଠ ପ୍ରତିଯୋଗୀ ଓ ବାଳିକା ବର୍ଗର ଡଲି ମାଝୀ ନବମ ଶ୍ରେଷ୍ଠ ପ୍ରତିଯୋଗୀ ଭାବରେ ବିବେଚିତ ହୋଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବାଲକୃଷ୍ଣ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ନିଆଯିବ ପଦକ୍ଷେପ

## ଚାନ୍ଦିଲି ପାହାଡ଼ ମହୋତ୍ସବ ଶୁଭାରମ୍ଭ

ଦେଓଗାଁ,୨।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ବନ୍ଧପଡ଼ା ଯୁକ୍ତ ୨ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଉଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଦେଷଣ୍ଡ ଚାନ୍ଦିଲି ପାହାଡ ପାଦଦେଶରେ ଅଷ୍ଟମ ଚାନ୍ଦିଲି ପାହାଡ ମହୋତ୍ସବ ଗୁରୁବାର ଶୁଭାରମ୍ଭ ହୋଇଛି। ଏଥିରେ ମହୋତ୍ସବ କମିଟି ଆବାହକ ଲକ୍ଷ୍ମଣ କୁମାର ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଧାୟକ ସିଂଦେଓ ଆଗାମୀ ଦିନରେ ଚାନ୍ଦିଲି ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ସରକାରଙ୍କ ନିକଟରେ ଦାବି ରଖି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହାଛଡା ଚାନ୍ଦିଲି ପାହାଡର ବିଭିନ୍ନ ଶିଳାଲିପି, ଗୁମ୍ଫା, ଜଳସ୍ରୋତ ରହିଥିବାରୁ ଏହାର ବିକାଶ ହେଲେ ଅଞ୍ଚଳର ବିକାଶ ନିଶ୍ଚିତ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଏକଜୁଟ ହୋଇ ଅଞ୍ଚଳର ବିକାଶ ପାଇଁ କାମ କରିବାକୁ ଆହ୍ୱାନ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧକ୍ଷା ଲିକା ସାହୁ ଯୋଗ ଦେଇଥିଲେ। ସମସ୍ତ ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସମ୍ବଲପୁରୀ ଗୀତିକାର ତଥା ପ୍ରଶାସକ ସ୍ୱର୍ଗତ ଚିତ୍ତରଞ୍ଜନ ନାଏକଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଥିଲା। ଏହାଛଡା ବିଶିଷ୍ଟ ମୃଦଙ୍ଗବାଦକ ଟିକିରାପଡାର ଘନଶ୍ୟାମ ରାଜପଲିଆ, କଳାକାର ନବଦୀପ ଚାନ୍ଦ, ପୂର୍ବତନ ସରପଞ୍ଚ ସରୋଜ କୁମାର ସାଏ, ଭୂମିସୁତା ବେହେରା, ସୁରେନ୍ଦ୍ର ସାଏ, ସ୍ୱୟମ୍ଵର ମେହେର, ପ୍ରଭାସ ପୋଢ, ସ୍ୱର୍ଗତ ନବୀନ କିଶୋର ଧରୁଆ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଲୋଇସିଂହା ସରପଞ୍ଚ ନବକିଶୋର ନାଏକ, ପୁଇଁନ୍ତଲା ସରପଞ୍ଚ ଦେବକୀ ସେଠ ପ୍ରମୁଖଙ୍କୁ ଚାନ୍ଦିଲି ପାହାଡ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ଓରମାସ ତରଫରୁ ଲଗାଯାଇଥିବା ଲଘୁବନଜାତ ଦ୍ରବ୍ୟ ତଥା ବାବିଯୋର ଗାଁର କଲ୍ୟାଣୀ ଓ ଗଙ୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଖୋଲିଥିବା ଜୈବିକ ଅର୍କର ଷ୍ଟଲଗୁଡିକୁ ବଲାଙ୍ଗୀର ଓରମାସ ପିଡି କମଳେନ୍ଦୁ ବାଗଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ପ୍ରତ୍ୟହ ରାବଣ ଦରବାର ଶୁଭମ ଘିଭେଲା ଓ ତାଙ୍କ ସାଥୀଙ୍କ ଦ୍ୱାରା ଅନୁଷ୍ଠିତ ହେବ । ପ୍ରଥମେ ବନ୍ଧପଡା ଯୁକ୍ତ ୨ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ବରଗଡ ଭୁଟିବୋହାଲର ଫୁଲଫୁଲ କଳା ପରିଷଦ ଓ ବରଗଡର ରମାକାନ୍ତ ବେହେରା ଓ ସାଥୀଙ୍କ ଦ୍ୱାରା ଘୁଡଖା ହୋଇଥିଲା । ଏହି ଅବସରରେ ପ୍ରହରୀ, କପିଳେନ୍ଦ୍ର ଦାସଙ୍କ ଦ୍ୱାରା ଅଖଣ୍ଡ ବିଶ୍ୱଶାନ୍ତି ଯଜ୍ଞ ସମେତ ମୀନା ବଜାର ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ଦେଷଣ୍ଡ ଗ୍ରାମବାସୀ ସହଯୋଗ କରୁଛନ୍ତି ।

**ଦ.ପୂ. ରେଳପଥ – ଟେଣ୍ଡର**

**ଇ-ଟେଣ୍ଡର ନୋଟିସ ନଂ.:** ଏସ୍‌ଟି-ସିଓଏନ୍-ଜେଏସ୍‌ଜି-ବିଳଏଚ୍-୪ଟିଏଚ୍-ଲାଇନ୍-୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡେପୁଟି ଚିଫ୍ ସିଗ୍ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓଏନ୍/ଏଚକ୍ୟୁ/ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ବାଗଡିହି-ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ମଧ୍ୟରେ ୪ର୍ଥ ଲାଇନ୍ ଏବଂ ଧୁତ୍ରା ଓ ବାଗଡିହି ଷ୍ଟେଶନଠାରେ ପରବର୍ତ୍ତୀ ପର୍ଯ୍ୟାୟର କାର୍ଯ୍ୟ ସଂକ୍ରାନ୍ତରେ ଷ୍ଟେଶନ- ବାଗଡିହି ଓ ଧୁତ୍ରା, ବାଗଡିହି-ଧୁତ୍ରା ଏବଂ ଧୁତ୍ରା-ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ସେକ୍ସନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ଏବଂ ଅଟୋ-ସିଗ୍ନାଲିଂ ବ୍ୟବସ୍ଥା (ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ)ର ପ୍ରାବଧାନ, ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ତଥା ଏମ୍‌ସିଏଲ୍ ବ୍ଲକ୍ କ୍ୟାବିନ୍‌ଠାରେ ଇଆଇର ପରିବର୍ତ୍ତନ । **ଟେଣ୍ଡରର ବିଜ୍ଞାପିତ ମୂଲ୍ୟ:** ₹୫୫,୪୩,୮୬,୮୯୫.୩୨ । **ଅମାନତ ରାଶି:** ₹୨୯,୨୧,୯୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ୦ । **ଟେଣ୍ଡର ସମାପ୍ତି ତାରିଖ ଓ ସମୟ:** ୨୪।୦୧।୨୦୨୫, ୧୫.୦୦ ଘଟିକା । **ଟେଣ୍ଡରର ପ୍ରକାର:** ଖୋଲା । ଟେଣ୍ଡର ନୋଟିସର ବିବରଣୀ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ । (PR-973)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-229

**କାର୍ଯ୍ୟର ନାମ :** "ସମ୍ବଲପୁରରେ ବିଭିନ୍ନ ସିନିୟର ସେକ୍ସନ ଇଂଜିନିୟର/P-Ways ନିମନ୍ତେ ବରଗଡ଼ ରୋଡ଼ (BRGA), ସମ୍ବଲପୁର ସିଟି (SBPY), ଲୋଇସିଂଘା (LSX), ନୂଆପଡ଼ା (NPD) ଏବଂ ଖରିଆର ରୋଡ଼ (KRAR) ଠାରେ ଭଣ୍ଡାର ଗୋଦାମଗୁଡ଼ିକର ବ୍ୟବସ୍ଥା ଏବଂ ଅନ୍ୟ ସରକାରୀ ସୁବିଧା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 12,79, 416.49, EMD/ବିଡ୍ ସୁରକ୍ଷା ଜମା (₹) : 25,600.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ ଛଅ ମାସ ।

**ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ :** ତା.30.01.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସ ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

PR-852/P/24-25

**ଓଡ଼ିଶା ସରକାର**
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
E-Mail: serwcirclesbp@yahoo.com

Office Order No. 3691 — **2nd Corrigendum** — Dated: 27.12.2024

**Bid Identification No. Road Tender Online RWCSBP-07/2024-25**

No. O-1116: Following modifications are hereby made to the notice inviting tender vide this office Bid ID No. Road Tender Online RWCSBP-07/2024-25

1. The availability of tender online for bidding may be read as 30.12.2024 from 11.00 A.M. to 13.01.2025 upto 5.00 P.M. instead of from 23.12.2024 from 11.00 A.M. to 06.01.2025 upto 5.00 P.M.
2. The last date & time for seeking clarification may be read as 10.01.2025 upto 5.00 P.M. instead of 04.01.2025 upto 5.00 P.M.
3. The date & time of technical opening bid may be read as 15.01.2025 at 11.00 A.M. instead of 07.01.2025 at 11.00 A.M.

All other terms and condition remain unchanged.

Sd./- Chief Construction Engineer
R.W. Circle, Sambalpur

OIPR-25091/11/0026/2425

**ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଦେବଗଡ଼**
**ବିଜ୍ଞାପନ**

No. i-397: ଏତଦ୍ୱାରା ଦେବଗଡ଼ ଜିଲ୍ଲାରେ ଗ୍ରାମ ରୋଜଗାର ସେବକ ନିଯୁକ୍ତି ପାଇଁ ଦରଖାସ୍ତ କରିଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି, ସେମାନେ ଦାଖଲ କରିଥିବା ଦସ୍ତାବିଜର ନକଲ ଅନୁସାରେ ତଥ୍ୟ ଯାଞ୍ଚ କରାଯାଇ ଏକ ତାଲିକା ପ୍ରସ୍ତୁତ କରାଯାଇଅଛି। ଏହି ତାଲିକା District Website https://deogarh.odisha.gov.in ଉପଲବ୍ଧ। ଏହି ନୋଟିସ ନିର୍ଗମନ ହେବାର ୧୫ଦିନ ମଧ୍ୟରେ ଯାଞ୍ଚ ତଥ୍ୟାବଳୀ ଉପରେ ଯଦି କାହାର ଅଭିଯୋଗ ଅଛି, ଅଭିଯୋଗ ପତ୍ର ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଦାଖଲ କରି ପ୍ରାପ୍ତିପତ୍ର ସ୍ୱୀକୃତି ନେବେ କିମ୍ବା ଅନ୍‌ଲାଇନ ସାହାଯ୍ୟରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ mail id: ori-ddeogarh@nic.inରେ ଅଭିଯୋଗ ଦାଖଲ କରିପାରିବେ। ଏହି ଅଭିଯୋଗ ପତ୍ରକୁ କମିଟି ଦ୍ୱାରା ଯାଞ୍ଚ କରାଯାଇ ଆପଣଙ୍କ ଯୋଗ୍ୟତା ସମ୍ପର୍କରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ଯଦି କୌଣସି ଅଭିଯୋଗ ସମୟ ସୀମା ମଧ୍ୟରେ ଦାଖଲ ନ କରନ୍ତି ତା ହେଲେ ଏହି ଯାଞ୍ଚ ତଥ୍ୟ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ପରବର୍ତ୍ତୀ ସମୟରେ ଆପଣଙ୍କ ଅଭିଯୋଗ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଆପତ୍ତି ଦାଖଲ କରିବା ପାଇଁ ଶେଷ ତାରିଖ 15.01.2025 ସନ୍ଧ୍ୟା 5.30 P.M. (ଇ-ମେଲ୍ କିମ୍ବା ଅଫ୍‌ଲାଇନ୍)।

ସ୍ୱା./- ଜିଲ୍ଲାପାଳ-ତଥା-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଦେବଗଡ଼

OIPR-19366/11/0004/2425

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିବିଧ ଏସ୍ ଆଣ୍ଡ ଟି କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.:** ୮୨-ଏସ୍‌ଏନ୍‌ଟି-ପିଆର୍‌ଓଜେ.-ଟେଣ୍ଡର-୨୦୨୪, ତାରିଖ: ୨୪।୧୨।୨୦୨୪।

**କାର୍ଯ୍ୟର ନାମ:** ଦ.ପୂ.ମ. ରେଳପଥର ବିଳାସପୁର ଡିଭିଜନର ଝାରସୁଗୁଡ଼ା ସେକ୍ସନରେ ହିମଗିର-ବେଲପାହାଡ଼ ବ୍ରଜରାଜନଗର-ଆଇବି-ଝାରସୁଗୁଡ଼ା ସେକ୍ସନ ମଧ୍ୟରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଓଏଫ୍‌ସି ଆଧାରିତ) ସହିତ ଅଟୋମାଟିକ୍ ସିଗ୍ନାଲିଂର ବ୍ୟବସ୍ଥା ସହିତ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂରେ ପରିବର୍ତ୍ତନ ଏବଂ ହିମଗିର ଝାରସୁଗୁଡ଼ା ସେକ୍ସନରେ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ, ଏମ୍‌ଏସ୍‌ଡିଏସି ଏବଂ ଆଇପିଏସ୍ ଆଦିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ, ସମସ୍ତ ଆଭ୍ୟନ୍ତରୀଣ ଓ ବାହ୍ୟ କାର୍ଯ୍ୟର ନିର୍ବାହ, ହଟ୍‌ଗୁଡ଼ିକର ନିର୍ମାଣ ଓ ବିଦ୍ୟୁତୀକରଣ ଇତ୍ୟାଦି, କବଚ ପାଇଁ ଓଏଫ୍‌ସି ବ୍ୟାକ୍‌ବୋନ୍‌ର ବ୍ୟବସ୍ଥା । ଏସ୍ ଆଣ୍ଡ ଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଆଇଆର୍‌ଆଇଏସ୍‌ଇଟି, ସିକନ୍ଦରାବାଦଠାରେ ଅଟୋମାଟିକ୍ ସିଗ୍ନାଲିଂ ପାଇଁ ସେଟ୍‌ଅପର ବ୍ୟବସ୍ଥା।

**ଟେଣ୍ଡର ମୂଲ୍ୟ:** ₹୪୩,୪୬,୯୭,୩୨୫.୬୦/- (ଟଙ୍କା ତେୟାଳିଶ କୋଟି ଛୟାଳିଶ ଲକ୍ଷ ସତାନବେ ହଜାର ତିନିଶହ ପଚିଶ ଟଙ୍କା ଷାଠିଏ ପଇସା ମାତ୍ର)। **ବିଡ୍ ଅମାନତ (ଅଗ୍ରିମ ରାଶି):** ₹୨୩,୨୩,୫୦୦.୦୦/- (ଟଙ୍କା ତେଇଶ ଲକ୍ଷ ତେଇଶ ହଜାର ପାଞ୍ଚଶହ ମାତ୍ର)। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୨୦।୦୧।୨୦୨୫ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ ।

ଅଧିକ ବିବରଣୀ/ଟେଣ୍ଡର କାଗଜପତ୍ର କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ 'ଇ' ଟେଣ୍ଡର ଦସ୍ତାବିଜର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ୍: https://www.ireps.gov.in ପରିଦର୍ଶନ କରନ୍ତୁ।

*ଡେପୁଟି ଚିଫ୍ ସିଗ୍ନାଲ ଓ ଟେଲି. ଇଞ୍ଜିନିୟର (ପିଆର୍‌ଓଜେ.)*
CPR/10/413 *ଦ.ପୂ.ମ. ରେଳପଥ, ବିଳାସପୁର ।*

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

## ସଂକ୍ଷେପରେ

### ବୌଦ୍ଧ ଜିଲାରେ ଧାନ ମଣ୍ଡିରେ ଚାଲିଛି କଟ୍ନି ଛଟ୍ନି

**ବିଜେଡିର ଖବରଦାତା ସମ୍ମିଳନୀ**

ହରଭଙ୍ଗା,୨୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଏକ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ଧାନକ୍ରୟ ଆରମ୍ଭ ହୋଇଛି । କିନ୍ତୁ ମଣ୍ଡିଗୁଡିକରେ କଟ୍ନି ଛଟ୍ନି କରାଯାଉଥିବା ନେଇ ବୌଦ୍ଧ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଦଳ ପକ୍ଷରୁ ଗୁରୁବାର ଦିନ ପୂର୍ବତନ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଭାଜପା ସରକାର ଉପରେ ବର୍ଷିଥିଲେ। ନିର୍ବାଚନ ପୂର୍ବରୁ ଧାନର କୌଣସି କଟ୍ନି ଛଟ୍ନି ହେବ ନାହିଁ ବୋଲି କହି ଆସୁଥିବା ବେଳେ ଏବେ ଏହା କାର୍ଯ୍ୟରେ ତୁହେଁ ବୋଲି ଅଭିଯୋଗ କରିଥିଲେ। କୁଇଣ୍ଟାଲ ପିଛା ତିନିରୁ ପାଞ୍ଚ କିଲୋ କଟ୍ନି ଛଟ୍ନି କରାଯାଉଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲାରେ ଏଯାବତ ସମସ୍ତ ଧାନମଣ୍ଡି ଖୋଲାଯାଇନାହିଁ। ଖୋଲା ଯାଇଥିବା ମଣ୍ଡିରୁ ସଠିକ ସମୟରେ ଧାନ ନ ଉଠିବା ଚାଷୀଙ୍କ ଦୁଃଖ ବଢାଇଛି । ଏଥି ସହିତ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତିର ମଧ ଆକଳନ କରାଯାଇନାହିଁ । ଏଣୁ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବା ସହ କଟ୍ନି ଛଟ୍ନି ବନ୍ଦ କରାଯାଉ ବୋଲି ପୂର୍ବତନ ମନ୍ତ୍ରୀ ଅମାତ ଦାବି କରିଥିଲେ । ଖବରଦାତା ସମ୍ମିଳନୀ ପରେ ଦଳ ପକ୍ଷରୁ କଟ୍ନି ଛଟ୍ନି ବନ୍ଦ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ଦାବିରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନ, ସୀତାଂଶୁ ମହାକୁଡ, ଅରୁଣ ପ୍ରଧାନ, ଧ୍ରୁରୀଣ କୁମାର ଦେହୁରୀ, ଅଶୋକ କୁମାର ସାହୁ, ଅବକାଶ ସାହୁ, ଗରୁଡ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ଥିଲେ ।

### ବିଷ ପିଇ ନାବାଳକଙ୍କ ଆତ୍ମହତ୍ୟା ଉଦ୍ୟମ

ଲୋଇସିଂହା,୨୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ରୋତ ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ର ବିଷ ପିଇ ଗୁରୁବାର ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି । ସମ୍ପୃକ୍ତ ନାବାଳକ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଭୀମ ଭୋଇ ମେଡ଼ିକାଲରେ ଭର୍ତ୍ତି କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଏକ୍ସ ମାସ ଛୁଟି ପରେ ଗୁରୁବାର ସ୍କୁଲ ଖୋଲିଥିଲା। ହେଲେ ଛାତ୍ର ଜଣକ ସ୍କୁଲ ଯିବାକୁ ନାରାଜ ଥିଲେ। ପରିବାର ଲୋକେ ସ୍କୁଲ ଯିବାକୁ ବାଧ କରିବାରୁ ଖେତ ପଟକୁ ଚାଲିଯାଇ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଖବର ପାଇ ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ଥାନା ଅଧିକାରୀ ବାସୁଦେବ ଭୋଇଙ୍କୁ ପଚାରିବାରେ ଜଣେ ଛାତ୍ର ବିଷ ପିଇ ଗୁରୁତର ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିବା ସୂଚନା ରହିଛି।

# କଳା, ସଂସ୍କୃତି ସୁବର୍ଣ୍ଣପୁର ମାଟିର ପରିଚୟ

**ପଏଁରୀ ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା**

ସୋନପୁର,୨୧ (ମୃତ୍ୟୁଞ୍ଜୟ ଶତପଥୀ)

ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲାର କଳା ସଂସ୍କୃତି ଅତି ମହାନ। ଏହି ମାଟିରେ ରହିଛି ବିଶ୍ୱ ବନ୍ଦିତ ସନ୍ଥ କବି ଭୀମଭୋଇଙ୍କ ପବିତ୍ର ସମାଧି ପୀଠ। ଜଗତଗୁରୁ ଜଗନାଥ ୧୪୪ ବର୍ଷ ଧରି ଏଠାରେ ନିଜକୁ ଆତ୍ମଗୋପନ କରିଥିଲେ। ପାଟ ଶାଢୀ ପ୍ରଭୃତିରେ ଜିଲାର ବୁଣାକାରଙ୍କ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ରହିଛି। ସୁବର୍ଣ୍ଣପୁର ପୁରୁଣା ଟାଉନ ହଲ ଠାରେ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୫ତମ ପଏଁରୀ ତିହାର-୨୦୨୫ର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଛନ୍ତି।

ସୋନପୁର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଜିଲାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ସ୍ୱତନ୍ତ୍ର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ପ୍ରଫେସର ଡ. ବିଭୁଦତ୍ତ ମିଶ୍ର, ବ୍ୟାଙ୍କ ଅଧିକାରୀ ସତ୍ୟଜିତ ମିଶ୍ର, ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ଯୋଗଦେଇ ଜିଲାରେ ଲୁଚି ଯାଉଥିବା ପାରମ୍ପରିକ ଲୋକକଳାର ବିକାଶରେ ପଏଁରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପଏଁରୀର ସଭାପତି ଲଡୁକିଶୋର ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଚୌଧୁରୀ ବିଭାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଦଣ୍ଡ କଳାକାର ସନାତନ ରଣବିଡାଙ୍କୁ କୁନ୍ଦୁରୁ କୁଶଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପରେ ବଲାଙ୍ଗୀର ବଜାଶାଳ ଅନୁଷ୍ଠାନର କଳାକାର ମାନେ ଡାଲଖାଇ, କୋରାପୁଟ ଧରୁଆ ଲୋକନୃତ୍ୟ ଅନୁଷ୍ଠାନର କଳାକାରଙ୍କ ଢେମସା, ପଏଁରୀ ଅନୁଷ୍ଠାନର କଳାକାରଙ୍କ ରୌପ୍ୟ ଜୟନ୍ତୀ ଶିର୍ଷକ ନୃତ୍ୟ, ବିନିକାର ନିରାକାର ଦେହୁରୀ ଓ ସାଥୀ କଳାକାରଙ୍କ ରସରକେଲି ଓ ଝାଡଖଣ୍ଡ କଳାକାରଙ୍କ ପୀର ଲୋକନୃତ୍ୟ ପରିବେଷଣ କରିଥିଲେ। ପଏଁରୀ ଅନୁଷ୍ଠାନର ଉପସଭାପତି ପ୍ରଫୁଲ୍ଲ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ କଣ୍ଠଶିଳ୍ପୀ ବ୍ରହ୍ମା କୁମ୍ଭାର, ସୁଜାତା ଗିରି ଓ ପଦ୍ମଲୋଚନ ସାହୁ ପାରମ୍ପରିକ ଲୋକ ସଙ୍ଗୀତ ପରିବେଷଣ କରିଥିଲେ। କଳା, ସଂସ୍କୃତି ଅନୁଷ୍ଠାନ ପଏଁରୀ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦ ମିଳିତ ସହଯୋଗରେ ଏହି ରୌପ୍ୟ ଜୟନ୍ତୀ ସମାରୋହ ଆୟୋଜନ ହୋଇଛି। ରାଘବ ସୁନା, ଲଳିତ ମେହେର, ନିତ୍ୟାନନ୍ଦ ଜଗଦଲା, ସୁରଜ ମହାନନ୍ଦ ଓ ପୃଥ୍ୱୀରାମ ବାଗ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।



ବଲାଙ୍ଗୀର ବଜାଶାଳ ଅନୁଷ୍ଠାନର କଳାକାରମାନେ ଡାଲଖାଇ ନୃତ୍ୟ ପରିବେଷଣ କରୁଛନ୍ତି।



ଦଣ୍ଡ କଳାକାର ସନାତନ ରଣବିଡାଙ୍କୁ କୁନ୍ଦୁରୁ କୁଶଳ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି।

# ଭାଗୀଦାରି ଜଳସେଚନ ପରିଚାଳନା ଉପରେ ଗୁରୁତ୍ୱ




ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ**

ସୋନପୁର,୨୧ (ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଗତ ଡିସେମ୍ବର ୨୨ ତାରିଖରୁ ଜାନୁୟାରୀ ୫ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ ହେଉଛି। ଏହିକ୍ରମରେ ସୁବର୍ଣ୍ଣପୁର ଉଠା ଜଳସେଚନ ବିଭାଜନ ପକ୍ଷରୁ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ଗୁରୁବାର ପାଳିତ ହୋଇଯାଇଛି। ନୂଆ ଟାଉନ ହଲ ପରିସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ଜଳସେଚନ ବ୍ୟବସ୍ଥାର ସଫଳ ରୂପାୟନ ପାଇଁ ଭାଗୀଦାରି ଜଳସେଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ପାଣି ପଞ୍ଚାୟତଗୁଡିକରେ ଅଧିକରୁ ଅଧିକ କୃଷକମାନଙ୍କୁ ଅନ୍ତର୍ଭୁକ୍ତ କରିବା ନେଇ ଠେଲା ପରାମର୍ଶ ଦେଇଥିଲେ। ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ମାଝୀ ଏହି ସଚେତନତା ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ନାବାର୍ଡର ଏଜିଏମ୍ ସତ୍ୟ ସ୍ୱରୂପ ବେଦାନ୍ତ, ସୋନପୁର ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ହୃଷିକେଶ ଦାଶ, କ୍ଷୁଦ୍ର ଜଳସେଚନ ବିଭାଗର ଇଂ. ସନ୍ତୋଷ କୁମାର ଦାଶ, ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ, ଅତିରିକ୍ତ ଜିଲା ପ୍ରାଣୀଚିକିତ୍ସା ଅଧିକାରୀ(ପ୍ରାଣୀଧନ ଉତ୍ପାଦନ) ଡାକ୍ତର ମୃଣ୍ମୟ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଲବ କୁମାର ଚାନ୍ଦ ଯୋଗଦାନ କରି ସେଚ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଜଳର ସୁଷମ ବଣ୍ଟନରେ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଫସଲ ଉତ୍ପାଦନରେ ବୃଦ୍ଧି, ଜଳ ସଂରକ୍ଷଣ ଏବଂ ଆବଣ୍ଟନ ବିଷୟରେ ବିଷଦ ଆଲୋଚନା ସହ ଉପସ୍ଥିତ ଚାଷୀ ଓ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ସଚେତନ କରିଥିଲେ। ଏଥିପାଇଁ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା, କୁଇଜ୍, ପେଣ୍ଟିଂ ଓ ମୋଡେଲ ପ୍ରଦର୍ଶନୀ ପ୍ରତିଯୋଗିତା ଆୟୋଜିତ ହୋଇଥିଲେ। ଏଥିରେ ଅନ୍ୟାଶା ଦିକ୍ଷିତ, ଆଂଶିକା ପଣ୍ଡା, ପୂଜା ମଲ୍ଲିକ, ନନ୍ଦିନି ମେହେର, ଶୁଭମ ମେହେର, ଅର୍ଚ୍ଚନା ମହାନ୍ତି, ସୁବାସିନୀ ପଧାନ, ନତାଶା ପଧାନ, ଶ୍ରୀୟା ପ୍ରିୟଦର୍ଶନୀ ମେହେର, ସୌର୍ଯ୍ୟମାନ ପୂଜାହାରୀ, ରିତିକା ରଣା, ଜ୍ୟୋତ୍ସ୍ନାରାଣୀ ସେଠ୍, ଅର୍ଚ୍ଚିତା ସାହୁ, ସ୍ନେହା ସାହୁ, ଅନ୍ୟାସିନୀ କଲତା ଓ ଶୁଭଙ୍କର ବେହେରାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଚାଷୀମାନଙ୍କ ପାଇଁ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗ, ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଉଠା ଜଳସେଚନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ଖୋଲା ଯାଇଥିଲା। ଇଂ. ସୁଶାନ୍ତ କୁମାର ସାମଲ, ଦିଲ୍ଲିପ କର, ଚନ୍ଦ୍ରମା ପିଙ୍ଗ ଓ ବିକାଶ ରମଣ ପ୍ରତାପ ରାଏ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଜିଲାର ୬ଟି ବ୍ଲକରୁ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ମାହେଶ୍ୱରୀ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା

ଖୁଣ୍ଟିଗୋରା,୨୧ (ମକରନ୍ଦ ସାହୁ)

କନ୍ଧମାଳ ବ୍ଲକ ମସିଣାଗୋରାଠାରେ ଡୁମାଳ ସମାଜ ମସିଣାଗୋରା କେନ୍ଦ୍ର ପକ୍ଷରୁ ଆୟୋଜିତ ଦ୍ୱିତୀୟ ମା' ମାହେଶ୍ୱରୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ମଞ୍ଚକୁ ଉଦ୍‌ଘାଟନ କରିଥିଲେ । ସକାଳୁ ବନ୍ଧଗୋରା ସ୍ଥିତ ଚିରସ୍ରୋତା ଖଡ଼ଙ୍ଗ ନଦୀରୁ ମହିଳାମାନଙ୍କ ଦ୍ୱାରା ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଜଳ ଅଣାଯାଇଥିଲା ଏବଂ ଧବଳେଶ୍ୱର ପୀଠରୁ ସାଂସ୍କୃତିକ ଦଳ ମାଧ୍ୟମରେ ମଶାଲ ଶୋଭାଯାତ୍ରା ବାହାରି ମଣ୍ଡପରେ ପହଞ୍ଚିବା ପରେ ସ୍ଥାପନ କରାଯାଇଥିଲା । ରାଜାରାମ ଦାଶ ପୌରୋହିତ୍ୟ କରିଥିବା ବେଳେ ସଭାପତି ଗୋବର୍ଦ୍ଧନ ପ୍ରଧାନ ଓ ଅଳକା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ଗୌତମ କ୍ଷେତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ଶିକ୍ଷକ ନେତା ଶମ୍ଭୁ ଗିରି, ଡୁମାଳ ସମାଜ ପୂର୍ବତନ ରାଜ୍ୟ ସମ୍ପାଦକ କୃତ୍ତିବାସ ପଲିଆ, ଭୁବନେଶ୍ୱର ବସ୍ତିଆ, ପୂର୍ବତନ ଜିଲା ସଭାପତି ବିଶିକେଶନ ପ୍ରଧାନ, ପ୍ରାକ୍ତନ ରାଜ୍ୟ ପ୍ରତିନିଧି ଦେଶବନ୍ଧୁ ମହାକୁଳ, ମସିଣାଗୋରା ଗୌନ୍ତିଆ ପୂର୍ଣ୍ଣଚନ୍ଦ୍ର ମେଣ୍ଡିଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡୁମାଳ ସମାଜର ଏକତା, ସଂହତି ଏବଂ ସାଙ୍ଗଠନିକ ଅଭିବୃଦ୍ଧି ବିଷୟରେ କହିଥିଲେ। ରଞ୍ଜୁ ଅମାତ ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଡୁମାଳ ସମାଜର ସଦସ୍ୟ ଏବଂ ମସିଣାଗୋରା ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ ।



ମହିଳାଙ୍କ କଳସ ଶୋଭାଯାତ୍ରା ।

# ମିଲର୍ସଙ୍କ ଅସହଯୋଗ, ମଣ୍ଡିରୁ ଉଠୁନି ଧାନ



ଦୁର୍ଜନତୈଲା ମଣ୍ଡିରେ ଖୋଲା ଆକାଶ ତଳେ ଧାନ ବସ୍ତା ପଡି ରହିଛି।

ଅମରପାଲି,୨୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ମଣ୍ଡିରେ ଧାନ କିଣାକୁ ନେଇ ଲାଗି ରହିଛି ଅବ୍ୟବସ୍ଥା। ଦୀର୍ଘଦିନ ହେଲା ମଣ୍ଡିରୁ ଉଠୁନି ଧାନ। ଏବେ ବି ମଣ୍ଡିରେ ପ୍ରାୟ ୧୦ ହଜାରରୁ ଅଧିକ ଧାନ ବସ୍ତା ପଡ଼ିରହିଛି। ଚାଷୀ ମଣ୍ଡିରେ ଶୀତକାକରରେ ରାତିତମାମ ପଡ଼ି ରହିଛନ୍ତି।

ଚଳିତବର୍ଷ ଭଲ ଫସଲ ହୋଇଥିବାରୁ ଚାଷୀ ଭଲ ଅମଳ କରିଛି। ନୂତନ ସରକାର ବିନା କଟ୍‌ନିରେ ଧାନ ଉଠାଯିବ ବୋଲି କହିବା ସହିତ ମଣ୍ଡିରେ ଚାଷୀ ହଇରାଣ ହେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଚାଷୀ ଏବେ ଧାନ ବିକିବା ପାଇଁ ହନ୍ତସନ୍ତ ହେଉଛନ୍ତି। ଦୁର୍ଜନତୈଲା ମଣ୍ଡିରୁ ଧାନ କିଣିବା ପାଇଁ ଉଲୁଣ୍ଡା ବ୍ଲକ ପୁଡ଼ଚିକ୍ରାର ସିଦ୍ଧାର୍ଥ ଧାନ ମିଲ, ସୋନପୁରସ୍ଥିତ ମହାନଦୀ ଧାନମିଲ, ଉଲୁଣ୍ଡା କୁତମେଣ୍ଡା ସ୍ଥିତ ବ୍ରାହ୍ମଣୀ ମିଲ ଓ ବିନିକା ସ୍ଥିତ କନ୍ୟାକା ପରମେଶ୍ୱରି ଧାନ ମିଲ ଅନୁବନ୍ଧିତ ହୋଇଛନ୍ତି। ମାତ୍ର ଏବେ ଧାନ ନେବା ପାଇଁ ମିଲରମାନେ ଗାଡ଼ି ପଠାଉ ନାହାନ୍ତି। ତେଣୁ ମଣ୍ଡିରେ ଧାନ ପଡ଼ି ରହୁଛି। ଚାଷୀମାନେ ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ବୀରମହାରାଜପୁର ବ୍ଲକ ଦାଦରପାଲିର ଚାଷୀ ନରେନ୍ଦ୍ର ନାୟକ ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ନିବେଦନ କରି ଯଥାଶୀଘ୍ର ମଣ୍ଡିରୁ ଧାନ ଉଠାଇବା ପାଇଁ ଅନୁରୋଧ କରିଛନ୍ତି। ଦାଦରପାଲିର ମମତା ଗେଜ,ନରେନ୍ଦ୍ର ନାୟକ, ରଞ୍ଜିତ ଖେତି, ବରଘାଟଦାଦର ଗ୍ରାମର କାର୍ତ୍ତିକ ଝାଙ୍କର,

**ଦୁର୍ଜନତୈଲା ମଣ୍ଡି**

ହିମାଂଶୁ ମହାକୁର, ଶରତ କୁମାର ଖେତିଙ୍କ ସମେତ ଅନେକ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହିଥିବା ଅଭିଯୋଗ ହୋଇଛି। ଏନେଇ ଦୁର୍ଜନତୈଲା ସେବା ସମବାୟ ସମିତି ସମ୍ପାଦକ ସୂର୍ଯ୍ୟକାନ୍ତ ଦେହୁରୀଙ୍କୁ ପଚାରିବାରୁ ଆବଶ୍ୟକ ସଂଖ୍ୟକ ଗାଡ଼ି ମିଲରୁ ଆସୁ ନ ଥିବାରୁ ସମସ୍ୟା ହେଉଛି। ଏନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ଏଆରସିଏସ ଗିରିଶ ପୁରୋହିତଙ୍କୁ ପଚାରିବାରୁ ଆମେ ଗାଡ଼ି ପାଇଁ ବାରମ୍ବାର ମିଲରଙ୍କୁ କହୁଛୁ, ମାତ୍ର ଗାଡ଼ି ଆସୁ ନାହିଁ ବୋଲି କହିଛନ୍ତି। ମଣ୍ଡିରୁ ଧାନ ଉଠୁ ନ ଥିବାରୁ ଧାରକରଜ କରି ଫସଲ ଉଠିଆ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛି। ଅନ୍ୟପକ୍ଷରେ କେତେକ ଚାଷୀଙ୍କ ଟୋକନ ଅବଧି ମଧ ସରିବା ଉପରେ ଥିବାରୁ ଚାଷୀମାନେ ଆଶଙ୍କିତ ହୋଇ ପଡିଚନ୍ତି। ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ଅଚଳାବସ୍ଥା ଦୂର କରିବାକୁ ଚାଷୀମାନେ ଦାବି କରିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ନୋଟିସ ନଂ.: ଏସ୍‌ଟି-ସିଓଏନ୍-ଜେଏସ୍‌ଜି-ବିଇଏଚ୍-୪ଟିଏଚ୍-ଲାଇନ୍-୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡେପୁଟି ଚିଫ୍ ସିଗ୍ନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ସିଓଏନ୍/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ବାଗଡିହି-ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ମଧ୍ୟରେ ୪ର୍ଥ ଲାଇନ୍ ଏବଂ ଧୁତ୍ରା ଓ ବାଗଡିହି ଷ୍ଟେଶନଠାରେ ପରବର୍ତ୍ତୀ ପର୍ଯ୍ୟାୟର କାର୍ଯ୍ୟ ସଂକ୍ରାନ୍ତରେ ଷ୍ଟେଶନ- ବାଗଡିହି ଓ ଧୁତ୍ରା, ବାଗଡିହି-ଧୁତ୍ରା ଏବଂ ଧୁତ୍ରା-ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ସେକ୍ସନରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମ୍ ଏବଂ ଅଟୋ-ସିଗ୍ନାଲିଂ ବ୍ୟବସ୍ଥା (ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ)ର ପ୍ରାବଧାନ, ଝାରସୁଗୁଡ଼ା ଗୁଡ୍‌ସ ୟାର୍ଡ ତଥା ଏମ୍‌ସିଏଲ୍ ବ୍ଲକ୍ କ୍ୟାବିନ୍‌ଠାରେ ଇଆଇର ପରିବର୍ତ୍ତନ । **ଟେଣ୍ଡରର ବିଜ୍ଞାପିତ ମୂଲ୍ୟ:** ₹୫୫,୪୩,୮୬,୮୯୫.୩୨ । **ଅମାନତ ରାଶି:** ₹୨୯,୨୧,୯୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ୦ । **ଟେଣ୍ଡର ସମାପ୍ତି ତାରିଖ ଓ ସମୟ:** ୨୪।୦୧।୨୦୨୫, ୧୫.୦୦ ଘଟିକା । **ଟେଣ୍ଡର ପ୍ରକାର:** ଖୋଲା । ଟେଣ୍ଡର ନୋଟିସର ବିବରଣୀ ୱେବ୍‌ସାଇଟ୍ **www.ireps.gov.in**ରେ ଉପଲବ୍ଧ । (PR-973)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-229

**କାର୍ଯ୍ୟର ନାମ :** "ସମ୍ବଲପୁରରେ ବିଭିନ୍ନ ସିନିୟର ସେକ୍ସନ ଇଞ୍ଜିନିୟର/P-Ways ନିମନ୍ତେ ବରଗଡ଼ ରୋଡ଼ (BRGA), ସମ୍ବଲପୁର ସିଟି (SBPY), ଲୋଇସିଙ୍ଗା (LSX), ନୂଆପଡ଼ା (NPD) ଏବଂ ଖରିଆର ରୋଡ଼ (KRAR) ଠାରେ ଭଣ୍ଡାର ଗୋଦାମଗୁଡ଼ିକର ବ୍ୟବସ୍ଥା ଏବଂ ଅନ୍ୟ ସରକାରୀ ସୁବିଧା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(₹):** 12,79, 416.49, EMD/ବିଡ୍ ସୁରକ୍ଷା ଜମା (₹) : 25,600.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ ଛଅ ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.01.2025 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସ ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ସୁପରଭାଇଜର (ଏମ୍‌ପିଏଚ୍‌ଏସ୍) ଲକ୍ଷ୍ମୀ ନାରାୟଣ ମହାରଣା ଗୁରୁବାର ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ଜନ୍ମ ପ୍ରମାଣପତ୍ର ପାଇଁ ହିତାଧିକାରୀଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛି। ସୂଚନାକ୍ରମେ ଥୁଆମୂଳ ରାମପୁର ବ୍ଲକ ତଳଖପି ପଞ୍ଚାୟତ ନିକେଇଗୋର ଗ୍ରାମର ଅର୍ଜୁନ ନାଏକ, ବବଲୁ ନାଏକ ଓ ଘାସିରାମ ନାଏକଙ୍କ ଜନ୍ମ ପ୍ରମାଣପତ୍ର ପାଇଁ ସୁପରଭାଇଜର ମହାରଣା ଲାଞ୍ଚ ମାଗିଥିଲେ। ଏ ନେଇ ହିତାଧିକାରୀମାନେ କଳାହାଣ୍ଡି ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଗୁରୁବାର ସକାଳେ ହିତାଧିକାରୀ ଫୋନ ପେ' କରିଥିବା ୪ ହଜାର ଟଙ୍କା ସୁପରଭାଇଜର ମହାରଣାଙ୍କୁ ଦେବା ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ପରେ ତାଙ୍କୁ ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟକୁ ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ପୂର୍ବରୁ ମହାରଣା ପ୍ରତି ଆବେଦନକାରୀଙ୍କଠାରୁ ୨ହଜାର ଟଙ୍କା ଲେଖାଏଁ ଆଦାୟ କରି ପ୍ରମାଣପତ୍ର ଦେଉଥିଲେ। ଯିଏ ଲାଞ୍ଚ ଦେଇ ନ ଥିଲେ ତାଙ୍କୁ ସେ ହଇରାଣ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଡିଏସ୍‌ପି ପ୍ରଦୀପ ଆଇଣ୍ଡ, ଇନ୍‌ସପେକ୍ଟର ପ୍ରମିଳା ଗୁମ, ଏଏସ୍‌ଆଇ ସଞ୍ଜୟ କୁମାର ସାହୁ, ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ସାମିଲ ଥିଲେ।

## ଯୁବକଙ୍କୁ ହତ୍ୟା ପରେ ୫୦ ଖଣ୍ଡ କରିବା ଘଟଣା

# ୩୬ ଘଣ୍ଟା ବିତିଲା, ପୋଲିସ ହାତ ଖାଲି

### ଆତଙ୍କିତ ଅବସ୍ଥାରେ ମୃତକଙ୍କ ପରିବାର

ପରଜଙ୍ଗ,୨୧(ନିଗମାନନ୍ଦ ଦଳବେହେରା)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ନୂଆବର୍ଷର ପ୍ରଥମ ଦିନରେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବସୋଇ ଗ୍ରାମର ରାକେଶ ସେଠୀ (୨୭)ଙ୍କୁ ପିଟି ପିଟି ହତ୍ୟା କରାଯିବା ପରେ ମାରଣାସ୍ତ୍ରରେ ହାଣି ୫୦ ଖଣ୍ଡ କରାଯାଇଥିଲା। ସେହି ଗାଁର ସରୋଜ କୁମାର ବିଶ୍ୱାଳ ଅତି ବୀଭତ୍ସ ଭାବେ ରାକେଶଙ୍କୁ ହତ୍ୟା କରିଥିବା ବେଳେ ଏଯାଏ ପୋଲିସ ଫେରାର ଅଭିଯୁକ୍ତ ସରୋଜଙ୍କ ନିକଟରେ ପହଞ୍ଚିପାରି ନାହିଁ। ଘଟଣାକୁ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନ ପାରିବାରୁ ମୃତ ରାକେଶଙ୍କ ପରିବାର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ସୂଚନାଯୋଗ୍ୟ, ବସୋଇ ଗ୍ରାମର ରାକେଶ କିଛି ମାସ ପୂର୍ବରୁ ଦୁର୍ଘଟଣାର ଶୀକାର ହୋଇଥିଲେ। ତାଙ୍କ ଗୋଡ଼ରେ ଅସ୍ତ୍ରୋପଚାର ହୋଇଥିଲା। ବାଡ଼ି ଧରି ଚଲାବୁଲା କରୁଥିବା ରାକେଶ ନୂଆବର୍ଷରେ ରୋଷେଇ ପାଇଁ କୁକୁଡ଼ା ମାଂସ ଆଣିବାକୁ ବାଡ଼ିଧରି ଘର ପାଖ ଚିକେନ କାଉଣ୍ଟରକୁ ଯାଉଥିବା ବେଳେ ଅଭିଯୁକ୍ତ ସରୋଜ ବାଡ଼ି ଛଡ଼ାଇ ନେଇ ରାକେଶଙ୍କୁ ପିଟି ପିଟି ମାରିଦେଇଥିଲେ। ଏପରି କି ଘଟଣାସ୍ଥଳକୁ ଆସୁଥିବା ରାକେଶଙ୍କ ୯ ବର୍ଷୀୟ ପୁଅ ଓ ସ୍ତ୍ରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ମା' ପୁଅ ଜୀବନ ବିକଳରେ ଘରକୁ ପଳାଇ ଯାଇ ଲୁଚି ଯାଇଥିଲେ। ଏହାପରେ ମୃତ ରାକେଶଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଅଭିଯୁକ୍ତ ସରୋଜ ଗାଁ ଦାଣ୍ଡରେ ଫୋପାଡ଼ି ଦେଇ ଫେରାର ହୋଇଯାଇଥିଲେ। ପରେ ପରଜଙ୍ଗ ଥାନା ପୋଲିସ, ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ପହଞ୍ଚି ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ହେଲେ ଇତିମଧ୍ୟରେ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଶୀଘ୍ର ଫେରାର ସରୋଜଙ୍କୁ ଗିରଫ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ କହିଛନ୍ତି, ଘଟଣା ପରଠାରୁ ସମସ୍ତ ଅଞ୍ଚଳ ଉପରେ ନଜର ରଖାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ଅଦାରସୁଣ ପେଷ୍ଟ ବି ନକଲି

## ବିପୁଳ କଞ୍ଚାମାଲ ଜବତ, କାରଖାନା ମାଲିକ ଗିରଫ

ବ୍ରହ୍ମପୁର,୨୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ନକଲି ଖାଦ୍ୟ ପ୍ରସ୍ତୁତି ସାମଗ୍ରୀ ପ୍ରସ୍ତୁତ କାରଖାନା ବଢ଼ିବାରେ ଲାଗିଛି। ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ୭ମ ଲାଇନ ସଂପ୍ରସାରଣ ଗଳିରେ ଥିବା ଏକ ଭଡ଼ାଘରୁ ପୋଲିସ ଗୁରୁବାର ନକଲି ଅଦାରସୁଣ ପେଷ୍ଟ କାରଖାନା ଠାବ କରିଛି। ସେଠାରେ ୪୧ଟି କାର୍ଟୁନରେ ଭର୍ତ୍ତି ହୋଇଥିବା ଖାଣ୍ଟି କିଚେନ ନାମକ ନକଲି ଅଦାରସୁଣ ପେଷ୍ଟ ଓ ନନ୍‌ଭେଜ ପେଷ୍ଟ ଜବତ କରାଯାଇଛି। ସେହିପରି ୧୪ଟି ପ୍ଲାଷ୍ଟିକ ଡବା, ବସ୍ତୁ ପରିମାଣର ଜରି, ଲେବଲ, ଖାଲି କାର୍ଟୁନ, ୫ଟି ପ୍ୟାକିଂ ମେସିନ ଓ ଓଜନ ମେସିନ ଜବତ କରିଛି। ଏ ନେଇ ବଡ଼ବଜାର ଥାନାରେ ନଂ. ୨/୨୫ରେ ମାମଲା ରୁଜୁ କରି ପୋଲିସ ଉକ୍ତ କାରଖାନା ମାଲିକ ହନୁମାନବଜାର ଅଞ୍ଚଳର ଇ. ରିତିକ ପାତ୍ର(୩୨)ଙ୍କୁ ଗିରଫ କରିଛି। ସେ ଏହି କାରଖାନା ଚଳାଇବା ପାଇଁ କୌଣସି ଟ୍ରେଡ ଲାଇସେନ୍ସ କିମ୍ବା ଫୁଡ ଲାଇସେନ୍ସ ଦେଖାଇ ପାରି ନ ଥିଲେ। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଅଦାରସୁଣ ପେଷ୍ଟର ନମୁନା ସଂଗ୍ରହ କରାଯାଇଛି। ରିତିକ ପ୍ରାୟ ବର୍ଷେ ହେଲା ଏହି ନକଲି ପେଷ୍ଟ ପ୍ରସ୍ତୁତ କରୁଥିଲେ। ବଡ଼ବଜାର ଥାନା ଅଧିକାରୀ ବାବାଶଙ୍କର ସରାଫ ଓ ବରିଷ୍ଠ ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ମିତା ଖାଡ଼ଙ୍ଗାଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉ ବେଳେ ଉକ୍ତ କାରଖାନାରେ 'ଇଗଲ' ଓ 'ଏଚକେ ଖାଣ୍ଟି କିଚେନ' ବ୍ରାଣ୍ଡରେ ଅଦାରସୁଣ ପେଷ୍ଟ ଓ ନନ୍‌ଭେଜ ପେଷ୍ଟ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଥିଲା। ରିତିକ କଲିକତା ଓ ହାଇଦ୍ରାବାଦରୁ କଞ୍ଚାମାଲ ଆଣି ଉକ୍ତ ଘରେ ୫ ଟଙ୍କିଆ ପ୍ୟାକେଟରେ ଭର୍ତ୍ତି କରି ଗଞ୍ଜାମ ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଗାଣ କରୁଥିଲେ ବୋଲି ଜଣାପଡ଼ିଛି।


ନକଲି ଅଦାରସୁଣ ପେଷ୍ଟ କାରଖାନାରେ ଚଢ଼ାଉ ଚାଲିଛି।


ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NOTICE**

**NOTICE INVITING TENDERS FOR REPAIR AND MAINTENANCE OF RURAL ROADS UNDER PMGSY & OTHER SCHEME**

**NATIONAL COMPETITIVE BIDDING THROUGH "e"-Procurement**

**Bid Identification No. Online Tender / 20-2024-25/PMGSY/BPR**

No. O-1060: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for Repair/Maintenance of Rural Roads Constructed under Pradhan Mantri Gram Sadak Yojana in the districts of GANJAM & KANDHAMAL for 12 (Twelve) numbe of packages with estimated cost totalling to Rs.22.31 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to singing of the contract.

Date of release of invitation for Bids through e-procurement Dtd.06.01.2025.

**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned Divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

Last date/time for receipt of bids through e-procurement: 20.01.2025 upto 5.30 P.M.

For further details and corrigendum (if any) please log on to **www.pmgsytenders.gov.in**.

OIPR-25071/11/0032/2425 — Sd./- Chief Construction Engineer, R.W. Circle, Berhampur



**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK - 753001

**ADVERTISEMENT NO. 07 OF 2024-25**
Website: https://opsc.gov.in

| | |
|---|---|
| I. | Odisha Civil Services Examination, 2024 |
| II. | No. of Vacancies - 200 (65 - w) |

No. D-: Online applications are invited from the prospective candidates for recruitment to Odisha Civil Services, 2024, through Proforma Application to be made available in the WEBSITE **(https://opsc.gov.in)**. The link for registration and submission shall be available from **10.01.2025 to 10.02.2025 (Note: 10.02.2025 is the last date for submission of registered Online Application)** for admission to the Odisha Civil Services Preliminary Examination, 2024 in the scale of pay for Group-A Service is Rs.56,100/- in Level-12-Cell-1 in the Pay Matrix & Group-B Service is Rs.44,900/- in Level-10-Cell-1 in the Pay Matrix provided under Rule-3 of ORSP Rules, 2017.

2. **VACANCY POSITION:** As per requisition filed by the General Administration & P.G. Department, Government of Odisha, the vacancy position for the post of Odisha Civil Services, 2024 is 200 (65 - w).
3. **AGE LIMIT:** A candidate must have attained the age of 21 years and must not be above the age of 38 years as on the 1st day of January, 2024, i.e. he/she must not have been born earlier than 2nd January, 1986 and not later than 1st January, 2003.
4. **EDUCATIONAL QUALIFICATION:** A candidate must hold a Bachelor's Degree from any University incorporated by an Act of the Central or a State Legislature in India or an Educational Institution established by an Act of Parliament or Deemed to be a University under Section - 3 of the University Grants Commission Act, 1956 or a Foreign University approved by the Central Government from time to time.
5. **METHOD OF SELECTION:** The Combined Competitive Recruitment Examination shall comprise of the following:
   (A) Preliminary Examination (Objective Type) for the selection of candidates for Main Examination.
   There shall be negative marking for wrong answers. One third (0.33) of the marks assigned to a question shall be deducted as penalty.
   (B) Main Examination (Written and Interview) for the selection of candidates for the various services and posts.
   The details of Plan of Examination, Scheme, Subjects & Syllabus for the Preliminary and Main Examinations is available at Annexure-II, III & IV of Long Advertisement.
6. **HOW TO APPLY:** Candidates must go through the details of the Advertisement available in the website of OPSC before filling up of online application form.
   Candidates must apply online though the website of OPSC **https://opsc.gov.in**. Applications received through any other mode would not be accepted and summarily be rejected.

CUTTACK — Sd./- SECRETARY
DT.: 31.12.2024 — ODISHA PUBLIC SERVICE COMMISSION
OIPR-12002/11/0118/2425 — CUTTACK



**ODISHA PUBLIC SERVICE COMMISSION**
19, DR. P.K. PARIJA ROAD, CUTTACK - 753001

**ADVERTISEMENT NO. 08 OF 2024-25**
Website: https://www.opsc.gov.in

| | |
|---|---|
| I. | Assistant Industries Officer in Class-II of Odisha Industries Service |
| II. | No. of Vacancies - 151 (50 - w) |

No. D-: Online applications are invited from the prospective candidates through proforma application to be made available on the Website of the Commission **(http://www.opsc.gov.in)** for recruitment to **151 (One Hundred and Fifty-One)** posts of Assistant Industries Officer in Class-II (Group-B) of Odisha Industries Service under Micro, Small and Medium Enterprise Department, carrying the Scale of Pay at Level-10 of the Pay Matrix under ORSP Rules, 2017, in consistent with pre-revised Scale of Pay under PB-2-Rs.9300-34800/- with Grade Pay of Rs.4600/- with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition furnished by the Micro, Small and Medium Enterprise Department, Government of Odisha, out of a total of **151 (50-w)** vacancies, 52 (17-w) vacancies are for UR Category, 18 (06-w) vacancies are reserved for SEBC Category, 35 (12-w) vacancies are reserved for SC Category and 46 (15-w) vacancies are reserved for ST Category.
   Also, 06 posts are reserved for Person with Disabilities whose permanent disability is 40% or more, 05 posts are reserved for Ex-Servicemen and 02 posts is reserved for Sports Persons.
   Candidates belonging to the categories of Ex-Servicemen, PWD & Sports Persons shall be adjsuted against the categories to which they belong.
3. **AGE:** A candidate must have attained the age of 21 years and must not be above the age of 38 years as on the 1st day of January, 2024, i.e. he/she must not have been born earlier than 2nd January, 1986 and not later than 1st January, 2003.
4. **EDUCATIONAL QUALIFICATION:** A candidate must have possessed B.E. or B.Tech or equivalent Degree in any engineering discipline from a recognized university or educational institution of India or abroad.
5. **EXAMINATION FEE:** The examination fee has been exempted to all the categories of candidates as per G.A. & P.G. Department Notification No. 9897/Gen., Dt.11.04.2022.
6. **METHOD OF SELECTION:** The selection of candidates for recruitment to the posts of Assistant Industries Officer shall be made on the basis of **Written Examination** and **Personality Test**.
7. **DATE OF EXAMINATION:** The Written Examination will be held tentatively in the month of June, 2025. The Date of Examination, Detailed Schedule and Centre of Examination will be notified in due course.

The Link for online application and submission shall be available in the website from 15.01.2025 to 15.02.2025 (11.59 P.M.) (Note: 15.02.2025 is the last date for submission of Registered Online Application).

The candidates are advised to visit the website of the Commission at **http://www.opsc.gov.in** for detailed information for applying to the above post.

CUTTACK — Sd./- SECRETARY
DT.: 31.12.2024 — ODISHA PUBLIC SERVICE COMMISSION
OIPR-12002/11/0119/2425 — CUTTACK



See Career Appointment on every Wednesday & Saturday



idco | ODISHA NEW OPPORTUNITIES — No. CAD-2004

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR - 751022**

**Tender Call Notice No. IDCO: H.O./P&C/ EST/E-2571/01/2024/36126 Dated: 24.12.2024**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of 200 seated Boy's and 100 seated Girl's Hostel for CIPET at Paradeep Plastic Park, Jagatsingpur.
2. Estimated Cost : Rs.2104.48 Lakh
3. Period of Completion : 12 (Twelve) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/ EST/E-36/ 2024-25 | 06.01.2025 at 17.00 Hrs. | 21.01.2025 upto 17.00 Hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in Newspapers and can only be seen in the e-procurement portal **www.tendersodisha.gov.in** and **www.idco.in**.

Sd./- Chief General Manager (P&C)
OIPR-14003/11/0090/2425 — IDCO, Bhubaneswar



**ODISHA STATE CASHEW DEVELOPMENT CORPORATION LTD.**
(A Govt. of Odisha Undertaking)
At/P.O.- Ghatikia, Near Kalinga Studio, Bhubaneswar- 751029

**Notice for Auction of Cashew Plantation No.4**

No.CAD-2040:- Odisha State Cashew Development Corporation Limited hereby invites interested person/organization to bid for the cashew plantations under its jurisdiction in four divisions i.e. Dhenkanal, Mayurbhanj, Koraput and Sundargarh in the auction to be effectuated on the website https://www.mstcecommerce.com/ on Dt.10.01.2025. The details of the date and time related to the auction process are as mentioned below.

| Sl. No. | Particulars | Date | Time |
|---|---|---|---|
| 1 | Publication date | 31.12.2024 | 11.00 A.M. |
| 2 | Documents submission / EMD payment start date | 31.12.2024 | 11.00 A.M. |
| 3 | Document submission / EMD payment end date | 09.01.2025 | 05.00 P.M. |
| 4 | Auction start date | 10.01.2025 | 11.00 A.M. |
| 5 | Auction end date | 10.01.2025 | 05.00 A.M. |

N.B.: Auction timing for the plantations being leased out for 3 years is 11.00 A.M. to 02.00 P.M. and auction timing for the plantations being leased out for 5 years is 02.00 P.M. to 05.00 P.M.

The plantations will be leased out for 5 years / 3 years as per the area of the plantation. The detailed terms and condition may be obtained from the website https://www.mstcecommerce.com/ or https://www.oscdc.nic.in.

Thus it is notified for the information of general public that, you are requested to take part in the auction process carefully as per the instructions mentioned in the above mentioned website, date and time. For more information you may contact to the Head Office or the respective Division Offices.

OIPR-01049/11/0022/2425 — Sd./- Managing Director



**GOVERNMENT OF ODISHA** — No. B-806

**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR**
E-mail: eesbprnbdivision2@gmail.com, Phone: 0663-2410104

**BID IDENTIFICATION No. SE/R and B/SBP II/08 (Online)/2024-25**

**E-Procurement Notice**

No. 5424 — Dated: 26.12.2024

| | | | |
|---|---|---|---|
| 1. | The Superintending Engineer, Sambalpur (R&B) Division No. II, Sambalpur on behalf of Governor of Odisha invites Percentage Rate Bids in Single Cover System in ONLINE MODE. | | |
| 2. | No. of Works | : | 04 (Four) Nos.<br>1 No. Civil Work<br>3 Nos. Electrical Work |
| 3. | Tender Cost | : | Rs.6,000/- (Online) Each Paper |
| 4. | Class of Contractor | : | "B" Class / Electrical Contractor |
| 5. | Availability of bid document in the website | : | 11.00 hours 03.01.2025 to 17.00 hours of 14.01.2025 |
| 6. | Date of Opening of Tenders | : | 11.30 hours on Dtd.15.01.2025 |
| 7. | The bidders have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Corrigendum/Addendum/Cancellation of tender will be displayed in the website said only. | | |

Sd./- Superintending Engineer
OIPR-34136/11/0008/2425 — Sambalpur (R&B) Division No. II



**OFFICE OF THE COLLECTOR & DISTRICT MAGISTRATE, BHADRAK**
**(Social Welfare Section)**

Tender Notice No. 3852/SW — Dated: 30.12.2024

No. F-104: Sealed tenders for appointment of Transporting Agent for ICDS Projects Bonth, Chandbali-I and Chandbali-II in Bhadrak District are invited from the intending Registered Firms/Co-operative Societies/Authorized Licenced Transporting Contractors/Agents for undertaking transportation of Rice/Wheat from OSCSC Ltd., Godown, Charampa, Bhadrak/FCI Depot, Ranital, Bhadrak to respective AWCs & WSHGs point under SNP Scheme for the period from 01.01.2025 to 31.12.2025. The Registered Firms/Co-operative Societies/Authorized licenced Transporting Contractors/Agnets shall be made through two bid system i.e. Technical Bid (Annexure-I) and Price Bid (Annexure-II) separately. The Technically qualified Bidder Firms/Agents can only participate in the Price Bid.

The tender paper can be obtained from the Office of the DSWO, Bhadrak on payment of Rs.5,000/- (Rupees five thousand) in shape of DD only towards cost of the tender paper from date: 31.12.2024 during the office hour or any working day till 01.00 P.M. on dated 15.01.2025. In case the tender documents have been downloaded from the website, the tender documents fee of Rs.5,000/- only must be deposited along with the Bid in the Form of a Demand Draft drawn on any Nationalized Bank favouring DSWO, Bhadrak and payable at Bhadrak. The cost of tender paper is non-refundable. The tender shall be received by DSWO, Bhadrak till 01.00 P.M. on date 15.01.2025 by Registered Post/Speed Post or through sealed tender box kept in Office of the DSWO, Bhadrak and will be opened on the same day i.e. on date 15.01.2025 at 03.00 P.M. by the tender committee headed by Collector, Bhadrak or any officer authorized by the Collector in the Sadbhabana Sabhagruha, Collectorate, Bhadrak in the presence of the Tender Committee members and Tenderers or their authorised representatives if they desires so. Similarly, the Financial Bid of those who qualified the technical bid will be opened on dated 16.01.2025 in the Salandi Sabhagruha, Collectorate, Bhadrak. The details regarding tender document are availabel in the website **https://bhadrak.odisha.gov.in/** which can be downloaded.

Not withstanding anything else contained to the contrary in this tender document, Collector reserves right to cancel/withdrawn/modify or reject any or all the tenders without assigning any reason thereof.

1. Period of issue of tender document: 31.12.2024 to 15.01.2025 by 01.00 P.M.
2. Last date of receipt of sealed Bids on 15.01.2025 upto 01.00 P.M. through Registered/Speed Post or through sealed tender box kept in Office of the DSWO, Bhadrak.
3. Date and time for opening of
   (i) Technical Bid : On Dated 15.01.2025 at 03.00 P.M.
   (ii) Price Bid : On Dated 16.01.2025 at 11.30 A.M.

Sd./- Collector & District Magistrate, Bhadrak
OIPR-24017/11/0011/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଶାନ୍ତିଲତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୟୁଏସଏଫବିଏଲର ନୂତନ ଶାଖା




**ଭୁବନେଶ୍ୱର,୨।୧**

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ ବା ୟୁଏସଏଫବିଏଲର ୩ଟି ନୂତନ ଶାଖା ନିକଟରେ ଓଡିଶାର ମାଥିଲି (ଜୟପୁର), ବାଲିଗୁଡା (ବ୍ରହ୍ମପୁର) ଏବଂ କୋଦଳା (ବ୍ରହ୍ମପୁର) ଠାରେ ଉଦଘାଟିତ ହୋଇଯାଇଛି।

ଏପରିକି ମାଥିଲି, ବାଲିଗୁଡା ଓ କୋଦଳାର ବାସିନ୍ଦାମାନେ ଏଠାରେ ବିଭିନ୍ନ ପ୍ରକାରର ଆକାଉଣ୍ଟ ସୁବିଧା ସାଙ୍ଗକୁ ଫିକ୍ସଡ ଡିପୋଜିଟ୍ ଓ ରିକରିଂ ଡିପୋଜିଟ୍ ଭଳି ବ୍ୟାପକ ବ୍ୟାଙ୍କିଙ୍ଗ୍ ଉତ୍ପାଦର ଲାଭ ଉଠାଇପାରିବେ। ସେହିଭଳି ବ୍ୟାଙ୍କ ଗ୍ରାହକଙ୍କୁ ବିଭିନ୍ନ ଋଣ ଉତ୍ପାଦ ଗୃହ ଋଣ, ବ୍ୟବସାୟ ଋଣ, ସମ୍ପତି ବିପରୀତରେ ଋଣ, କ୍ରେଡିଟ୍, ବୀମା ଏବଂ ନିବେଶ ଉତ୍ପାଦ ମଧ୍ୟ ପ୍ରଦାନ କରିଥାଏ। ଏପରିକି ବ୍ୟାଙ୍କର ସୁଦୃଢ଼ ଭିତିଭୂମି, ଡିଜିଟାଲ ବ୍ୟାଙ୍କିଂ କ୍ଷମତା ଏବଂ ଏଟିଏମ୍ ନେଟୱାର୍କ ସମସ୍ତ ଗ୍ରାହକଙ୍କ ପାଇଁ ଏକ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ ଅନୁଭୂତି ସୁନିଶ୍ଚିତ କରୁଛି।

ଏ ସମ୍ପର୍କରେ ୟୁଏସଏଫବିଏଲର ଏମଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, 'ମାଥିଲି, ବାଲିଗୁଡା ଓ କୋଦଳାଠାରେ ଆମେ ଆମର ନୂତନ ବ୍ୟାଙ୍କିଂ ଆଉଟଲେଟ୍‌କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ବେଶ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଥିଲାବେଳେ ଆମର ନୂତନ ଶାଖାଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନଙ୍କର ଅନନ୍ୟ ଆବଶ୍ୟକତା ପୂରଣ କରିବାସହିତ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ ଆର୍ଥିକ କଲ୍ୟାଣ ବୃଦ୍ଧି କରିବା ପାଇଁ ଡିଜାଇନ୍ କରାଯାଇଥିବା ବିଭିନ୍ନ ପ୍ରକାରର ଆର୍ଥିକ ସେବା ପ୍ରଦାନ କରିବେ। ଏହି ବ୍ୟାଙ୍କିଙ୍ଗ ଆଉଟଲେଟ୍ ଗୁଡ଼ିକ ଗରିବ କିମ୍ବା ନିମ୍ନ ଆୟକାରୀ ବ୍ୟକ୍ତି କିମ୍ବା ଗୋଷ୍ଠୀ ଯେଉଁମାନଙ୍କର ଆର୍ଥିକ ସେବାରେ ସୀମିତ ପହଞ୍ଚ ଅଛି, ସେମାନଙ୍କୁ ବ୍ୟବସାୟ ବିକାଶ ସେବା ପାଇଁ ମାଇକ୍ରୋ-ବ୍ୟାଙ୍କିଙ୍ଗ୍ ଋଣ ପ୍ରଦାନ କରିବ। ଗ୍ରୁପ୍ ଋଣର ଜେଏଲଜି ମଡେଲରେ ଏକ ପିୟର-ଗ୍ୟାରେଣ୍ଟି ଲୋନ୍ ମଡେଲ୍ ଅନ୍ତର୍ଭୁକ୍ତ ରହିଛି। ଯାହା ବ୍ୟକ୍ତିବିଶେଷଙ୍କୁ ବ୍ୟକ୍ତିଗତ ଭିତିରେ ବନ୍ଧକ କିମ୍ବା ସକ୍ୟୋରିଟୀ ପ୍ରଦାନ ନକରି ଋଣ ନେବାକୁ ସକ୍ଷମ କରିଥାଏ।

# ନିବେଶକ ଯୋଡ଼ିଲେ ଲକ୍ଷାଧିକ ଟଙ୍କାର ନିବେଶ

■ସେନ୍‌ସେକ୍ସ ୮୦,୦୦୦ ନିକଟବର୍ତ୍ତୀ

■୨୪,୦୦୦ ଉପରେ ନିଫ୍ଟି

**ମୁମ୍ବାଇ,୨।୧ (ଅଭୟ ଦାଶ)**



ନୂଆବର୍ଷ ଆରମ୍ଭରୁ ଶେୟାର ବଜାରର ନିବେଶକମାନେ ଉତ୍ସାହିତ ଅଛନ୍ତି। ଏପରିକି ବର୍ଷ ଆରମ୍ଭରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିବେଶକ ପୁଞ୍ଜିବଜାରରେ ଲକ୍ଷାଧିକ ଟଙ୍କାର ନିବେଶ ଯୋଡ଼ିଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ପ୍ରାରମ୍ଭରୁ ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ୧.୯୪% ବୃଦ୍ଧି ଘଟି ପ୍ରାୟ ୮୦,୦୩୩ ଅଙ୍କ ଛୁଇଁଥିଲାବେଳେ କାରବାର ଶେଷ ବେଳକୁ ଏହା ୧୪୩୬.୩୦ ଅଙ୍କ ବୃଦ୍ଧି ଘଟି ପ୍ରାୟ ୮୦,୦୦୦ (୭୯,୯୪୩.୭୧ ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଛି। ଏପରିକି ନିଫ୍ଟି ୫୦ର କାରବାର ୨.୦୩% ବୃଦ୍ଧି ଘଟି ୨୪,୨୨୬.୭% ଅଙ୍କରେ ପହଞ୍ଚିଯାଇଥିଲାବେଳେ କାର୍ଯ୍ୟଦିବସ ଶେଷ ସୁଦ୍ଧା ଏହା ୧.୮୮% ବୃଦ୍ଧି ଘଟି ୨୪,୦୦୦ ( ୨୪,୧୮୮.୬୫ ଅଙ୍କ) ଅଙ୍କ ଉପରେ ଉପରେ ରହିଛି। ସେହିଭଳି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ଓ ସ୍ମଲକ୍ୟାପ କାରବାରରେ ପ୍ରାୟ ୨% ବୃଦ୍ଧି ଘଟିଥିଲାବେଳେ ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୧.୧୪% ବୃଦ୍ଧି ଘଟି ୫୮,୧୦୮.୨୦ ଅଙ୍କରେ ପହଞ୍ଚିଛି। ଏପରିକି ନିଫ୍ଟି ସ୍ମଲକ୍ୟାପ୍‌ର କାରବାର ୦.୬୩% ବୃଦ୍ଧି ଘଟି ୯୦୬୫.୨୦ ଅଙ୍କରେ ଥିଲାବେଳେ ବ୍ୟାଙ୍କିଙ୍ଗ୍ ୧.୦୭% ବୃଦ୍ଧି ଘଟି ୫୧,୬୦୫.୫୫ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିପରି ସେକ୍ଟରିଆଲ କ୍ଷେତ୍ରରେ ସମସ୍ତ ନିବେଶକ ଲାଭବାନ୍ ହୋଇଥିଲାବେଳେ ଅଟୋ (୩.୫%), ଆଇଟି (୨%) ଏବଂ ଏଫ୍‌ଏମ୍‌ସିଜି, ଅଏଲ ଆଣ୍ଡ ଗ୍ୟାସ୍, ପିଏସ୍‌ୟୁ, ରିଅଲିଟି ଏବଂ ବ୍ୟାଙ୍କ (୧%) ଆଦିର ନିବେଶକ ବୃଦ୍ଧି ହୋଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଭାବେ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇପାରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୪୩୬ (୧୪୩୬.୩୦) ପଏଣ୍ଟ ବଢି ପ୍ରାୟ ୭୯,୯୪୪ (୭୯,୯୪୩.୭୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ପ୍ରାୟ ୪୪୬ (୪୪୫.୭୫) ପଏଣ୍ଟ ବୃଦ୍ଧି ଘଟି ୨୪,୧୮୯ (୨୪,୧୮୮.୬୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ରିହାତି ମୂଲ୍ୟରେ ଷ୍ଟକ୍ ଅପ୍ସନ ପ୍ରଦାନ

**ନୂଆଦିଲ୍ଲୀ,୨।୧**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅଭିନବ ଯୋଜନା 'ଏମ୍ପ୍ଲଇ ଷ୍ଟକ୍ ଅପସନ୍ସ (ଇଏସ୍‌ଓପି)ର ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ସମସ୍ତ ବରିଷ୍ଠ କର୍ମଚାରୀଙ୍କ ପାଇଁ କର୍ମଚାରୀ ଷ୍ଟକ୍ ଅପ୍ସନ୍ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ଇଏସ୍‌ଓପି ଏବଂ ପ୍ରତିବନ୍ଧିତ ଷ୍ଟକ୍ ୟୁନିଟ୍ ବା ଆର୍‌ଏସ୍‌ୟୁ ମାଧ୍ୟମରେ ୧୨,୪୨,୭୩୬ ଷ୍ଟକ୍ ଅପ୍ସନ୍ ରିହାତି ମୂଲ୍ୟରେ ପ୍ରଦାନ କରାଯାଇଛି। ଏହିକ୍ରମରେ ଗତ ବର୍ଷ ଡିସେମ୍ବରରେ କମ୍ପାନୀ ଦେଇଥିବା ଷ୍ଟକ୍ ଅପ୍ସନକୁ ମଧ୍ୟ ଜାରି ରଖିଛି। ଏହି ଷ୍ଟକ୍ ଅପ୍ସନଗୁଡ଼ିକୁ ପ୍ରଦର୍ଶନ ଆଧାରରେ ୪ ବର୍ଷ ଧରି ଦିଆଯିବ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସିଏଚ୍‌ଆର୍‌ଓ (ମୁଖ୍ୟ ମାନବ ସମ୍ବଳ ଅଧିକାରୀ) ସୁଶୀଲ ବାଭେଜା କହିଛନ୍ତି, କର୍ମଚାରୀଙ୍କ ଅଭିବୃଦ୍ଧି ଉପରେ ଆମେ ଗୁରୁତ୍ୱ ଦେବା ସହ ମିଳିତ ସଫଳତା ପାଇଁ କମ୍ପାନୀ ସୁଯୋଗ ସୃଷ୍ଟି କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି। ଏଭଳି ପଦକ୍ଷେପ ଆମ କର୍ମଚାରୀମାନଙ୍କ ସମ୍ପତ୍ତି ବୃଦ୍ଧିକୁ ସକ୍ଷମ କରିବା ସହ ମାଲିକାନାରେ ଅଂଶୀଦାର ହେବାରେ ମଧ୍ୟ ସହାୟକ ହେବ। ଏହା କାର୍ଯ୍ୟକ୍ଷେତ୍ରରେ ଅଧିକ ସମ୍ପୃକ୍ତି, ପ୍ରେରଣା ଏବଂ ଆନୁଗତ୍ୟକୁ ପ୍ରୋତ୍ସାହିତ କରିଥାଏ। ପ୍ରତିବଦଳରେ ସମସ୍ତ ଅଂଶୀଦାର ଏହାଦ୍ୱାରା ଲାଭାନ୍ୱିତ ଏବଂ ଉତ୍ପାଦକତା ବୃଦ୍ଧି ହେବା ସହ ଆମ କମ୍ପାନୀ ସଂସ୍କୃତି ସୁଦୃଢ଼ ହେବ। ଏହାଦ୍ୱାରା ଲୋକେ ଓ ସଂସ୍ଥା ଉଭୟ ଲାଭ ପାଇବେ। ଚଳିତ ବର୍ଷ ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଏହା ଦ୍ୱିତୀୟ ଇଏସ୍‌ଓପି ଘୋଷଣା ହୋଇଛି। କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।

# ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ଏସ୍‌ସିଏଲ୍‌ର ବୁଝାମଣା

**ନୂଆଦିଲ୍ଲୀ,୧।୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସୋମାନି ସେରାମିକ୍ସ ଲିମିଟେଡ୍ (ଏସ୍‌ସିଏଲ୍) ଏବଂ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ୬ଷ୍ଠ ସଂସ୍କରଣ ପାଇଁ ଆସୋସିଏଟ ସ୍ପନ୍‌ସର ଭାବେ ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ଏସ୍‌ସିଏଲ୍ ସହଭାଗିତା କରିଛି। ଏହି ସହଭାଗିତାର ଅଂଶ ଭାବେ ସୋମାନିର ଲୋଗୋ ଉଭୟ ପୁରୁଷ ଓ ମହିଳା ଟିମ ଜର୍ସିର କୋଲାରରେ ପ୍ରଦର୍ଶିତ ହେବ। ସେହିଭଳି ସାତ ବର୍ଷର ବ୍ୟବଧାନ ପରେ ୨୦୨୪ ଡିସେମ୍ବର ୨୮ରୁ ୨୦୨୫ ଫେବୃଆରୀ ୧ ପର୍ଯ୍ୟନ୍ତ ରାଉରକେଲା ଓ ରାଞ୍ଚିଠାରେ ଏଚ୍‌ଆଇଏଲ୍‌ର ୬ଷ୍ଠ ସଂସ୍କରଣ ଆୟୋଜିତ ହେଉଛି। ଏ ସମ୍ପର୍କରେ ଏସ୍‌ସିଏଲ୍‌ର ଏମ୍‌ଡି ତଥା ସିଇଓ ଅଭିଷେକ ସୋମାନି କହିଛନ୍ତି, ସୋମାନି ସେରାମିକ୍ସ ହକି ଇଣ୍ଡିଆ ଲିଗ୍-୨୦୨୫ ପାଇଁ ଦିଲ୍ଲୀ ଏସ୍‌ଜି ପାଇପର୍ସ ସହ ସହଭାଗିତାକରି ବେଶ୍ ଉତ୍ସାହିତ ଅଛି। ଏହି ସହଭାଗିତା ଆମର 'ଜମିନ ସେ ଜୁଡେ' ନୀତିକୁ ପ୍ରତିଫଳନ କରୁଛି। ଠିକ୍ ଯେପରି ହକି ଆମ ଦେଶର ଉତ୍ସାହ ଓ ସ୍ଥିରତାକୁ ଧାରଣ କରିଛି। ଏହି ସହଭାଗିତା ଭାରତର କ୍ରୀଡା କ୍ଷେତ୍ରରେ ଶକ୍ତି, ମୂଳଦୁଆ ଓ ଗର୍ବର ବିରାସତକୁ ସୁଦୃଢ଼ କରୁଛି।



# Classified Everyday

0674-2580101, 9692975378




SALE

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - **9437581914.** D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399.** D-2395

**(A) Commercial plot, facing to NH Road, Nakhara to Niali NH 10000 sqft., 3 sides road, (B) Residential plot near Petal English Medium School 1250 sqft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-76405

ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ - **7008052921.** D-76228

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2459




Newly open health benefits spa by experience lady therapist. 8117972440. D-76182

Newly open health benefits spa special offer @799, Bapujinagar, 8018429809. D-76183

AFFIDAVIT

I, BAMALI SIBARAM REDDY, S/o Bamali Bhagirathi Reddy, born on 03.05.1988, residing At- Anangapur, P.O.- Kusapada, Via- Digapahandi, Ganjam, Odisha, Pin-761012 have changed my name to BAMALI SHIBARAM REDDY vide affidavit dated 27.12.2024 at Digapahandi. D-2467

As per affidavit before Executive Magistrate, I, Manoj Kumar Jena @ Manoj Das, S/o Bhagirathi Jena is one and same person. My name is LIC documents made bearing Policy No. 587525163, Manoj Das. Henceforth, I shall be known as Manoj Kumar Jena for all purposes in future. D-2457

By virtue of an affidavit sworn before Executive Magistrate, Bhadrak, I, Rajendra Kumar Parhi (53yrs.), Vill.- Chakabental, P.O.- Keshpur, P.S.- Bhadrak (R), Dist.- Bhadrak, presently residing at Biju Pattnaik Nagar, Samaraipur, Bhadrak declare that in School admission register my son Bhabasindhu Parhis father and mothers name is mentioned Rajendra Parhi and Banajini Mishra instead of Rajendra Kumar Parhi and Banajine Mishra. Hence, I declare parents both name are same person. D-2469

By virtue of an affidavit No.10790/ Dt. 26.12.2024 sworn before Executive Magistrate, Bhadrak, I Nikhat Bibi, W/o Sk Safiruddin, At- Kadarayan, P.O.- Gopinathpur, P.S. - Singla, Dist.- Balasore, Pin : 756030 declare that name of my minor son have changed from Sk Tafir to Sk Toufir Raza for all purposes. D-2470

**I, Santosh Bahadur Rajdeo Singh Thakur, S/o Rajdeo Chander Singh Thakur, resident of Block- 3/3B, BMC Bhabani Enclave, Saheed Nagar, P.O.- Saheednagar, Dist.- Khordha, Odisha, Pin 751007 declare by this affidavit No. 73 AA 993404, Dtd: 24.12.2024 that now onwards I shall be known as SANTOSH THAKUR for all Future Purpose.** D-2468

By virtue of an affidavit sworn before the Notary Public, Patnagarh, I, Sushila Tandi, W/o Damodar Mahananda, R/o At- Patrapali, P.O.- Kapani, P.S.- Belpada, Dist.- Balangir declare that in Bank of Baroda account my name has been recorded as Sushila Tandi. But in Aadhaar card my name has been mentioned as Sushila Mahananda. That both names is one and same person. D-2464

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଡକ୍ଟର ପ୍ରିୟମ୍ବଦା ଦାଶଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି**



ନୟାଗଡ଼ ଜିଲ୍ଲାର ଶରଣକୁଳ ନିକଟସ୍ଥ ବାଉଁଶିଆ ରଘୁନାଥପୁର ଶାସନ ଗ୍ରାମର ପଣ୍ଡିତ ସ୍ୱର୍ଗତ ବିନାୟକ ଦାଶ ଓ ହିରାମଣି ଦେବୀଙ୍କର ଚତୁର୍ଥ କନ୍ୟା ତଥା ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ବୃତ୍ତିନିବୃତ୍ତ ଅଧ୍ୟାପିକା ଶ୍ରୀମତୀ ପ୍ରିୟମ୍ବଦା ଦାଶଙ୍କୁ ଆନ୍ତର୍ଜାତିକ ଅନୁଷ୍ଠାନ American Merit Council ତରଫରୁ ସମାଜ ବିଜ୍ଞାନ ଓ ଧର୍ମ କ୍ଷେତ୍ରରେ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ୩୧।୧୨।୨୦୨୪ରେ ଭୂଷିତ କରାଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ଏହା ଓଡ଼ିଶାର ଧାର୍ମିକ ରାଜଧାନୀ ପୁରୀ ଟାଉନ୍ ହଲ୍‌ଠାରେ World Charity Welfare Foundation ଦ୍ୱାରା ଆୟୋଜିତ କରାଯାଇଥିଲା ଏବଂ ପଞ୍ଜାବ ୟୁନିଭର୍‌ସିଟିର ପ୍ରଫେସର ଅନ୍ୟାନ୍ୟ ଅତିଥିଙ୍କ ଗହଣରେ ଏହି ସମ୍ମାନ ପ୍ରଦାନ କରିଥିଲେ। ସେ ଆମ ଜିଲ୍ଲା ଓ ଶରଣକୁଳ ଅଞ୍ଚଳ ପାଇଁ ଗର୍ବ ଏବଂ ଗୌରବ ବୃଦ୍ଧି କରିଛନ୍ତି।

ଧ-୨୪୬୩

## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**୰ବିକ୍ରମ ପରିଡ଼ା**

ମାଧବ, ନିଆଳି

ଆବିର୍ଭାବ- ୨୩।୧୧।୧୯୪୫

ତିରୋଧାନ- ୩୦।୧୨।୨୦୧୯

ବାପା, ତୁମେ ଆମକୁ ଅସମୟରେ ଛାଡ଼ି ଚାଲିଗଲ। ତୁମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଥାଇ ଆମକୁ କଲ୍ୟାଣ କର। ତୁମର ସ୍ମୃତିକୁ ପାଥେୟ କରି ଆଗକୁ ଚାଲିବୁ। ସବୁବେଳେ ତୁମେ ଆମ ମନ ଭିତରେ ରହିବ। ତୁମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ଶୋକସନ୍ତପ୍ତ: ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ: ଲକି, ନାତି: ରିଙ୍କୁ, ଲିକୁ, ଗୁଡ୍ଡୁ, କ୍ରିଷ୍ଣା, ବନ୍ଧୁ ଓ ପରିବାରବର୍ଗ।

ଧ-୨୪୭୧

**ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ**



**୰ଶ୍ରୀମତୀ ମମତା ଦାଶ/ରଥ**

ସ୍ୱାମୀ-ପ୍ରଦ୍ୟୁମ୍ନ ରଥ

ଆବିର୍ଭାବ:୨୮.୦୬.୧୯୬୩

ତିରୋଧାନ:୧୬.୦୧.୨୦୧୩

ତୁମକୁ ଚିଠି-ତା୮.୮.୧୯୮୮

ରାତ୍ରିର ନୀରବତା ଭାଙ୍ଗିଦିଅ, ଶ୍ରାବଣର ରିମ୍‌ଝିମ୍ ଶବ୍ଦରେ ମୋ ଘରର ରୁଦ୍ଧଦ୍ୱାର ଖୋଲିଦିଅ ତୁମରି ବାହୁରେ। (ମମତା)

ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ

ପୁତ୍ର-ଡଃ ଅନିରୁଦ୍ଧ, ବୋହୂ-ରାକ୍ଷୀ, ନାତି-ରୁଦ୍ରାଦିତ୍ୟ, କନ୍ୟା- ଅଭିଷିକ୍ତା, କାଳିଆ, ମିନୁ, ଯସ୍ମିନ୍ ଏବଂ ସମସ୍ତ ବନ୍ଧୁ ଓ ପରିଜନ ବର୍ଗ

ଧ-୭୫୪୭୮

**ଏକାଦଶାହ ଉପଲକ୍ଷେ**



୰ବିଭୁଦେନ୍ଦୁ ପ୍ରସାଦ ମହାନ୍ତି(ଗୋରା)

ଆବିର୍ଭାବ - ୨୬.୧୧.୧୯୫୭

ତିରୋଧାନ - ୨୪.୧୨.୨୦୨୪

ବାପା ଏମିତି ହଠାତ୍ ତମେ ମତେ ଛାଡ଼ି ଚାଲିଯିବ ଭାବିନଥିଲି। ତୁମ ବିନା ଜୀବନ ଜିଇଁବା ଶିଖିନି। ହେଲେ ତୁମ ଭଲପାଇବା, ତୁମ ଆଦର୍ଶ, ତୁମ ଉପଦେଶକୁ ନେଇ ଆଗକୁ ବଢ଼ିବାକୁ ଚେଷ୍ଟା କରିବି।

ଇତି

ହତଭାଗ୍ୟ ଝିଅ ମୋନାଲିସା ମହାନ୍ତି ଓ ଶୋକସନ୍ତପ୍ତ ପରିବାରବର୍ଗ, ବାଟଗାଁ, ପୁରୀ



ଧ-୨୪୫୫



# ସିଆର୍‌ଆଇ ପମ୍ପ୍‌ସର ନୂଆ ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୨।୧**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସିଆର୍‌ଆଇ ଗ୍ରୁପ୍‌ର ଅଗ୍ରଣୀ ବ୍ରାଣ୍ଡ ସିଆର୍‌ଆଇ ପମ୍ପ୍‌ସକୁ ନିକଟରେ ଏକ ବୃହତ୍ ସଫଳତା ମିଳିଛି। ଏପରିକି କମ୍ପାନୀର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ସଫଳତା ପାଇଁ ବ୍ରାଣ୍ଡ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଅପରପକ୍ଷରେ ମାଗେଲ ତ୍ୟାଲା ସୌର କୃଷି ପମ୍ପ (ଏମ୍‌ଟିଏସ୍‌କେପି) ଅଧୀନରେ ମହାରାଷ୍ଟ୍ର ଷ୍ଟେଟ୍ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ଲିମିଟେଡ୍ (ଏମ୍‌ଏସ୍‌ଇଡିସିଏଲ୍), ମୁମ୍ବାଇର ମହାରାଷ୍ଟ୍ର ଦ୍ୱାରା ଏହି କମ୍ପାନୀକୁ ଆନୁଷ୍ଠାନିକ ଭାବେ ୭୫୪ କୋଟି ଟଙ୍କା ମୂଲ୍ୟର ୨୫,୦୦୦ ସୋଲାର ପମ୍ପିଂ ସିଷ୍ଟମ୍ ଯୋଗାଣ ପାଇଁ ତାଲିକାଭୁକ୍ତ କରାଯାଇଛି। ଏଥିରେ ସୂଚୀଭୁକ୍ତ ହେବା ସହ ସିଆର୍‌ଆଇ ପମ୍ପ୍‌ସ ଅକ୍ଷୟ ଶକ୍ତି ସମାଧାନ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ସହ ମହାରାଷ୍ଟ୍ରର କୃଷି କ୍ଷେତ୍ରକୁ ଶକ୍ତି ପ୍ରଦାନ କରିବା ଏବଂ ଏକ ସବୁଜ ତଥା ଅଧିକ ସ୍ଥାୟୀ ଭବିଷ୍ୟତରେ ଯୋଗଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ରହିଛି।

ଏ ସମ୍ପର୍କରେ ସିଆର୍‌ଆଇ ଗ୍ରୁପ୍ ଅଧ୍ୟକ୍ଷ ଜି.ସୌନ୍ଦରରଞ୍ଜନ କହିଛନ୍ତି, ଏହି ସୋଲାର ପମ୍ପିଂ ସିଷ୍ଟମ ଯୋଗାଣ ପାଇଁ ଏମ୍‌ଏସ୍‌ଇଡିସିଏଲ୍ ଦ୍ୱାରା ମନୋନୀତ ହେବା ନେଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ମୂଲ୍ୟବାନ୍ ଅର୍ଡର ବିଶ୍ୱସନୀୟ, ଶକ୍ତି-ଦକ୍ଷ, ସ୍ଥାୟୀ ପମ୍ପିଂ ସମାଧାନ ବିକଶିତ କରିବାରେ ଉଦ୍ଭାବନ ଏବଂ ଉତ୍କର୍ଷ ପ୍ରତି ସିଆର୍‌ଆଇର ଅତୁଟ ପ୍ରତିବଦ୍ଧତାକୁ ଆଲୋକପାତ କରୁଛି। ଆମର ଦୃଢ଼ କାର୍ଯ୍ୟକାରୀ ଦକ୍ଷତା, ଗଭୀର ଶିଳ୍ପ ଦକ୍ଷତା ଏବଂ ବିଭିନ୍ନ ଅଞ୍ଚଳରେ ବ୍ୟାପକ ନେଟ୍‌ୱର୍କ ସହ ସିଆର୍‌ଆଇ ପମ୍ପ୍‌ସ ଏହି ସିଷ୍ଟମଗୁଡ଼ିକର ନିରବଚ୍ଛିନ୍ନ ବିତରଣ ଏବଂ ସ୍ଥାପନକୁ ସୁନିଶ୍ଚିତ କରୁଛି। ଅକ୍ଷୟ ଶକ୍ତି କ୍ଷେତ୍ରରେ ବିଶ୍ୱବ୍ୟାପୀ ପରିବର୍ତ୍ତନ ତ୍ୱରାନ୍ୱିତ ହେଉଥିବା ବେଳେ ସିଆରଆଇ ପମ୍ପ ସୋଲାର ପମ୍ପିଂ ସିଷ୍ଟମ୍ ପ୍ରଦାନ କରିବା ପାଇଁ ଗଭୀର ଭାବେ ଉତ୍ସର୍ଗୀକୃତ ରହିଛି। ଯାହା ପରିବେଶ ପରିଚାଳନାକୁ ପ୍ରୋତ୍ସାହିତ ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରୁଛି। ୧୭୦,୦୦୦ରୁ ଅଧିକ ସୋଲାର ପମ୍ପିଂ ସିଷ୍ଟମ୍ ଏବଂ ଆଇଓଟି-ସମର୍ଥିତ ସ୍ମାର୍ଟ ପମ୍ପର ସଫଳ ପ୍ରତିଷ୍ଠା ସହ ସିଆର୍‌ଆଇ ପମ୍ପ୍‌ସ ସ୍ଥାୟୀ ଉଦ୍ଭାବନରେ ନୂତନ ମାନଦଣ୍ଡ ସୃଷ୍ଟି କରିବା ଜାରି ରଖିଛି। ଏହାର ଉନ୍ନତ ପମ୍ପିଂ ଜ୍ଞାନକୌଶଳ ମାଧ୍ୟମରେ ସିଆର୍‌ଆଇ ପମ୍ପ୍‌ସ ପ୍ରାୟ ୫,୨୦୦ ନିୟୁତ ୟୁନିଟର କେଡବ୍ଲ୍ୟୁଏଚ୍ ଶକ୍ତି ସଞ୍ଚୟ ଏବଂ ୪.୧୩ ନିୟୁତ ଟନ୍ କାର୍ବନ ନିର୍ଗମନ ହ୍ରାସ ସହ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି।

# ଏଆଇର ଉପଯୋଗ ବଢ଼ାଉଛି ବିଦ୍ୟୁତ୍ ଶକ୍ତି ବ୍ୟବହାର

**ଭୁବନେଶ୍ୱର,୨।୧( ମହାରଣା)**

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏହା ବିଦ୍ୟୁତ୍ ଶକ୍ତି ଉପଯୋଗକୁ ମଧ୍ୟ ବଢ଼ାଇଛି। ବର୍ତ୍ତମାନ ପ୍ରତି କ୍ଷେତ୍ରରେ ଚାଟଜିପିଟି, ଗୁଗଲ ଜେମିନି, ମେଟା ଏଆଇ ଭଳି ଏଆଇ ଟୁଲ୍‌ସ ବ୍ୟବହାର କରାଯାଉଛି। ଏସବୁ ଏଆଇ ଟୁଲ୍‌ସ ବ୍ୟବହାର ସହଜ, ମାତ୍ର ଏହି ଏଆଇ ସର୍ଭର ଯେଉଁ ଡାଟା ପ୍ରୋସେସ୍ କରନ୍ତି ସେଥିପାଇଁ ବିଜୁଳି ବ୍ୟବହାର ହେଉଛି। ଏହି ଡାଟା ସେଣ୍ଟରଗୁଡ଼ିକର ବିଜୁଳି ବ୍ୟବହାର ପରିମାଣ ଏତେ ମାତ୍ରାରେ ବଢ଼ିଯାଇଛି ଯେ ଆଗାମୀ ଦିନରେ ଗୋଟିଏ ସହର ପାଇଁ ଆବଶ୍ୟକ ପରିମାଣର ବିଜୁଳି ଏଥିରେ ବ୍ୟବହାର ହେବ ବୋଲି ମତ ପ୍ରକାଶ ପାଇଛି। ଏହି ଡାଟା ସେଣ୍ଟର କେବଳ ସଫ୍ଟୱେର ବା ଆପ୍ଲିକେଶନ ଚାଳନା ପାଇଁ କାର୍ଯ୍ୟକରେ ନାହିଁ ବରଂ ବ୍ୟବସାୟ ଓ ଉପଭୋକ୍ତାଙ୍କ ନିତିଦିନିଆ ବ୍ୟବହାରରେ ଲାଗୁଛି। ଡିଜିଟାଲ ଯୁଗରେ ଯେକୌଣସି କ୍ଷେତ୍ରରେ ଏଆଇର ବ୍ୟବହାର ତଥା ଡାଟା ପ୍ରୋସେସିଂ ପାଇଁ ଡାଟା ସେଣ୍ଟରର ପରିସର ମଧ୍ୟ ବୃଦ୍ଧି ହେବାରେ ଲାଗିଛି। ଗତ ୧୦ ବର୍ଷ ମଧ୍ୟରେ ଏଥିରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହେଉଛି। ସେହି ଅନୁରୂପ ବିଦ୍ୟୁତ୍ ଶକ୍ତି ଚାହିଦା ମଧ୍ୟ ବଢ଼ୁଛି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ହାତୀ ମୃତ



ଦିଗପହଣ୍ଡି,୨।୧
(ଅଶେଷ ନାଥ ମିଶ୍ର)

## ଆଖୁ ବିଲ ବାଡ଼ରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା

ଗଞ୍ଜାମ ଜିଲା ଦିଗପହଣ୍ଡି ରେଞ୍ଜ ପାଟପୁର ସେକ୍ସନ ଗଙ୍ଗାପୁର ପଞ୍ଚାୟତ ପ୍ରଥମ ଢେପାଗୁଡ଼ା ଗାଁ ନିକଟ ଆଖୁବିଲ ବାଡ଼ରେ ଖଞ୍ଜା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଗୁରୁବାର ଭୋର୍‌ରେ ଏହା ଜଣାପଡ଼ିବା ପରେ ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ଡିଏଫ୍‌ଓ ସୋନି ଖୋକର, ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ, ବନବିଭାଗ ସାଇଣ୍ଟିଫିକ ଟିମ୍,ପାଟପୁର ପୋଲିସ, ବିଦ୍ୟୁତ ବିଭାଗ ଅଧିକାରୀ ଏବଂ ପ୍ରାଣୀ ଚିକିତ୍ସକ ଟିମ୍ ସେଠାରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ବିଦ୍ୟୁତ୍ ତାର ଜବତ କରାଯାଇଛି। ଶୁକ୍ରବାର ହାତୀର ବ୍ୟବଚ୍ଛେଦ କରାଯିବ। ହାତୀର ବୟସ ପ୍ରାୟ ୨୫ବର୍ଷ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ କିଛିବର୍ଷ ହେଲା ନିକଟସ୍ଥ ରତନେଇ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଦନ୍ତା ସମେତ ୫ ଟିକିଆ ହାତୀପଲ ରହୁଛନ୍ତି। ଧାନ ଅମଳ ସମୟରେ ହାତୀପଲ ଧାନ ଖାଇବାକୁ ଜନବସତି ଆଡ଼କୁ ଆସୁଛନ୍ତି। ଢେପାଗୁଡ଼ା ଗ୍ରାମ ନିକଟ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବିଦ୍ୟୁତ ତାର ସଂଯୋଗ କରାଯାଉଥିବା ନେଇ ପୂର୍ବରୁ କେତେଜଣ ବ୍ୟକ୍ତି ଅଭିଯୋଗ କରି ଆସୁଥିଲେ ମଧ୍ୟ ବନ କର୍ମଚାରୀମାନେ ସେଥିପ୍ରତି ଧ୍ୟାନ ଦେଇ ନ ଥିଲେ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବା ନେଇ ବନବିଭାଗ ପୂର୍ବରୁ ବିଦ୍ୟୁତ ବିଭାଗକୁ ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଡିଏଫ୍‌ଓ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ହାତୀ ମୃତ୍ୟୁ ନେଇ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ପରେ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ କହିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ

ବାରିପଦା,୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଧାନପୋତା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଲୀପ ସିଂ(୩୫)। ଏ ସଂକ୍ରାନ୍ତରେ ବନ ବିଭାଗ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନରେ ଏକ ଦନ୍ତାହାତୀ ଦିଲୀପଙ୍କୁ ପାଦରେ ଦଳିଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ବଡ଼ସାହି ବିଧାୟକ ସନାତନ ବିଜୁଳି ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ କ୍ଷତିପୂରଣ ଦେବା ପାଇଁ ବାରିପଦା ବନଖଣ୍ଡ ଅଧିକାରୀ ଓ ରେଞ୍ଜରଙ୍କ ସହ କଥାବାର୍ତ୍ତା ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ସପ୍ତାହେ ହେଲା ବଡ଼ସାହି ବ୍ଲକ୍ ଅଞ୍ଚଳରେ ହାତୀପଲ ଉତ୍ପାତ ଚଳାଇ ଆସୁଛନ୍ତି। ପରିବା କ୍ଷେତ ଓ କଦଳୀ ବଗିଚାରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇ ଚାଲିଛନ୍ତି। ଏନେଇ ଅଞ୍ଚଳରେ ଆତଙ୍କ ଖେଳିଯାଇଥିବା ବେଳେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

# ୨୭ ଭାଗ ସଂରକ୍ଷଣ ଦାବି କଲା ରାଜ୍ୟ ଓବିସି ଫୋରମ

ଭୁବନେଶ୍ୱର,୨।୧(ସୁଚିସ୍ମିତା ସାହୁ)

ଦୁଇବର୍ଷ ଭିତରେ ରାଜ୍ୟରେ ଖାଲିଥିବା ୧ଲକ୍ଷ ୧୦ହଜାର ୫୫୭ ପଦବୀରୁ ୬୫ହଜାର ପଦବୀ ପୂରଣ କରାଯିବ। ବୁଧବାର ଅନୁଷ୍ଠିତ ବିଭିନ୍ନ ନିଯୁକ୍ତି ଆୟୋଗ ଅଧ୍ୟକ୍ଷଙ୍କ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ସୂଚନା ଦେଇଥିଲେ। ତେବେ ଏହାକୁ ନେଇ ଓବିସି ଫୋରମ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖାଯାଇଛି। ସେଥିରେ ଫୋରମ୍‌ର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଉଲ୍ଲେଖ କରିଛନ୍ତି ଯେ, ଏହି ନିଯୁକ୍ତି ପ୍ରକ୍ରିୟାରେ ରାଜ୍ୟର ବହୁ ଓବିସି ବର୍ଗର ପ୍ରାର୍ଥୀ ବଞ୍ଚିତ ହେବେ। ମାତ୍ର ୭୩୧୨ ଓବିସି ପ୍ରାର୍ଥୀ ନିଯୁକ୍ତି ପାଇବେ। ତେଣୁ ଏହା ପୂର୍ବରୁ ରାଜ୍ୟ ସରକାର ଓବିସି ବର୍ଗ ଲାଗି ୧୧.୨୫ ପ୍ରତିଶତ ବଦଳରେ କେନ୍ଦ୍ର ସରକାରଙ୍କ ଭଳି ୨୭% ସଂରକ୍ଷଣ ସୁନିଶ୍ଚିତ କରନ୍ତୁ। ଏହା ଲାଗୁ ହେଲେ ଏହି ବର୍ଗର ୧୭ ହଜାର ୫୫୦ଜଣ ପ୍ରାର୍ଥୀ ନିଯୁକ୍ତି ସୁଯୋଗ ପାଇପାରିବେ। ନଚେତ ୧୦ ହଜାର ୨୩୮ ପଦବୀରେ ଓବିସି ବର୍ଗର ପ୍ରାର୍ଥୀ ଚାକିରି ପାଇବାରୁ ବଞ୍ଚିତ ହେବେ। ଏଥିସହ ମେଡ଼ିକାଲ, ଇଞ୍ଜିନିୟରିଂ ସମେତ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖା ଓ ପଞ୍ଚାୟତିରାଜ, ଜିଲା ପରିଷଦ ନିର୍ବାଚନରେ ୨୭ ଭାଗ ଓବିସି ସ୍ଥାନ ସଂରକ୍ଷଣ ଦେବାକୁ ସେ ଦାବି କରିଛନ୍ତି। ଏହା ବ୍ୟତୀତ ବିଜେଡି ସରକାର ସମୟରେ ହୋଇଥିବା ଓବିସି ସର୍ବେକ୍ଷଣ ରିପୋର୍ଟ ପ୍ରକାଶ କରିବାକୁ ଫୋରମ ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ହାଇୱା ପଛରେ ପିଟିହୋଇ ୨ ସାଙ୍ଗ ମୃତ

## ମା’ ତାରିଣୀଙ୍କୁ ଦର୍ଶନ କରି ବାଇକ୍‌ରେ ଫେରୁଥିଲେ

ଢେଙ୍କାନାଳ,୨।୧(ରତନ ନାୟାର)

ଢେଙ୍କାନାଳ,୨।୧(ରତନ ନାୟାର)- ନୂଆବର୍ଷରେ ଘଟଗାଁ ଯାଇ ମା’ ତାରିଣୀଙ୍କୁ ଦର୍ଶନ କରିଥିଲେ। ଏହାପରେ ବାଇକ୍‌ରେ ଫେରୁଥିବା ବେଳେ ବୁଧବାର ବିଳମ୍ବିତ ରାତିରେ ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟିବାରୁ ଘଟଣାସ୍ଥଳରେ ୨ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ଭାପୁର ଫାଣ୍ଡି କୋଇଲିପଙ୍ଗି ଗ୍ରାମର ତପନ ଦୋରା(୩୧) ଓ ପୁରୀ ଜିଲା ନିମାପଡ଼ା ଥାନା ଛଅବାଟି ଅଞ୍ଚଳର ଅର୍ଜୁନ କୁମାର ସ୍ୱାଇଁ(୩୧)।

ସୂଚନା ଅନୁଯାୟୀ, ଦୁଇ ସାଙ୍ଗ ତପନ ଓ ଅର୍ଜୁନ ନୂଆବର୍ଷରେ ମା’ ତାରିଣୀଙ୍କୁ ଦର୍ଶନ କରିବାକୁ ବାଇକ୍‌ରେ ଘଟଗାଁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ବିଳମ୍ବିତ ରାତିରେ ଢେଙ୍କାନାଳ ଜିଲା ଗେଙ୍ଗୁଟିଆସ୍ଥିତ ବ୍ରାହ୍ମଣୀ ନଦୀର ସାରଙ୍ଗଧର ସେତୁ ଉପରେ ଅଚଳ ହୋଇ ଠିଆ ହୋଇଥିବା ହାଇୱା ପଛରେ ପିଟିହୋଇ ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଢେଙ୍କାନାଳ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ଦୀପକ କୁମାର ଲେଙ୍କା ସୂଚନା ଦେଇଛନ୍ତି।



























ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩/୨୦୨୫ Bhubaneswar, Friday, January 3/ 2025

# ଭିନ୍ନ ମୋଡ଼ରେ ରୋହିତଙ୍କ କ୍ୟାରିୟର

**ସିଡ୍‌ନୀ, ୨।୧ (ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପଞ୍ଚମ ତଥା ସିରିଜର ଅନ୍ତିମ ଟେଷ୍ଟ ମ୍ୟାଚ ଏଠାରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଫର୍ମରେ ନ ଥିବା ଅଧିନାୟକ ରୋହିତ ଶର୍ମା ଚୂଡ଼ାନ୍ତ ଏକାଦଶରୁ ବାଦ୍ ପଡ଼ିପାରନ୍ତି। ତାଙ୍କୁ ଯଦି ଖେଳା ନ ଯାଏ ତେବେ ତାଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇପାରେ। ଶୁକ୍ରବାର ମ୍ୟାଚରେ ରୋହିତଙ୍କୁ ଖେଳାଯିବ କି ନା ସେ ନେଇ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ପଚରାଗଲା। ପିଚ୍ ଦେଖିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଏଥିରୁ ସୂଚନା ମିଳୁଛି ରୋହିତଙ୍କୁ ୫ମ ଟେଷ୍ଟରେ ଖେଳା

**ଭାରତ-ଅଷ୍ଟ୍ରେଲିଆ ୫ମ ଟେଷ୍ଟ ଆଜିଠାରୁ**

ନ ଯିବା ସମ୍ଭାବନା ଅଧିକ। ରୋହିତ ଗତ ୫ଟି ଇନିଂସରେ ମୋଟ ୩୧ରନ ସଂଗ୍ରହ କରିଛନ୍ତି। ଯଦି ସେ ବାଦ୍ ପଡ଼ନ୍ତି ତେବେ ଖରାପ ଫର୍ମ ପାଇଁ ଦଳରୁ ବାଦ୍ ପଡ଼ିବାରେ ସେ ପ୍ରଥମ ଭାରତୀୟ ଅଧିନାୟକ ହେବେ। ଅନ୍ୟପକ୍ଷରେ ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଏବେ ଜବରଦସ୍ତ ଫର୍ମରେ ଅଛନ୍ତି। ସେ ୪ଟି ମ୍ୟାଚରେ ୨୦ ଆଭରେଜରେ ୩୦ ଉଇକେଟ ଅକ୍ତିଆର କରିଛନ୍ତି। ପର୍ଥରେ ଅନୁଷ୍ଠିତ ସିରିଜ ଓପନରରେ ବୁମ୍‌ରାଙ୍କ ଅଧିନାୟକତ୍ୱରେ ଭାରତ ଚଳିତ ସିରିଜର ଏକ ମାତ୍ର ବିଜୟ ହାସଲ କରିପାରିଛି।

**କ'ଣ କରିବେ ରୋହିତ**

ମହେନ୍ଦ୍ର ସିଂ ଧୋନୀ ଓ ଅନିଲ କୁମ୍ବଲେ ଟେଷ୍ଟ ସିରିଜ ମଧ୍ୟରେ ସେମାନଙ୍କର ଅବସର ନେଇଛନ୍ତି। ରୋହିତ କିନ୍ତୁ ଖରାପ ଫର୍ମ ପାଇଁ ଦଳରୁ ବାଦ୍ ପଡ଼ିବାକୁ ଯାଉଛନ୍ତି। ଗମ୍ଭୀର ତାଙ୍କ ମତ ସ୍ପଷ୍ଟ କରିଛନ୍ତି ଯେ, ଭଲ ପ୍ରଦର୍ଶନ କରିପାରୁଥିବା ଖେଳାଳି ଡ୍ରେସିଂ ରୁମ୍‌ରେ ନେତୃତ୍ୱ ନେଇପାରିବେ। ଗତ ମ୍ୟାଚ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯାଇଥିଲା। ଏହା ଏକ ଭଲ ଟ୍ରାକ୍ ହୋଇଥିଲେ ମଧ୍ୟ ରୋହିତଙ୍କ ବ୍ୟାଟ ନୀରବ ରହିଥିଲା। ଗମ୍ଭୀର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାକୁ ଖେଳାଳିଙ୍କ ସମ୍ପର୍କରେ ଯଦିଓ କିଛି କହି ନ ଥିଲେ, ତେବେ ତାଙ୍କ କଥାବାର୍ତ୍ତାରୁ ଯାହା ଅନୁମାନ କରାଯାଉଛି ଶୁବମନ ଗିଲଙ୍କୁ ୩ନମ୍ବର ସ୍ଥାନରେ ବ୍ୟାଟିଂ କରିବାଲାଗି କୁହାଯାଇ ପାରେ। ଭାରତ ଏହି ସିରିଜରେ ୧-୨ରେ ପଛୁଆ ରହିଛି। ଅଷ୍ଟ୍ରେଲିଆ ଯଦି ୫ମ ଟେଷ୍ଟ ଜିତିଯାଏ ତେବେ ଲର୍ଡ୍ସଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ପାଇଁ ସ୍ଥାନ ପକ୍କା କରି ନେବ। ଅନ୍ୟପକ୍ଷରେ ଭାରତ ପାଇଁ ଡବ୍ଲ୍ୟୁଟିସି ଫାଇନାଲ ଯୋଗ୍ୟତା ହାସଲ କରିବା କଷ୍ଟକର। ପ୍ରଥମତଃ ଦଳକୁ ସିଡ୍‌ନୀ ଟେଷ୍ଟ ଜିତିବାକୁ ପଡ଼ିବ। ଦ୍ୱିତୀୟତଃ ଅଷ୍ଟ୍ରେଲିଆ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଘରୋଇ ସିରିଜର ଗୋଟିଏ ହେଲେ ମ୍ୟାଚରେ ଶ୍ରୀଲଙ୍କା ନ ହାରିବା ଦରକାର। ରୋହିତ ହୁଏତ ଅବସର ନେଇପାରନ୍ତି ଅବା ନ ନେଇପାରନ୍ତି କିନ୍ତୁ ସିଡ୍‌ନୀ ପରେ ପାରମ୍ପରିକ ଫର୍ମାଟକୁ ଫେରିବା ସହଜ କଥା ନୁହେଁ। ଚୂଡ଼ାନ୍ତ ଦଳରେ ସ୍ଥାନ ନ ପାଇବାରୁ ରବିଚନ୍ଦ୍ରନ ଅଶ୍ୱିନ ସିରିଜ ମଧ୍ୟରେ ତାଙ୍କର ଅବସର ଘୋଷଣା କରି ସ୍ୱଦେଶ ଫେରିଯାଇଛନ୍ତି। ଖରାପ ଫର୍ମ ଯୋଗୁ ରୋହିତ ଦଳ ଉପରେ ତାଙ୍କର କର୍ତ୍ତୃତ୍ୱ ହରାଇ ବସିଛନ୍ତି। ଗମ୍ଭୀର ରିଷଭ ପନ୍ତଙ୍କ ଉପରେ ମଧ୍ୟ ନଜର ରଖିଛନ୍ତି। ତାଙ୍କୁ ଦଳରୁ ବାଦ୍ ଦେଇ ତାଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ନେବା ଲାଗି ବିଚାର କରୁଥିବା କୁହାଯାଉଛି। ଗୁରୁବାର ପ୍ରାକ୍ଟିସ ସେଶନରେ ସିନିୟର ଖେଳାଳିଙ୍କ ଭଳି ଜୁରେଲଙ୍କୁ ମଧ୍ୟ ସମାନ ସୁଯୋଗ ଦିଆଯାଇଥିଲା। ପନ୍ତ ଉପ ଅଧିନାୟକ ଯଶପ୍ରୀତ ବୁମ୍‌ରାଙ୍କ ସହିତ ଦୀର୍ଘ ସମୟ ଧରି ଆଲୋଚନା କରୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଆଘାତପ୍ରାପ୍ତ ଯୋଗୁ ଆକାଶ ଦୀପ ଓହରି ଯାଇଥିବାରୁ ତାଙ୍କ ସ୍ଥାନରେ କୋଚ୍‌ଙ୍କ ଫେଭରାଇଟ୍ ହର୍ଷିତ ରାଣାଙ୍କୁ ସୁଯୋଗ ମିଳିପାରେ। ଅପରପକ୍ଷରେ ଷ୍ଟିଭ ସ୍ମିଥ୍ ଓ ମାର୍ନସ ଲାବୁସେନ ଫର୍ମକୁ ଫେରିଥିବା ଅଷ୍ଟ୍ରେଲିଆ ଅଧିକ ଶକ୍ତିଶାଳୀ ହୋଇପାରିଛି। ଅଷ୍ଟ୍ରେଲିଆ ଦଳ ତରଫରୁ ପଦାର୍ପଣ କରିପାରନ୍ତି ଅଲରାଉଣ୍ଡର ବିୟୁ ଓେବଷ୍ଟର। ଫର୍ମରେ ନ ଥିବା ମିଚେଲ ମାର୍ଶଙ୍କ ସ୍ଥାନରେ ତାଙ୍କୁ ଦଳରେ ନିଆଯାଇପାରେ। ଅଧିନାୟକ ପ୍ୟାଟ କୁମିନ୍ସଙ୍କ କହିବା ଅନୁସାରେ ପିଚ୍ ସିମ୍ ବୋଲିଂକୁ ସୁହାଇବ। ଫାଷ୍ଟ ବୋଲରମାନେ ଏଥିରୁ ଫାଇଦା ଉଠାଇପାରିବେ।


ନେଟ୍ସ ଅବସରରେ ଯଶପ୍ରୀତ୍ ବୁମ୍‌ରା ଓ ଗୌତମ ଗମ୍ଭୀର।

# ନରସଂହାରରୁ ବର୍ତ୍ତିଥିବା ସବୁଠାରୁ ବୟସ୍କା ଅଲିମ୍ପିକ ପଦକ ବିଜେତାଙ୍କ ଦେହାନ୍ତ


୯୧ ବର୍ଷ ବୟସରେ ଜିମ୍ନାଷ୍ଟିକ୍ସ କୌଶଳ ପ୍ରଦର୍ଶନ ଅବସରରେ ଆଗ୍ନିସ କେଲେଟି।

**ୟୁକେ, ୨।୧**

ବିଶ୍ୱର ସବୁଠାରୁ ବୟସ୍କା ଅଲିମ୍ପିକ ପଦକ ବିଜେତା ଆଗ୍ନିସ କେଲେଟିଙ୍କ ୧୦୩ ବର୍ଷ ବୟସରେ ପରଲୋକ ଘଟିଛି। ଏକ ନରସଂହାରରୁ ବର୍ତ୍ତି ଯାଇଥିବା ଏହି ଆଥ୍‌ଲେଟ ଜଣକ ହଙ୍ଗେରୀ ତରଫରୁ ପ୍ରତିନିଧିତ୍ୱ କରି ଜିମ୍ନାଷ୍ଟିକ୍ସରେ ୫ସ୍ୱର୍ଣ୍ଣ ସମେତ ୧୦ ଅଲିମ୍ପିକ ପଦକ ହାସଲ କରିଛନ୍ତି। କ୍ରିସ୍‌ମସ ଦିନ ନିମୋନିଆରେ ପୀଡ଼ିତ ହୋଇ କେଲେଟି ବୁଦାପେଷ୍ଟସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। କେଲେଟିଙ୍କୁ ସବୁଠାରୁ ସଫଳ ଇହୁଦୀ ଅଲିମ୍ପିକ ଆଥ୍‌ଲେଟ ଭାବେ ବିବେଚନା କରାଯାଇଥାଏ। ସେ ୧୯୫୨ ହେଲସିଙ୍କି ଗେମ୍ସ ଏବଂ ୧୯୫୬ ମେଲବୋର୍ନ ଗେମ୍ସରେ ତାଙ୍କ ପଦକଗୁଡ଼ିକ ଜିତିଥିଲେ। ସେ ତାଙ୍କ ୧୦୦ତମ ଜନ୍ମଦିବସ ପାଳନ ଅବସରରେ ନିଜକୁ ଜଣେ ୬୦ବର୍ଷୀୟା ବୋଲି ଅନୁଭବ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁ ୧୯୪୦ ଓ ୧୦୪୪ ଅଲିମ୍ପିକ୍ସକୁ ବାତିଲ କରାଯାଇଥିଲା। ଏହା ତାଙ୍କ ଉଜ୍ଜ୍ୱଳ କ୍ୟାରିୟରରେ ବାଧା ସୃଷ୍ଟି କରିଥିଲା। ସେ ଇହୁଦୀ ସମ୍ପ୍ରଦାୟର ହୋଇଥିବାରୁ ୧୯୪୧ରେ ତାଙ୍କୁ ଜିମ୍ନାଷ୍ଟିକ୍ସ ଦଳରୁ ବାହାର କରିଦିଆଯାଇଥିଲା। ପରେ ସେ ଏକ ନରସଂହାରରୁ ବର୍ତ୍ତିବାକୁ ଯାଇ ହଙ୍ଗେରୀର ଗ୍ରାମାଞ୍ଚଳରେ ନିଜ ପରିଚୟ ଗୋପନ ରଖି ଜଣେ ଚାକରାଣୀ ଭାବେ କାର୍ଯ୍ୟ କରିଥିଲେ। ବିଶିଷ୍ଟ ସ୍ୱିଡିଶ କୂଟନୀତିଜ୍ଞ ରାଓଲ ୱାଲେନବର୍ଗଙ୍କ ସହାୟତାରେ ତାଙ୍କ ମା' ଓ ଭଉଣୀ ଯୁଦ୍ଧରୁ ବଞ୍ଚିଯାଇଥିଲେ। ମାତ୍ର ତାଙ୍କ ପିତା ଓ ଅନ୍ୟ ସମ୍ପର୍କୀୟମାନଙ୍କ ମୃତ୍ୟୁ ଘଟିଥିଲା। ନାଜି ଡେଥ୍ କ୍ୟାମ୍ପଗୁଡ଼ିକରେ ଅଧା ନିୟୁତ ହଙ୍ଗେରିଆନ ଇହୁଦୀଙ୍କୁ ହତ୍ୟା କରାଯାଇଥିଲା।


ଜାତୀୟ ଟେଟ୍ରାଥଲନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ନାସିକ ଯାତ୍ରା ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ବିଦାୟୀ ଶୁଭେଚ୍ଛା କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଦଳ।

# ଅର୍ଜୁନ ପୁରସ୍କାର ପାଇବେ ୩୨ କ୍ରୀଡ଼ାବିତ୍

**ନୂଆଦିଲ୍ଲୀ, ୨।୧ (ପି.ଟି.)**

ପାରାଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା ୧୭ ପାରା-ଆଥ୍‌ଲେଟ୍‌ଙ୍କ ସମେତ ୩୨ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯିବ। ଗୁରୁବାର କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହା ପ୍ରକାଶ କରାଯାଇଛି। ପ୍ୟାରିସ୍ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ପଦକ ପାଇଥିବା ଅଧିକାଂଶ କ୍ରୀଡ଼ାବିତ୍‌ଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଗତ ପାରାଲିମ୍ପିକ୍ସରେ ପାରା-ଆଥ୍‌ଲେଟ୍‌ମାନେ ଚମତ୍କାର ପ୍ରଦର୍ଶନକରି ୭ ସ୍ୱର୍ଣ୍ଣ ଓ ୯ ରୌପ୍ୟ ସହ ମୋଟ ୨୯ ପଦକ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ପ୍ରିଣ୍ଟର ଜ୍ୟୋତି ୟାରାଜି, ଜାଭେଲିନ୍ ଥ୍ରୋୟର ଅନୁ ରାଣୀ, ମହିଳା ହକି ଦଳର ଅଧିନାୟିକା ସାଲିମା ଟେଟେ, ବିଶ୍ୱ ଚାମ୍ପିୟନ ବକ୍ସର ନିତୁ ଘଙ୍ଗାସ ଓ ସ୍ୱିଟି, ଭେଟେରାନ ସୁଇମର ସାଜନ ପ୍ରକାଶ, ଅଲିମ୍ପିଆଡ୍ ସ୍ୱର୍ଣ୍ଣ ବିଜୟୀ ଚେସ୍ ଖେଳାଳି ଭାନ୍ତିକା ଅଗ୍ରୱାଲ ଓ ସ୍କାଶ ତାରକା ଅଭୟ ସିଂଙ୍କୁ ଅର୍ଜୁନ ପାଇଁ ମନୋନୀତ କରାଯାଇଛି। ଅର୍ଜୁନ ପୁରସ୍କାରପ୍ରାପ୍ତ କ୍ରୀଡ଼ାବିତ୍‌ଙ୍କୁ ୧୫ ଲକ୍ଷ ଟଙ୍କା ସହ ଅର୍ଜୁନଙ୍କର ଏକ ପ୍ରତିମୂର୍ତ୍ତି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥାଏ।

ଭାରତର ପ୍ରଥମ ପାରାଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ମୁରଲିକାନ୍ତ ରାଜାରାମ ପେଟକରଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ଅର୍ଜୁନ ପୁରସ୍କାର (ଲାଇଫ୍‌ଟାଇମ୍) ପାଇଁ ମନୋନୀତ କରାଯାଇଛି। ୧୯୭୨ ହିଡେଲବର୍ଗ ପାରାଲିମ୍ପିକ୍ସରେ ସେ ୫୦ ମିଟର ଫ୍ରିଷ୍ଟାଇଲ ସୁଇମିଂରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଜଣେ ଆର୍ମି ମ୍ୟାନ୍ ପେଟକର ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଗୁଳିବିଦ୍ଧ ହୋଇ ଭିନ୍ନକ୍ଷମ ପାଲଟିଯାଇଥିଲେ। ପରେ ସେ ନିଜକୁ ଜଣେ ପାରା-ଆଥ୍‌ଲେଟ୍‌ଭାବେ ପରିଚିତ କରାଇଥିଲେ। ତାଙ୍କ ଆତ୍ମଜୀବନୀକୁ ନେଇ 'ଚନ୍ଦୁ ଚାମ୍ପିୟନ' ନାମରେ ଏକ ଚଳଚ୍ଚିତ୍ର ନିର୍ମାଣ କରାଯାଇଥିଲା। ସେଥିରେ କାର୍ତ୍ତିକ ଆର୍ଯ୍ୟନ ଅଭିନୟ କରିଥିଲେ। ଆଥ୍‌ଲେଟ୍ ସୁଚା ସିଂଙ୍କୁ ମଧ୍ୟ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ଏହା ବ୍ୟତୀତ କୋଚିଂ କ୍ଷେତ୍ରରେ ଉତ୍କର୍ଷ ପାଇଁ ଦ୍ରୋଣାଚାର୍ଯ୍ୟ ଏବଂ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ମଧ୍ୟ ପ୍ରଦାନ କରାଯିବ।

## ପୁରସ୍କାର ତାଲିକା

ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ (୪): ଡି. ଗୁକେଶ (ଚେସ୍), ହରମନପ୍ରୀତ ସିଂ (ହକି), ପ୍ରବୀଣ କୁମାର (ପାରା-ଆଥ୍‌ଲେଟିକ୍ସ), ମନୁ ଭାକର (ଶୁଟିଂ)।

ଅର୍ଜୁନ (୩୨): ଜ୍ୟୋତି ୟାରାଜି, ଅନୁ ରାଣୀ (ଉଭୟେ ଆଥ୍‌ଲେଟିକ୍ସ), ନୀତୁ, ସ୍ୱିଟି (ଉଭୟେ ବକ୍ସିଂ), ଭାନ୍ତିକା ଅଗ୍ରୱାଲ (ଚେସ୍), ସାଲିମା ଟେଟେ, ଅଭିଷେକ, ସଞ୍ଜୟ, ଜରମନପ୍ରୀତ ସିଂ, ସୁଖଜିତ ସିଂ (ସମସ୍ତେ ହକି), ରାକେଶ କୁମାର, ପ୍ରୀତି ପାଲ୍, ଜିଭଞ୍ଜି ଦୀପ୍ତି, ଅଜିତ ସିଂ, ସଚିନ ସର୍ଜେରାଓ ଖିଲାରି, ଧରମବୀର, ପ୍ରଣବ ସୁରମା, ଏଚ୍. ହୋକାତୋ ସିମା, ସିମରନ, ନଭଦୀପ (ସମସ୍ତେ ପାରା-ଆଥ୍‌ଲେଟିକ୍ସ), ନୀତେଶ କୁମାର, ଥୁଲସିମଥି ମୁରୁଗେସନ, ନିତ୍ୟା ଶ୍ରୀ ସୁମାଥି ସିଭାନ, ମନୀଷା ରାମଦାସ (ସମସ୍ତେ ପାରା-ବ୍ୟାଡ୍‌ମିଣ୍ଟନ), କପିଲ ପରମାର (ପାରା-ଜୁଡୋ), ମୋନା ଅଗ୍ରୱାଲ, ରୁବିନା ଫ୍ରାନ୍ସିସ (ଉଭୟେ ପାରା-ଶୁଟିଂ), ସରବଜୋତ ସିଂ, ସ୍ୱପ୍ନିଲ ସୁରେଶ କୁସାଲେ (ଉଭୟେ ଶୁଟିଂ), ଅଭୟ ସିଂ (ସ୍କାଶ୍), ସାଜନ ପ୍ରକାଶ (ସୁଇମିଂ), ଅମନ ଶେରାୱତ (ରେସଲିଂ)।

ଅର୍ଜୁନ (ଲାଇଫ୍‌ଟାଇମ୍): ସୁଚା ସିଂ (ଆଥ୍‌ଲେଟିକ୍ସ), ମୁରଲୀକାନ୍ତ ରାଜାରାମ ପେଟକର (ପାରା-ସୁଇମିଂ)।

ଦ୍ରୋଣାଚାର୍ଯ୍ୟ(ରେଗୁଲାର): ସୁଭାଷ ରାଣା (ପାରା-ଶୁଟିଂ), ଦୀପାଳି ଦେଶପାଣ୍ଡେ (ଶୁଟିଂ), ସନ୍ଦୀପ ସଙ୍ଗୱାନ (ହକି)।

ଦ୍ରୋଣାଚାର୍ଯ୍ୟ (ଲାଇଫ୍‌ଟାଇମ୍): ଏସ୍. ମୁରଲୀଧରନ(ବ୍ୟାଡ୍‌ମିଣ୍ଟନ), ଅର୍ମାଣ୍ଡୋ ଆଞ୍ଜେଲୋ କୋଲାକୋ (ଫୁଟ୍‌ବଲ)।

ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ: ଫିଜିକାଲ ଏଜୁକେଶନ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ।

ମୌଲାନା ଅବଦୁଲ କଲାମ ଆଜାଦ ଟ୍ରଫି: ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ।

## ପୁରସ୍କୃତ ହେବେ କିଟ୍‌ର ୪ ଛାତ୍ର


ପ୍ରବୀଣ କୁମାର ଜ୍ୟୋତି ୟାରାଜି ଅନୁ ରାଣୀ ସାଜନ ପ୍ରକାଶ

ଜାତୀୟ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା କ୍ରୀଡ଼ାବିତ୍‌ଙ୍କ ମଧ୍ୟରୁ ୪ ଜଣ ହେଉଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର। ପାରା ଆଥ୍‌ଲେଟ୍ ପ୍ରବୀଣ କୁମାର ଖେଳ ରତ୍ନ ପୁରସ୍କାର ପାଇବାକୁ ଯାଉଥିବାବେଳେ ସାଜନ ପ୍ରକାଶ, ଅନୁ ରାଣୀ ଓ ଜ୍ୟୋତି ୟାରାଜି ଅର୍ଜୁନ ପୁରସ୍କାରରେ ସମ୍ମାନିତ ହେବେ। କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରବୀଣ ସୋସିଓଲୋଜିରେ ଏମ୍‌ଏ, ସାଜନ ଏମ୍‌ସିଏ, ଅନୁ ଯୋଗରେ ଏମ୍‌ଏ ଏବଂ ୟାରାଜି ସୋସିଓଲୋଜିରେ ବିଏ ପଢୁଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୪ ଜଣ ଖେଳାଳି ଜାତୀୟ ପୁରସ୍କାର ପାଇବା ଆମ ପାଇଁ ଗର୍ବ ଓ ଗୌରବ ବୋଲି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି।

# ଜାତୀୟ ଲନ୍ ବଲ୍ସରେ ଓଡ଼ିଶାକୁ ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ନୂଆଦିଲ୍ଲୀରେ ଅନୁଷ୍ଠିତ ୯ମ ଜାତୀୟ ଏବଂ ୨୫ ବର୍ଷରୁ କମ୍ ୫ମ ଲନ୍ ବଲ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରି ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓମେନ୍ସ ପେୟାରରେ ଶ୍ୱେତଲନା ବକ୍ସି ଓ ରୋଶନି ସାହୁ ପଦକ ହାସଲ କରିଛନ୍ତି। ସେହିପରି ଓମେନ୍ସ ଟ୍ରିପଲ୍ସରେ ବିଷ୍ଣୁପ୍ରିୟା ମୋହିଦାର, ସାଇନା ନାଏକ ଓ ପଦ୍ମସିନି ପୁଟେଲ ଏବଂ ଓମେନ୍ସ ଫୋର୍ସରେ ବିଷ୍ଣୁପ୍ରିୟା, ପଦ୍ମସିନି, ରାଜଶ୍ରୀ ସେଠ୍ ଓ ରୋଶନି ସାହୁ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି।


ପଦକ ବିଜୟୀ ଓଡ଼ିଶାର ଲନ୍ ବଲ୍ସ ଖେଳାଳିମାନେ।

# ଶ୍ରୀଲଙ୍କାର ସାନ୍ତ୍ୱନାମୂଳକ ବିଜୟ

**ନେଲସନ, ୨।୧ (ଏପି)**

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚକୁ ଶ୍ରୀଲଙ୍କା ୭ ରନରେ ଜିତିନେଇଛି। କ୍ରମାଗତ ୨ଟି ମ୍ୟାଚରେ ପରାଜୟ ବରଣ ପରେ ଭ୍ରମଣକାରୀ ଦଳ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ତେବେ ଘରୋଇ ଦଳ ସିରିଜ ୨-୧ରେ ବିଜୟୀ ହୋଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କାଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି କୁସାଲ ପେରେରା। ସେ ମାତ୍ର ୪୪ବଲ୍‌ରେ ଜଣେ ଶ୍ରୀଲଙ୍କା ବ୍ୟାଟର ହିସାବରେ ଟି ୨୦ରେ ଦ୍ରୁତତମ ଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। କୁସାଲ ତାଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସରେ ୪୬ ବଲ୍ ସାମ୍ନା କରି ୧୩ ଚୌକା ଓ ୪ ଛକା ସହ ୧୦୧ ରନ ସଂଗ୍ରହ କରିଥିଲେ। ଅଧିନାୟକ ଚାରିଥ ଆସାଲାଙ୍କା (୪୬)ଙ୍କ ସହିତ ଶତକୀୟ ଭାଗୀଦାରି ବଳରେ ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୧୮ରନ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୧୧ରନ କରିଥିଲା। ଦଳର ଟପ୍ ସ୍କୋରର ସଚିନ ରବୀନ୍ଦ୍ର ୬୯ରନ କରିଥିବା ବେଳେ ଓପନର ଟିମ୍ ରବିନ ସନ ୩୭ ଏବଂ ଡେରିଲ ମିଚେଲ ୩୫ ରନ କରିଥିଲେ। ଚାରିଥ ଆସାଲାଙ୍କା ୩ ଓ ୱାନିନ୍ଦୁ ହସରଙ୍ଗା ୨ଟି ଉଇକେଟ ନେଇଥିଲେ।

# ବିଜେନ୍ଦରଙ୍କ ପିତୃ ବିୟୋଗ

**ନୂଆଦିଲ୍ଲୀ, ୨।୧ (ପି.ଟି.):** ଅଲିମ୍ପିକ ପଦକ ବିଜେତା ବକ୍ସର ବିଜେନ୍ଦର ସିଂଙ୍କ ପିତା ମହିପାଲ ସିଂଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଗତ କିଛି ସପ୍ତାହ ହେଲା ସେ ଅସୁସ୍ଥ ଥିଲେ। ୩୯ ବର୍ଷୀୟ ବିଜେନ୍ଦର ୨୦୦୮ ବେଜିଂ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ମହିପାଲଙ୍କ ଶେଷକୃତ୍ୟ ତାଙ୍କ ପୈତୃକ ଗ୍ରାମ ହରିୟାଣାର ଭିୱାନିଠାରେ ହେବ। ମହିପାଲ ହରିୟାଣା ରୋଡ୍‌ୱେଜ୍‌ରେ ଜଣେ ଡ୍ରାଇଭର ଭାବେ କାର୍ଯ୍ୟରତ ଥିଲେ। ବିଜେନ୍ଦରଙ୍କ ସ୍ୱପ୍ନ ସାକାର କରିବାକୁ ଯାଇ ସେ ଓଭରଟାଇମ୍ କାର୍ଯ୍ୟ କରୁଥିଲେ। ବିଜେନ୍ଦର ଗତବର୍ଷ ଭାଜପାରୁ ଆସି କଂଗ୍ରେସରେ ଯୋଗଦେଇଛନ୍ତି।



ଶ୍ରୀଲଙ୍କା ବିପକ୍ଷରେ ଟି୨୦ ସିରିଜ ବିଜୟୀ ନ୍ୟୁଜିଲାଣ୍ଡ ଦଳ।

# ଆୟାଂଶୁ, ଅଂଶୁମାନ, ସିଦ୍ଧାର୍ଥଙ୍କୁ ସୁଯୋଗ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ଚଳିତ ମାସ ୧୦ରୁ ୧୩ ପର୍ଯ୍ୟନ୍ତ ଆସାମର ଗୁଆହାଟୀଠାରେ ହେବାକୁ ଯାଉଥିବା ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ନିଜ ଦକ୍ଷତା ଦେଖାଇବା ପାଇଁ ସୁଯୋଗ ପାଇଛନ୍ତି ଭୁବନେଶ୍ୱରର ୩ ଖେଳାଳି ଆୟାଂଶୁ ଦାସ, ଅଂଶୁମାନ ଦାସ ଓ ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ। ରାଜ୍ୟ ଦଳରେ ସ୍ଥାନ ପାଇଥିବା ଆୟାଂଶୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ୯ମ ଷ୍ଟାଣ୍ଡାର୍ଡରେ ପଢୁଛନ୍ତି। ଅଂଶୁମାନ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ଛାତ୍ର ହୋଇଥିବା ବେଳେ ସିଦ୍ଧାର୍ଥ ହାଇଟେକ ପବ୍ଲିକ ସ୍କୁଲରେ ଯୁକ୍ତ୨ ପଢୁଛନ୍ତି। ଏହି ୩ ହ୍ୟାଣ୍ଡବଲ ଖେଳାଳି କୋଚ ଗୌରୀ ଶଙ୍କର ମିଶ୍ରଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ